R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୬
ତିଥି: ଦ୍ୱିତୀୟା
୩୧ ଜୁଲାଇ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 296
31 July 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଛାଡ଼ିଲା ବର୍ଷା, ବନ୍ୟା ଆଣିଲା ଦୁର୍ଦ୍ଦଶା

ଭୁବନେଶ୍ୱର,୩୦।୭,(ସବ୍ୟୁ): ରାଜ୍ୟରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ୨୦ ଜିଲ୍ଲା ପ୍ରଭାବିତ ହୋଇଛି । ମୋଟ ୧୦୦ ବ୍ଲକ୍, ୫୩୯ ଗ୍ରାମପଞ୍ଚାୟତ, ୧୪୫୮ ଗାଁ ଜଳବନ୍ଦୀ ସ୍ଥିତିରେ ରହିଛି । ଫଳରେ ୭ ଲକ୍ଷ ୫ ହଜାର ୨୩୨ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ବର୍ଷା ଛାଡ଼ିଛି, ହେଲେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଛି । ଏବେବି ଲକ୍ଷାଧିକ ଲୋକ ନିଜ ଘରଦ୍ୱାର ଛାଡ଼ି ବାହାରେ ପାଲ ଟାଣି ଅସ୍ଥାୟୀ ରହିଛନ୍ତି । ଆଉ କିଛି ଲୋକ ପାଣି ଘେରରେ ରହିଥିବା ଖବର ଆସିଛି । ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ସେବା କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି । ଗୁରୁବାର ( ୯ ପୃଷ୍ଠାରେ)



- ବନ୍ୟାରେ ୨୦ ଜିଲ୍ଲା ପ୍ରଭାବିତ
- ୫୩୯ ପଞ୍ଚାୟତର ୧୪୫୮ ଗାଁ ଜଳମଗ୍ନ
- ୭ ଲକ୍ଷ ଲୋକ କ୍ଷତିଗ୍ରସ୍ତ

## ଆକାଶମାର୍ଗରୁ ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଭୁବନେଶ୍ୱର,୩୦।୭,(ସବ୍ୟୁ): ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଆକାଶମାର୍ଗରୁ ହେଲିକପଟର ଯୋଗେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ପରିଦର୍ଶନ କରି ବିସ୍ତୃତ ସମୀକ୍ଷା କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ଗସ୍ତ ପୂର୍ବରୁ ଲୋକସେବା ଭବନଠାରେ ବନ୍ୟା ପରିସ୍ଥିତି ସମ୍ପର୍କରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ ।

ମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ସେହିପରି ନଦୀ ଓ ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମିର ନିରନ୍ତର ତଦାରଖ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ( ୯ ପୃଷ୍ଠାରେ)



## ମହାନଦୀରେ ଆସୁଛି ବନ୍ୟା

ଭୁବନେଶ୍ୱର,୩୦।୭,(ସବ୍ୟୁ): ଉପରମୁଣ୍ଡରେ ଲଗାଣ ବର୍ଷା ପ୍ରଭାବରେ ଫୁଲୁଛି ମହାନଦୀ । ବୁଡ଼ିଛି ରାସ୍ତା, ଗାଁଗଣ୍ଡାରେ ପଶିଛି ବନ୍ୟା ପାଣି । ସୋନପୁରରୁ ବୌଦ୍ଧ, ବିନିକାରୁ ବାଙ୍କୀ, ଆଠଗଡ଼ରୁ ନରସିଂହପୁର ସବୁଠି ଏବେ ବନ୍ୟାର ଭୟଓ ବିପର୍ଯ୍ୟୟର ଚିତ୍ର । ସେପଟେ ହୀରାକୁଦକୁ ଉପରମୁଣ୍ଡରୁ ଜଳ ପ୍ରବାହ ବୃଦ୍ଧି ପାଇଛି । ଫଳରେ ହୀରାକୁଦରେ ଜଳସ୍ତର ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ବିପୁଳ ପରିମାଣର ବନ୍ୟା ପାଣି ପଶୁଛି । ଗୁରୁବାର ରାତି ସୁଦ୍ଧା କଟକ ମୁଣ୍ଡଳୀ ଦେଇ ୯ ଲକ୍ଷ କ୍ୟୁସେକ୍ ପାଣି ଅତିକ୍ରମ କରିବା ଆକଳନ କରାଯାଉଛି । ଫଳରେ ମହାନଦୀର ବିଭିନ୍ନ ଶାଖାନଦୀରେ ବନ୍ୟା ଆସିବ । ପ୍ରଭାବିତ ଆଶଙ୍କା ଥିବା କେନ୍ଦ୍ରାପଡ଼ା, କଟକ ଓ ପୁରୀ ଜିଲ୍ଲାର ତଳି ଅଞ୍ଚଳକୁ ସତର୍କ ସୂଚନା ଜାରି ହୋଇଛି ।

- ମୁଣ୍ଡଳୀରେ ପ୍ରବାହିତ ହେବ ୯ ଲକ୍ଷ କ୍ୟୁସେକ ଜଳ
- ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ାକୁ ସତର୍କତା
- ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସ୍କୁଲ, କଲେଜ ଛୁଟି

ମହାନଦୀରେ ଆସୁଥିବା ବନ୍ୟା ନେଇ ସତର୍କ କରାଇଛନ୍ତି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ । ସେ କହିଛନ୍ତି, ଗୁରୁବାର ରାତି ଓ ଶୁକ୍ରବାର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାତି ସୁଦ୍ଧା ମୁଣ୍ଡଳୀ ଦେଇ ୯ ଲକ୍ଷ କ୍ୟୁସେକ୍ ଜଳ ପାସ୍ କରିବ । ଫଳରେ ମହାନଦୀର ଶାଖା ନଦୀ ଲୁଣା, କରାଣ୍ଡିଆ, ଚିତ୍ରପ୍ରୋଳା, ପାଇକା ଏବଂ ଦେବୀ ନଦୀରେ ବନ୍ୟା ଆସିବ । କନ୍ଦଳ, କୁଶଭଦ୍ରା, ଭାର୍ଗବୀ, ଦୟା ନଦୀରେ ( ୯ ପୃଷ୍ଠାରେ)

## କ୍ଷେତ-ପଥ ଜଳାର୍ଣ୍ଣବ:ବଢୁଛି ବନ୍ୟା ଦୁର୍ଗତଙ୍କ ଯାତନା

ଭଦ୍ରକ/ଧାମନଗର/ଭଣ୍ଡାରିପୋଖରୀ/ ଦୋବଲ/ ତିହିଡି, ୩୦।୭,(ସବ୍ୟୁ): ବୈତରଣୀ ନଦୀର ଆଖୁଆପଦା ଠାରେ ନଦୀର ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଥିଲେହେଁ ତଳ ମୁଣ୍ଡରେ ବଢୁଛି ଲୋକଙ୍କ ଦୁର୍ଦ୍ଦଶା । ଘରେ ବନ୍ୟାପାଣି ପଶିଯିବାରୁ ବହୁ ବିପନ୍ନ ଲୋକେ ଗୋରୁ ଗାଈଙ୍କ ସହ ପିଲାପିଲିଙ୍କୁ ଧରି ବନ୍ଧ ଉପରେ ଆଶ୍ରୟ ନେଇଛନ୍ତି । କୋହଲା ପବନ ସହ ତୁହାକୁ ତୁହା ବର୍ଷା ପାଇଁ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି । ସରକାରଙ୍କ ପକ୍ଷରୁ ୧ହଜାର ପଲିଥିନ ଯୋଗାଇ ଦିଆଯାଇଥିଲେ ମଧ୍ୟ ବିପନ୍ନଙ୍କ ପାଖରେ ଏଯାଏଁ ପଲିଥିନ୍ ଓ ଗୋଖାଦ୍ୟ ପହଂଚି ନଥିବାରୁ ଆସନ୍ତୋଷ ପ୍ରକାଶ ପାଇଛି । ଏହି ବନ୍ୟାରେ ଧାମନଗର ବ୍ଲକର ୩୦ ପଞ୍ଚାୟତ,ଧାମନଗର ଏନଏସିର ୧୧ ୱାର୍ଡ ସମେତ ଧୂଷୁରୀ ଏନଏସିର ୧୪

### ଦୁର୍ଦ୍ଦିନରେ ପଶୁସମ୍ପଦ,ପଲିଥିନ ଓ ଗୋଖାଦ୍ୟ ଯୋଗାଇବାକୁ ଦାବି

ୱାର୍ଡକୁ ମିଶାଇ ୧୬୮ଟି ଗ୍ରାମ ପ୍ରଭାବିତ ହୋଇଥିବା ଜଣାଯାଇଛି । ଗୁରୁବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ଜଣାଯାଇଛି ।

ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । ସ୍ଥାନାନ୍ତର ଓ ବିପନ୍ନଙ୍କ ପାଇଁ ଏହି ରନ୍ଧା ଖାଦ୍ୟ ଯୋଗାଣ ଦାୟିତ୍ୱ ଶାସକ ଦଳର କର୍ମୀଙ୍କୁ ଦିଆଯାଉଛି ବୋଲି ଧାମନଗର ବିଡ଼ିଓଙ୍କ ବିରୋଧରେ ଜିଲ୍ଲାପାଳଙ୍କ ପୂର୍ବତନ ବ୍ଲକ ଅଶୋକ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ ମଲ୍ଲିକ,ସମିତି ସଭ୍ୟ ଭାରତବିଜୟ ଦଳାଇ,ଛାତ୍ର ବିଜେଡି ସଭାପତି ପ୍ରକାଶ ବେହେରା,ସନ୍ଦୀପ ସ୍ୱାଇଁଙ୍କ ସମେତ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଦୋବଲ ପଟୁ ବନ୍ୟା କମୁଥିବା ବେଳେ ଧୂଷୁରୀ ଓ ଅସୁରାଳି ଅଂଚଳରେ ସ୍ଥିତି ସଙ୍ଗୀନ ହେଉଛି । ଦୀର୍ଘ ସମୟ ଧରି ବିଲ ମଝିରେ ଏକ ତାଳଗଛକୁ ଆଶ୍ରାକରି ମୃତ୍ୟୁ ସହ ସଂଗ୍ରାମ କରୁଥିବା ନଦୀଗାଁ ଅଂଚଳର ଜଣେ ଚାଷୀକୁ ଉଦ୍ଧାର କରିଛି ଓଡ୍ରାଫ୍ ଟିମ । ଏଥି ସହିତ ଜଣେ ପ୍ରସୂତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଂଚାଇଛି ଏହି ଟିମ ।

ବନ୍ୟା ପାଇଁ ( ୯ ପୃଷ୍ଠାରେ )

## ମେଡିକାଲ ପିଜି ପ୍ରଶ୍ନପତ୍ର ଲିକ୍ !

ଭୁବନେଶ୍ୱର,୩୦।୭,(ସବ୍ୟୁ): ଅଲ୍ ଓଡ଼ିଶା ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ନେଇ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । ପରୀକ୍ଷା ପୂର୍ବରୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ଉଠିଛି । ଏହି ଘଟଣା ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୋଗ ଅନୁସାରେ ପରୀକ୍ଷା ଆରମ୍ଭ ପୂର୍ବରୁ ହିଁ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ପ୍ରଶ୍ନପତ୍ର ପୋଷ୍ଟ କରାଯାଇଥିଲା ।

କେବଳ ସେତିକି ନୁହେଁ କିଛି ନିର୍ଦ୍ଦିଷ୍ଟ ହ୍ୱାଟ୍‌ସଆପ୍ ନମ୍ବରରୁ ପ୍ରଶ୍ନର ଉତ୍ତର ମଧ୍ୟ ପଠାଯାଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଏହି ଅଭିଯୋଗ ୨୦୨୩-୨୬ ବ୍ୟାଚ୍‌ର ଜେନେରାଲ ( ୯ ପୃଷ୍ଠାରେ)

### କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଛତିଶଗଡ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

## ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଦିଆଯିବ ରିପୋର୍ଟ




- ଆଲୋଚନା ଜରିଆରେ ବାହାରିବ ସମାଧାନ ପନ୍ଥା

ନୂଆଦିଲ୍ଲୀ,୩୦।୭: ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ସମ୍ପର୍କରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି । ଏଥିରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ, ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଚିବ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଓଡିଶାର ଅଧିକାର, ଜନସାଧାରଣଙ୍କ ସ୍ୱାର୍ଥ ଓ ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ( ୯ ପୃଷ୍ଠାରେ)

### ସିଜେପିର ଆନ୍ଦୋଳନ

## ପ୍ରତିବାଦକାରୀଙ୍କ ବିରୋଧରେ ହେବନି ଆଇନଗତ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୩୦।୭: ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ପ୍ରତିବାଦ କରି ଗିରଫ ହୋଇଥିବା ପ୍ରତିବାଦକାରୀଙ୍କ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବନି । ମାତ୍ର ଯେଉଁମାନଙ୍କର ଅପରାଧୀକ ପୃଷ୍ଠଭୂମି ରହିଛି । ତାଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

କକ୍ରୋଜ ଜନତାପାର୍ଟି ପକ୍ଷରୁ ନିଟ୍ ପ୍ରଶ୍ନପତ୍ର ଲିକ ଘଟଣାରେ ନୂଆଦିଲ୍ଲୀରେ ବିକ୍ଷୋପ ହୋଇଥିଲା । ଏହି ବିକ୍ଷୋପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିଜେପି ସହ ହୋଇଥିବା ଆଲୋଚନା ସମୟରେ ପ୍ରତିବାଦକାରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଦିଲ୍ଲୀ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଜୁଲାଇ ୨୯ ସନ୍ଧ୍ୟା ସୁଧା



୧୩ଟି ମାମଲାର ପଞ୍ଜିକୃତ ହୋଇଥିଲା । ତେବେ ହୋଇଥିବା ସବୁ ଗିରଫଦାରୀ ଅଟକ ସମ୍ପର୍କରେ ସମୀକ୍ଷା କରାଯିବ । ପ୍ରତିବାଦକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ନାହିଁ । ଏହି ମାମଲାକୁ ବନ୍ଦ କରାଯିବା ଓ ଛାଡ ପ୍ରକ୍ରିୟା ବୋଲି ଧରାଯିବ । ଦିଲ୍ଲୀର ଗୃହମନ୍ତ୍ରୀ ଆଶିଷ ସୁଡ କହିଛନ୍ତି ଯେ, ଆମେ ଛାତ୍ରମାନଙ୍କ ସହ ରହିଛୁ । ଆମ ସରକାର ଯେଉଁ ପ୍ରତିଶ୍ରୁତି ଦିଆଯାଏ ତାକୁ ସମ୍ମାନ କରାଯାଏ । ଯଦି କୌଣସି ଅସମାଜିକ ତତ୍ତ୍ୱଙ୍କ ଅପରାଧିକ ପୃଷ୍ଠଭୂମି ଥିବ ଓ ଛାତ୍ର ଆନ୍ଦୋଳନରେ ସେମାନେ ହିଂସା କରିଥିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦିଆଯିବ । ଗତ ୨୦ ତାରିଖରେ ପ୍ରତିବାଦ ହୋଇଥିଲା । ପ୍ରତିବାଦକାରୀ ଓ ଦିଲ୍ଲୀ ପୋଲିସ ମଧ୍ୟରେ ଜନ୍ତରମନ୍ତର ଠାରେ ସଂସଦ ଚଲୋ ଅଭିଯାନ ସମୟରେ ( ୯ ପୃଷ୍ଠାରେ)





# ୪ଟି ଆମ୍ବର ମୂଲ୍ୟ ୨ଲକ୍ଷ

ଉତ୍ତର ପ୍ରଦେଶର ସହାରନପୁରର ଜଣେ କୃଷକ ସନ୍ଦୀପ ଚୌଧୁରୀ ବିଶ୍ୱର ସବୁଠାରୁ ଦାମୀ 'ମିୟାଜାକି' ପ୍ରଜାତିର ମାତ୍ର ୪ଟି ଆମ୍ବକୁ ପ୍ରାୟ ୨ ଲକ୍ଷ ଟଙ୍କାରେ ବିକ୍ରି କରି ଚର୍ଚ୍ଚାକୁ ଆସିଛନ୍ତି । କୃଷକ ସନ୍ଦୀପଙ୍କ ୩ ବର୍ଷର କଠିନ ପରିଶ୍ରମ ପରେ ଏହି ସଫଳତା ମିଳିଛି, ଯେଉଁଥିରେ ଜଣେ ଲୋକ ୧ କିଲୋଗ୍ରାମ ଓଜନର ୪ଟି ଆମ୍ବକୁ ୨ ଲକ୍ଷ ଟଙ୍କାରେ କିଣିଛନ୍ତି । ପ୍ରାରମ୍ଭରେ ଏହି ଡିଲ ୩.୫ ଲକ୍ଷ ଟଙ୍କାରେ ସ୍ଥିର ହୋଇଥିଲା, ମାତ୍ର ବ୍ୟକ୍ତି ଜଣକ ଏହି ଆମ୍ବଗୁଡ଼ିକୁ ନିଜ ମା'ଙ୍କ ପାଇଁ କିଣିବାକୁ ଚାହୁଁଥିବାରୁ ସନ୍ଦୀପ ଏହାର ଦାମ ୧.୩୯ ଲକ୍ଷ ଟଙ୍କା କମ୍ କରି ଦେଇଥିଲେ । ସନ୍ଦୀପଙ୍କ ବଗିଚାରେ ବର୍ତ୍ତମାନ ଏହି ପ୍ରଜାତିର ପ୍ରାୟ ୪୦ଟି ଗଛ ରହିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଯେତେବେଳେ ମିୟାଜାକି ଆମ୍ବ ଚାଷ ଆରମ୍ଭ କରିଥିଲେ, ସେତେବେଳେ ଲୋକମାନେ ଆମ୍ବ ଲକ୍ଷାଧିକ ଟଙ୍କାରେ କିପରି ବିକ୍ରି ହେବ ବୋଲି କହି ତାଙ୍କର ମଜାକ ଉଡ଼ାଉଥିଲେ । ମାତ୍ର ଆଜି ତାଙ୍କ ଉତ୍ପାଦିତ ଆମ୍ବ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇ ତାଙ୍କ ପରିଶ୍ରମର ଫଳ ଦେଇଛି ।

# ବିବାହରେ ମେକଅପ ମନା

ଆଫଗାନିସ୍ତାନରେ ତାଲିବାନ ଶାସନ ଆଧୀନରେ ବିବାହ ଓ ନିର୍ବନ୍ଧର କେତେକ ପାରମ୍ପରିକ ପ୍ରଥା ଉପରେ ନୂତନ କଟକଣା ଜାରି କରାଯାଇଛି । ନୂଆ ଫରମାନ ଅନୁଯାୟୀ, ବିବାହ ସମୟରେ କନ୍ୟା ମେକଅପ୍ କରିପାରିବେ ନାହିଁ, କେଶରେ ହେୟାର ଏକ୍ସଟେନ୍ସନ ଲଗାଇପାରିବେ ନାହିଁ କିମ୍ବା ଅତର ବ୍ୟବହାର କରିପାରିବେ ନାହିଁ । ଏହା ସହିତ ନିର୍ବନ୍ଧ ଓ ବିବାହ ସମୟରେ ମୁଦି ବଦଳାଇବା, ପରସ୍ପରକୁ ମେହେନ୍ଦି ଲଗାଇବା, ଏବଂ ନାଚ-ଗୀତ ଓ ସଙ୍ଗୀତ ଉପରେ ପୂର୍ବରୁ ଥିବା ନିଷେଧାଦେଶକୁ ଆହୁରି କଡ଼ାକଡ଼ି କରାଯାଇଛି । ଯାହା ସମ୍ପର୍କରେ ମସଜିଦର ମୌଲବୀମାନଙ୍କୁ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଫଗାନ ଗଣମାଧ୍ୟମ ଅନୁଯାୟୀ, ତାଲିବାନର କହିବା କଥା ଯେ ଏହିସବୁ ପ୍ରଥା ଇସଲାମୀୟ ଶିକ୍ଷା ଅନୁରୂପ ନୁହେଁ ଏବଂ ଏଥିରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ରହିଛି । ତେଣୁ ବିବାହ ଓ ନିର୍ବନ୍ଧ କେବଳ ଇସଲାମୀୟ ନିୟମ ଅନୁସାରେ ସମ୍ପାଦିତ ହେବ । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଆଫଗାନିସ୍ତାନରେ ସମସ୍ତ ବିୟୁଟି ପାର୍ଲରଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି ।



## ଇତିହାସ

୧୬୫୮ - ଔରଙ୍ଗଜେବ ନିଜକୁ ମୋଗଲ ସମ୍ରାଟ ରୂପେ ଘୋଷଣା କଲେ ।
୧୮୮୦- ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ପ୍ରେମଚାନ୍ଦଙ୍କ ଜନ୍ମ ।
୧୯୩୩- ଜାତିର ପିତା ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମ ଛାଡିଲେ ।
୧୯୪୭- ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ ମୁମତାଜ୍‌ଙ୍କ ଜନ୍ମ ।
୧୯୪୮ - କୋଲକାତାରେ ଦେଶର ପ୍ରଥମ ରାଜ୍ୟ ପରିବହନ ସେବା ସ୍ଥାପିତ ।
୧୯୮୦- ହିନ୍ଦୀ ଫିଲ୍ମରେ ମହାନ ପ୍ରଚ୍ଛଦପଟ ଗାୟକ ମହମ୍ମଦ ରଫିଙ୍କ ପରଲୋକ ।
୧୯୯୨- ନେପାଳ ରାଜଧାନୀ କାଠମାଣ୍ଡୁରେ ଥାଇଲାଣ୍ଡ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୧୩ ମୃତ ।
୧୯୯୩- କୋଲକାତାରେ ଦେଶର ପ୍ରଥମ ଭାସମାନ ସାମୁଦ୍ରିକ ସଂଗ୍ରହାଳୟ ଉଦ୍‌ଘାଟିତ ।

# ଟଙ୍କା ପାଇଁ ଲଣ୍ଡା ମହିଳା



ତାମିଲନାଡୁର ଏକ ଗାଁରେ ଦେଖିବାକୁ ମିଳିଛି ଏକ ଅଜବ ଧରଣର ଘଟଣା । ଏଠାରେ ଥିବା ୩ଜଣ ମହିଳା ଏକାବେଳେ ଲଣ୍ଡା ହୋଇ ଯାଇଛନ୍ତି । ଜଣେ ଅଜଣା କଲର ନିଜକୁ ସରକାରୀ ଅଧିକାରୀ ଭାବେ ପରିଚୟ ଦେଇ କରୋନା ଭଳି ଏକ ନୂଆ ରୋଗ କେଶରୁ ବ୍ୟାପୁଥିବା ସୂଚନା ଦେଇଥିଲେ । ସେହିଭଳି ଏଥିରୁ ବଞ୍ଚିବା ପାଇଁ ଲଣ୍ଡା ହେଲେ ସରକାରଙ୍କ ତରଫରୁ ୧୫ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲା । ଏହାସହ ଛାତ୍ରୀମାନଙ୍କୁ ୪୫ ହଜାର ଟଙ୍କା ସହ ଗୋଟିଏ ଲ୍ୟାପଟପ୍ ଏବଂ ପୁରୁଷମାନଙ୍କୁ ୬ ହଜାର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା । ଯାହା ଫଳରେ ଗାଁର ପ୍ରାୟ ୨୦ ଜଣ ଲୋକ ଲଣ୍ଡା ହେବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ । ଏପରିକି ତିନିଜଣ ମହିଳା ଲଣ୍ଡା ହୋଇଥିଲେ, ମାତ୍ର ଏହାର ପରଦିନ କୌଣସି ସରକାରୀ ଟିମ୍ ପହଞ୍ଚିନଥିଲେ କିମ୍ବା ଟଙ୍କା ମିଳିନଥିଲା । ଏପରିକି ସମ୍ପୃକ୍ତ ଫୋନ୍ ନମ୍ବରଟି ମଧ୍ୟ ବନ୍ଦ ଆସିବାରୁ ମହିଳାମାନେ ସେମାନେ ଏକ ବଡ଼ ଠକେଇ ଓ ଗୁଜବର ଶିକାର ହୋଇଛନ୍ତି ବୋଲି ବୁଝିପାରିଥିଲେ ।

# ହିମାଳୟର ହୀରା

ସାଧାରଣତଃ ଫୁଲଗୁଡ଼ିକର ଉଚ୍ଚତା କିଛି ଇଞ୍ଚ ହୋଇଥାଏ, ମାତ୍ର 'କେଞ୍ଚୋ' ବା 'ପଦ୍ମଚଲ' କୁହାଯାଉଥିବା ଦୁର୍ଲଭ ଫୁଲର ଲମ୍ବ ୨ ମିଟରରୁ ଅଧିକ ହୋଇଥାଏ । ସେହିଭଳି ଏହି ଫୁଲଟି ସମୁଦ୍ର ପତ୍ତନରୁ ୪ ହଜାର ମିଟରରୁ ଅଧିକ ଉଚ୍ଚତାରେ ଫୁଟିଥାଏ । ଏହା ହିମାଲୟନ୍ ଡାଇମଣ୍ଡ ବା ହିମାଳୟ ହୀରା ନାମରେ ମଧ୍ୟ ପରିଚିତ । ଏହି ଫୁଲ ବରଫ ପବନ ଓ ଅତ୍ୟଧିକ ଶୀତରେ ବି ସହଜରେ ବଞ୍ଚିରହିପାରେ, ଯେଉଁଠାରେ ସମତଳ ଅଞ୍ଚଳ ତୁଳନାରେ ଅମ୍ଳଜାନ ପ୍ରାୟ ୪୦% କମ୍ ଥାଏ । ଏହି ଦୁର୍ଲଭ ଫୁଲଟି ଉତ୍ତରାଖଣ୍ଡର 'ଭ୍ୟାଲି ଅଫ୍ ଫ୍ଲାୱାର୍ସ', ହିମକୁଣ୍ଡ ସାହିବ ଏବଂ ଗଙ୍ଗୋତ୍ରୀ ନ୍ୟାସନାଲ ପାର୍କ ଭଳି ଉଚ୍ଚ ହିମାଳୟ ଅଞ୍ଚଳରେ ଫୁଟିଥାଏ । ଜୁଲାଇ ଓ ଅଗଷ୍ଟ ମାସ ଏହା ଫୁଟିବାର ମୁଖ୍ୟ ସମୟ ହୋଇଥିବା ବେଳେ, ଅତ୍ୟନ୍ତ କଠିନ ରାସ୍ତା ଓ କମ୍ ଅମ୍ଳଜାନ ଥିବା ଅଞ୍ଚଳରେ ହେଉଥିବାରୁ ଏହାକୁ ଫୁଟିଥିବା ଦେଖିବା ଟ୍ରେକରମାନଙ୍କ ପାଇଁ କୌଣସି ସୌଭାଗ୍ୟଠାରୁ କମ୍ ମନେକରାଯାଏ ନାହିଁ ।



# ସୋସିଆଲ କୋଟ୍ସ



କଙ୍ଗନାଜୀଙ୍କୁ ତାଙ୍କ ଦଳରେ ହିଁ କେହି ଗୁରୁତ୍ୱ ଦେଇ ନଥାନ୍ତି । କେହି ତାଙ୍କୁ କୌଣସି ବଡ କଥାରେ ଗୁରୁତ୍ୱ ଦେବା ଆମେ ଦେଖିନୁ । ତେଣୁ ଆମେ କଣ ପାଇଁ ତାଙ୍କୁ ସିରିଏସ ଲି ନେବୁ ।
**ସୌରଭ ଦାସ, ସିଜେପି ପ୍ରବକ୍ତା**



ସେ ମୋ ବିଷୟରେ କହୁଛନ୍ତି, ସେ ଏବେ ପର୍ଯ୍ୟନ୍ତ ବେ ରୋଜଗାର ଅଛନ୍ତି । ତାଙ୍କ ବୟସରେ ମୋ ପାଖେ ଦୁଇ ଦୁଇଟି ଜାତୀୟ ପୁରସ୍କାର ଥିଲା ।
**କଙ୍ଗନା ରାଣାୱତ, ଅଭିନେତ୍ରୀ**



ରାସ୍ତା ଉପରେ ପିଲାଙ୍କ ଉପରକୁ ଟିଅର ଗ୍ୟାସ, ପାଣି ଓ ଲାଠି ଚାର୍ଜ କରିବତ ସେମାନଙ୍କ ଠାରୁ ଏଭଳି ଗାଳି ହିଁ ଶୁଣିବ ।
**ବିଶାଲ ଦଦଲାନୀ, ସିଙ୍ଗର**

# ଜେଲରେ ମିଳୁଛି ପିଜ୍ଜା ବର୍ଗର !

ସାଧାରଣତଃ ଜେଲ୍‌ର ନାଁ ଶୁଣିଲେ ଶୁଖିଲା ରୁଟି ଓ ପାଣିଆ ଡାଲି କଥା ମନକୁ ଆସିଥାଏ, ମାତ୍ର ବ୍ରିଟେନ୍‌ର ଏଚଏମପି ଫୋଷ୍ଟନ୍ ହଲ୍ ଜେଲ୍‌ରେ କଏଦୀମାନଙ୍କୁ ଭଲ ବ୍ୟବହାର ପାଇଁ ସ୍ୱାଦିଷ୍ଟ ଖାଦ୍ୟ ପୁରସ୍କାର ସ୍ୱରୂପ ଦିଆଯାଉଛି । ସୂଚନାଯୋଗ୍ୟ ଯେ, ଏହି ଜେଲ୍‌ରେ ମୋଟ୍ ସାତୋଟି ବ୍ୟାରକ୍ ରହିଛି ଏବଂ ପ୍ରତ୍ୟେକ ବ୍ୟାରକ୍‌ରେ ୩୦ରୁ ୬୦ ଜଣ କଏଦୀ ରହୁଛନ୍ତି । ମାସସାରା ଯେଉଁ ବ୍ୟାରକ୍‌ରେ ସବୁଠାରୁ କମ୍ ଝଗଡ଼ା ଓ ହିଂସା ହୋଇଥାଏ, ତାହାକୁ ବିଜେତା ଘୋଷଣା କରାଯାଇ ଜେଲ୍ କିଚେନ୍ ତରଫରୁ ରେଷ୍ଟୋରାଣ୍ଟ ପରି ପିଜା, ବର୍ଗର, କବାବ ଆଦି ପ୍ରସ୍ତୁତ କରି ଖାଇବାକୁ ଦିଆଯାଏ । ଜେଲ୍‌ରେ କଏଦୀ ଓ ଷ୍ଟାଫ୍‌ମାନଙ୍କ ମଧ୍ୟରେ ବଢୁଥିବା ମାରପିଟ୍ ଏବଂ ହିଂସାକୁ ହ୍ରାସ କରିବା ଲକ୍ଷ୍ୟରେ ଜେଲ୍ ପ୍ରଶାସନ ଏହି ପୁରସ୍କାର ଯୋଜନା ଆରମ୍ଭ କରିଛି । ଏହା ସହିତ ବିବାଦ ବଢ଼ିବା ପୂର୍ବରୁ ସମାଧାନ କରିବା ପାଇଁ କିଛି କଏଦୀଙ୍କୁ 'ପିସ୍‌କିପର' ଭାବେ ମଧ୍ୟ ନିଯୁକ୍ତ କରାଯାଇଛି ।



## ହସକଥା

**ଗରାଖ:** ଆଜ୍ଞା, ଆପଣଙ୍କ ହୋଟେଲ୍‌ରେ 'ଭେଜିଟେରିଆନ୍ ଚିକେନ୍ ବିରିୟାନୀ' ମିଳିବ କି ?
**ହୋଟେଲ ମାଲିକ:** ହଁ ନିଶ୍ଚୟ ମିଳିବ ।
**ଗରାଖ:** ଚିକେନ୍ ପୁଣି ଭେଜିଟେରିଆନ୍ କେମିତି ହେବ ?
**ହୋଟେଲ ମାଲିକ:** କାହିଁକି ହେବନି ? ଯେଉଁ କୁକୁଡ଼ା ଜୀବନସାରା ଖାଲି ଦାନା ଓ ଘାସ ଖାଇଛି, ସିଏ କ'ଣ ଶାକାହାରୀ ନୁହେଁ କି ! ସେଇଥିପାଇଁ ତାର ନାଁ ଭେଜିଟେରିଆନ୍ ଚିକେନ୍ !

# ସେଲିବ୍ରିଟିଙ୍କ ସାହାଯ୍ୟ

ଅଭିନେତା ସଲମାନ୍ ଖାନ୍, ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଆୟୁଷ୍ମାନ୍ ଖୁରାନା ଓ ତାଙ୍କ ପତ୍ନୀ ତାହିରା କଶ୍ୟପ ପୀଡ଼ିତଙ୍କ ସାହାଯ୍ୟ ପାଇଁ ଆଗେଇ ଆସିଛନ୍ତି । ସଲମାନ୍ ଖାନ୍ ତାଙ୍କ ଚାରିଟେବୁଲ୍ ସଂସ୍ଥା 'ବିଂ ହ୍ୟୁମାନ୍' ଏବଂ ସ୍ଥାନୀୟ ଫ୍ୟାନ୍ କ୍ଲବ୍ ମାଧ୍ୟମରେ ପ୍ରଭାବିତ ଅଞ୍ଚଳରେ ପ୍ରସ୍ତୁତ ଖାଦ୍ୟ, ପାନୀୟ ଜଳ, ଔଷଧ, ସାନିଟାରୀ ପ୍ୟାଡ୍, ମଶା ଘଉଡାଇବା କ୍ରିମ୍ ଆଦି ଜରୁରୀ ସାମଗ୍ରୀ ବାଣ୍ଟିବା ସହ ଆଗାମୀ ଦିନରେ ଶୁଖିଲା ରାସନ୍, ଅସ୍ଥାୟୀ ଆଶ୍ରୟ ସାମଗ୍ରୀ ଏବଂ କ୍ଷତିଗ୍ରସ୍ତ ବିଦ୍ୟାଳୟ ଓ ଡାକ୍ତରଖାନାର ପୁନର୍ନିର୍ମାଣରେ ସାହାଯ୍ୟ କରିବାକୁ ଘୋଷଣା କରିଛନ୍ତି । ଅପରପକ୍ଷରେ, ଆଲିଆ ଭଟ୍ଟ ଇନଷ୍ଟାଗ୍ରାମରେ ଏକ ଭାବପୂର୍ଣ୍ଣ ପୋଷ୍ଟ ସେୟାର କରି ପ୍ରତିବର୍ଷ ଆସୁଥିବା ଏହି ବାର୍ଷିକ ବିପତ୍ତିରେ ୬୦ରୁ ଉର୍ଦ୍ଧ୍ୱ ଜୀବନ ଯିବା ଏବଂ ଲୋକେ ବାସହୀନ ହେବା ନେଇ ଦୁଃଖ ପ୍ରକାଶ କରିଛନ୍ତି । ଏହାସହ ଦେଶବାସୀଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି । ସେହିପରି ଅସମ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଆର୍ଥିକ ଯୋଗଦାନ ଦେଇ ଆୟୁଷ୍ମାନ୍ ଖୁରାନା ଓ ତାହିରା କଶ୍ୟପ ଉଦ୍ଧାର କାର୍ଯ୍ୟକୁ ସମର୍ଥନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଆସାମରେ ଜାରିଥିବା ପ୍ରବଳ ବର୍ଷା ଯୋଗୁଁ ଏହାର ଅନେକ ଜିଲ୍ଲାରେ ୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୭୫ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇସାରିଛି ।





**ମେଷ:** କର୍ମକ୍ଷେତ୍ରେ ସଫଳତା, ନୂତନ ଚୁକ୍ତି ସମ୍ପାଦନ, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଶରୀର ସୁସ୍ଥ, ଅର୍ଥସମସ୍ୟା ସମାଧାନ, ଆନନ୍ଦଦାୟକ ଭ୍ରମଣ, ବନ୍ଧୁତା ସ୍ଥାପନ, ସମ୍ମାନଲାଭ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ସଫଳତା ପ୍ରାପ୍ତି, ଅର୍ଥଲାଭ, ଶତ୍ରୁରେ ବିଜୟ, ଶରୀର ସୁସ୍ଥ, ବ୍ୟବସାୟିକଖୁସି, ଯାତ୍ରା ସଫଳ, ସନ୍ତାନଲାଭ, ସହଯୋଗବୃଦ୍ଧି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ପ୍ରେମସମସ୍ୟା, କିଛି କାର୍ଯ୍ୟରେ ବିଳମ୍ବ, ବନ୍ଧୁସାହାଯ୍ୟ, କଚେରୀମାମଲା ସମାଧାନ, ଦେବଦର୍ଶନ, ବ୍ୟକ୍ତିସମସ୍ୟା, ବିଦ୍ୟାରେ ସଫଳତା, ଗୃହେ ସହଯୋଗ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା-ମା' ଭୁବନେଶ୍ୱରୀ ।

**କର୍କଟ:** ମାନସିକଶାନ୍ତି, ନୂତନବନ୍ଧୁଲାଭ, ଅତିଥିସତ୍କାର, ଅନୁଷ୍ଠାନରୁ ଲାଭ, ଶୁଭଖବର, ନୂତନ ଚୁକ୍ତି ସମ୍ପାଦନ, ଶତ୍ରୁରେ ବିଜୟ, ଅର୍ଥଲାଭ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୭, ଆରାଧନା-ଶଙ୍କରଭଗବାନ ।

**ସିଂହ:** ପ୍ରୀତିବୃଦ୍ଧି, କର୍ମକ୍ଷେତ୍ରେ ପ୍ରଶଂସା, ଲୋକସମ୍ପର୍କରେ ଉନ୍ନତି, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରା ସଫଳ, ଅର୍ଥଲାଭ, ମାନସିକଶାନ୍ତି, ସନ୍ଥଦର୍ଶନ, ସ୍ୱାଦିଷ୍ଟ ଭୋଜନ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ସହଯୋଗବୃଦ୍ଧି, ବିଦ୍ୟାରେ ସଫଳତା, ଅର୍ଥ ସମସ୍ୟା, କାର୍ଯ୍ୟକ୍ଷେତ୍ରେ ପରିଶ୍ରମ, ଜମିବାଡ଼ି କଳହ, ଅଯଥା ଖର୍ଚ୍ଚାନ୍ତ, ବନ୍ଧୁଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୮, ଆରାଧନା-ଶ୍ରୀରାଧା ।

**ତୁଳା:** ଅର୍ଥଚିନ୍ତା, ବ୍ୟବସାୟରେ ଉନ୍ନତି, ଦାମ୍ପତ୍ୟକଳହ, ସନ୍ତାନଲାଗି ସମସ୍ୟା, ଶତ୍ରୁ ପରାଜିତ, ସର୍ବଜନ ବିରୋଧ, ବିଶିଷ୍ଟ କାର୍ଯ୍ୟରେ ଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା , ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା:** କିଛିକାର୍ଯ୍ୟକୁ ନେଇ ଚିନ୍ତା, ସମ୍ପତ୍ତିଲାଭ, ପରିବାରରେ ଆନନ୍ଦ, ଦାମ୍ପତ୍ୟଖୁସି, ଅର୍ଥଲାଭ, ସୁମିଷ୍ଟ ଭୋଜନ, ଦୂରଯାତ୍ରା ସଫଳ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା-ବାବା ଲୋକନାଥ ।

**ଧନୁ:** ଲାଭର ଦିନ, ବିବାଦ ସମାଧାନ, କର୍ମକ୍ଷେତ୍ରେ ପ୍ରଶଂସା, ଶୁଭଖବର, ଲୋକସମ୍ପର୍କବୃଦ୍ଧି, ପାରିବାରିକ ସମସ୍ୟା, ସନ୍ତାନକଷ୍ଟ, କିଛି ବ୍ୟକ୍ତିଙ୍କ ସମାଲୋଚନା, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପିତାମାତାଙ୍କ ସେବା ।

**ମକର:** ଶୁଭକାର୍ଯ୍ୟରେ ଧନବ୍ୟୟ, ଧର୍ମକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କବୃଦ୍ଧି, ଶତ୍ରୁ ପରାଜିତ, ନୂତନ କର୍ମଆରମ୍ଭ, ଦ୍ରବ୍ୟ କ୍ରୟ ବିକ୍ରୟ, ଗୁରୁଜନଙ୍କ ଆଶୀର୍ବାଦ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୯, ଆରାଧନା-ଜଗନ୍ନାଥ ମହାପ୍ରଭୁ ।

**କୁମ୍ଭ:** ନୂତନ ଚୁକ୍ତି, ଅର୍ଥ ସମସ୍ୟା, କାର୍ଯ୍ୟରେ ପ୍ରଶଂସା, ଦୂରଯାତ୍ରା ପାଇଁ ଶୁଭ ଆଲୋଚନା, ଦାମ୍ପତ୍ୟଖୁସି, ଅଯଥା ଅଶାନ୍ତି, ଶତ୍ରୁସମସ୍ୟା, ଭ୍ରାତୃକଳହ, ବିଦ୍ୟାଲାଭ, ଦେବଦର୍ଶନ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ବୃନ୍ଦାବତୀ ।

**ମୀନ:** ଯାତ୍ରାରେ ସତର୍କ, ଦ୍ରବ୍ୟନଷ୍ଟ, ସମ୍ମାନହାନି, କର୍ମକ୍ଷେତ୍ରେ ସ୍ୱଳ୍ପଲାଭ, ଅଯଥା ବିବାଦ, ଗୃହେ ଶୁଭ ଆଲୋଚନା, ଶତ୍ରୁସମସ୍ୟା, ଚୋରିଭୟ, ବନ୍ଧୁସାହାଯ୍ୟ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ଶ୍ରାବଣ କୃଷ୍ଣପକ୍ଷ ଦ୍ୱିତୀୟା**
**୩୧.୭.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ୧.୪୨କୋଟି ଋଣ ନେଇ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନକଲି ଜମି କାଗଜରେ ୧.୪୨କୋଟି ଋଣ ନେଇ ଠକେଇ କରିଥିବା ଅଭିଯୁକ୍ତକୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ନକଲି କାଗଜରେ ଋଣ ନେଇଥିଲେ ମଧ୍ୟ ମାସିକ କିସ୍ତି ଅଭିଯୁକ୍ତ ଆଦୌ ସୁଝିଲେ ନାହିଁ । ଯାହା ଫଳରେ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ । ମିହିର କୁମାର ପାଇକରାୟ ନାମକ ଜନୈକ ବ୍ୟକ୍ତି ଆଇସିଆଇସିଆଇ ବ୍ୟାଙ୍କର ଭୁବନେଶ୍ୱର ମୁଖ୍ୟ ଶାଖାରେ ଋଣ ଆବେଦନ କରିଥିଲେ । ସେ ଯେଉଁ ଜମି କାଗଜ ବ୍ୟାଙ୍କରେ ଦାଖଲ କରିଥିଲେ ତାହା ନକଲି ବୋଲି ପରେ ବ୍ୟାଙ୍କ ଜାଣିପାରିଥିଲା । କେବଳ କାଗଜପତ୍ର ନକଲି ନୁହେଁ, ଋଣ ନେବା ପରେ ମାସିକ କିସ୍ତି ମିହିର ସୁଝିଲେ ନାହିଁ । ବ୍ୟାଙ୍କ ଅଡିଟ୍ ହେବା ପରେ ଆଞ୍ଚଳିକ ମୁଖ୍ୟ ସୁକାନ୍ତ ନାୟକ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁର ତଦନ୍ତକାରୀ ଟିମ୍ ଛାନ୍‌ଭିନ୍ କରି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପରେ ମିହିର କୁମାର ପାଇକରାୟଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।



ବନ୍ୟା ଦୁର୍ଗତ ଅଞ୍ଚଳ ପାଇଁ ରିଲିଫ୍ ପ୍ରସ୍ତୁତି



ଆକାଶମାର୍ଗରୁ ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

## ବନ୍ୟା ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ

# ସମ୍ବେଦନଶୀଳ ଅଞ୍ଚଳରେ ଅଧିକାରୀ ମୁତୟନ

ଭୁବନେଶ୍ୱର (ସବ୍ୟୁ): ନଦୀ ଓ ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମିର ନିରନ୍ତର ତଦାରଖ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ଆହୁରି ଜୋରଦାର କରାଯାଇଛି। ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟରତ ଥିବାବେଳେ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନିରନ୍ତର ନଜର ରଖିବା ଓ ଆବଶ୍ୟକ ସ୍ଥଳରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅତିରିକ୍ତ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ବରିଷ୍ଠ କ୍ଷେତ୍ର ଯନ୍ତ୍ରୀମାନେ ନଦୀ, ବନ୍ଧ



ଏବଂ ଅନ୍ୟାନ୍ୟ ବନ୍ୟା ସୁରକ୍ଷା ଭିତ୍ତିଭୂମି ଉପରେ ନିରନ୍ତର ନଜର ରଖିଛନ୍ତି। ପ୍ରସ୍ତୁତି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ କ୍ଷୁଦ୍ର ଜଳସେଚନ , ମେଗା ଲିଫ୍ଟ ଜଳସେଚନ, କ୍ୱାଲିଟି ଆସୁରାନ୍ସ ଏବଂ ସର୍ଭେ ଓ ଇନଭେଷ୍ଟିଗେସନ୍ ଶାଖାର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ରଖାଯାଇଛି। ଆବଶ୍ୟକତା ପଡ଼ିଲେ ସ୍ୱଳ୍ପ ସମୟର ସୂଚନାରେ ସେମାନେ ତୁରନ୍ତ କ୍ଷେତ୍ରକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି।

ଏହି ପରିପ୍ରେକ୍ଷୀରେ, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ବେସିନ୍ ସିଷ୍ଟମ୍ ର ମୁଖ୍ୟ ଯନ୍ତ୍ରୀ ଆଳି ବ୍ଲକ ଅଧୀନ ଗୋବିନ୍ଦପୁର ମହାଦେବ ମନ୍ଦିର ନିକଟସ୍ଥ ଖରସୁଆଁ ନଦୀର ଓଏଇ-୯ବି ପାଣିଉଛୁଳିଥିବା ସ୍ଥାନର ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ସେହି ପାଣିଉଛୁଳିଥିବା ସ୍ଥାନରେ ବାଲିବସ୍ତା ବ୍ୟବହାର କରି ପାଣି ପ୍ରବାହକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇଥିବା ବେଳେ, ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକସ୍ଥଳେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଯନ୍ତ୍ରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ୟା ଓ ଜଳବନ୍ଦୀ ସ୍ଥିତି

# ତୁରନ୍ତ ଜଳ ନିଷ୍କାସନ ଓ ରିଲିଫ୍ କାର୍ଯ୍ୟ ପାଇଁ ନଗର ଉନ୍ନୟନ ବିଭାଗ ସମ୍ପୂର୍ଣ୍ଣ ଆଲର୍ଟ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ବିଭିନ୍ନ ଅଞ୍ଚଳରେ, ବିଶେଷକରି ଉତ୍ତର ଓଡ଼ିଶା ଏବଂ ବାଲେଶ୍ୱର , ଭଦ୍ରକ, ଯାଜପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଜଳ ବନ୍ଦି ସ୍ଥିତିର ମୁକାବିଲା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ସହରାଞ୍ଚଳରେ ଲୋକଙ୍କ ସୁରକ୍ଷା, ଜଳ ନିଷ୍କାସନ ଏବଂ ଆବଶ୍ୟକ ରିଲିଫ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଡଃ ମହାପାତ୍ର କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ କେତେକ ସହରାଞ୍ଚଳରେ ସ୍ୱାଭାବିକ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି ହେବାରୁ ଜଳବନ୍ଦୀ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ତୁରନ୍ତ ଜଳ ନିଷ୍କାସନ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ତ୍ତମାନର ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ନଗର ଉନ୍ନୟନ ବିଭାଗ ଅଧୀନ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ଅଧିକାରୀ ୨୪ ଘଣ୍ଟିଆ ଆଲର୍ଟରେ ରହିବା ସହ ନିଜ ନିଜ ଅଞ୍ଚଳର ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି । ବିଭାଗୀୟ କଣ୍ଟ୍ରୋଲ୍ ରୁମ୍ ଜରିଆରେ ବିଭିନ୍ନ ସହରାଞ୍ଚଳର ସ୍ଥିତିକୁ ନିୟମିତ ମନିଟରିଂ କରାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ତୁରନ୍ତ ସହାୟତା ପଠାଯାଉଛି । ଜଳମଗ୍ନ ଅଞ୍ଚଳଗୁଡ଼ିକରେ ଅତିରିକ୍ତ ପମ୍ପସେଟ୍ ନିୟୋଜନ କରି ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ କରାଯାଉଛି । ସହରାଞ୍ଚଳର ମୁଖ୍ୟ ରାସ୍ତା, ଆବାସିକ ଅଞ୍ଚଳ ଏବଂ ଅନ୍ୟାନ୍ୟ ଜଳମଗ୍ନ ସ୍ଥାନରୁ ଯଥାଶୀଘ୍ର ପାଣି ହଟାଇବା ପାଇଁ ୟୁ ଏଲ୍ ବି ଗୁଡ଼ିକରେ ଆବଶ୍ୟକ ଯନ୍ତ୍ରପାତି ଓ ମାନବ ସମ୍ବଳ ନିୟୋଜନ କରିବାକୁ କୁହାଯାଇଛି ।

ଏଥିସହ ଡ୍ରେନ୍, କଲଭର୍ଟ ଓ ଜଳ ନିଷ୍କାସନ ପଥରେ ଯେଉଁଠାରେ ବାଧା ସୃଷ୍ଟି ହୋଇଛି, ସେଗୁଡ଼ିକୁ ତୁରନ୍ତ ସଫା କରିବା ଏବଂ ଜଳ ପ୍ରବାହକୁ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ବିଶୁଦ୍ଧ ପାନୀୟ ଜଳ, ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଣ ସହ ଆଲୋକ ବ୍ୟବସ୍ଥା କରାଯାଉଛି । ଜନସାଧାରଣଙ୍କୁ ଆବଶ୍ୟକ ସମୟରେ ତୁରନ୍ତ ସହାୟତା ଯୋଗାଇବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ୟୁ ଏଲ୍ ବି ଗୁଡ଼ିକୁ ସଜାଗ ରଖାଯାଇଛି ।

**ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ; ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଜରିଆରେ ସ୍ଥିତି ଉପରେ କଡ଼ା ନଜର**

ଆବଶ୍ୟକ ସ୍ଥଳରେ ବିପଦସଙ୍କୁଳ ଓ ଅଧିକ ପ୍ରଭାବିତ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି । ଲୋକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ବନ୍ୟା ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ନିରନ୍ତର ସମନ୍ୱୟ ରଖି ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସହାୟତା ପହଞ୍ଚାଯାଉଛି ।

ପ୍ରତିବର୍ଷ ପ୍ରବଳ ବର୍ଷା ସମୟରେ କେତେକ ସହରାଞ୍ଚଳରେ ଦେଖାଦେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଏକ ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟର ସମସ୍ତ ୟୁ ଏଲ୍ ବି ପାଇଁ ଏକ ସୁଦୃଢ଼ 'ଷ୍ଟ୍ରମ୍ ଡ୍ରେନେଜ୍ ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରାଯିବ । ଏହି ମାଷ୍ଟର ପ୍ଲାନ୍‌ରେ ସହରାଞ୍ଚଳର ପ୍ରାକୃତିକ ଜଳ ପ୍ରବାହ, ଡ୍ରେନେଜ୍ ନେଟୱର୍କ, ଜଳ ଧାରଣ କ୍ଷମତା, ଅଧିକ ବର୍ଷା ସମୟରେ ଜଳ ପ୍ରବାହର ଚାପ, ନିଷ୍କାସନ ପଥ ଏବଂ ଭବିଷ୍ୟତର ସହରୀକରଣକୁ ବିଚାରକୁ ନିଆଯିବ । ଏହା ଆଧାରରେ ଆବଶ୍ୟକ ଡ୍ରେନ୍ ନିର୍ମାଣ, ପୁନରୁଦ୍ଧାର, ସମ୍ପ୍ରସାରଣ ଓ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ପ୍ରକଳ୍ପ ରିପୋର୍ଟ୍ ପ୍ରସ୍ତୁତ କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ଏହି ପଦକ୍ଷେପର ଲକ୍ଷ୍ୟ କେବଳ ବର୍ଷା ସମୟରେ ଜଳ ନିଷ୍କାସନ କରିବା ନୁହେଁ; ବରଂ ଭବିଷ୍ୟତରେ ସହରାଞ୍ଚଳକୁ ଅଧିକ ବନ୍ୟା-ପ୍ରତିରୋଧୀ ଓ ଜଳ ନିଷ୍କାସନ କରିବା ପାଇଁ ଏକ ଦୀର୍ଘସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା ଗଢ଼ି ତୋଳିବା । ରାଜ୍ୟ ସରକାର ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏହି ଚ୍ୟାଲେଞ୍ଜିଂ ସମୟରେ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧା ପାଇଁ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି । ତୁରନ୍ତ ଜଳ ନିଷ୍କାସନ ଓ ରିଲିଫ୍ କାର୍ଯ୍ୟ ସହିତ ଦୀର୍ଘମିଆଦୀ ଓ ସ୍ଥାୟୀ ସମାଧାନ ଉପରେ ମଧ୍ୟ ସରକାର ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ ଡଃ ମହାପାତ୍ର ସୂଚନା ଦେଇଛନ୍ତି ।

# ବିରିଘାଟରେ ଛାତ ଉପରେ ଫସିଥିବା ଲୋକଙ୍କ ନିକଟରେ ପହଞ୍ଚିଲା ଉଦ୍ଧାରକାରୀ ଦଳ

ଭୁବନେଶ୍ୱର, (ସବ୍ୟୁ) ନୂଆପଡ଼ା ଜିଲ୍ଲାର ଖରିଆର ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମ ନିକଟରେ ବଢୁଥିବା ବନ୍ୟାଜଳ ମଧ୍ୟରେ ଏକ ପୋଲଟ୍ରି ଫାର୍ମ ଘରର ଛାତ ଉପରେ ଫସି ରହିଥିବା ୮ ଜଣଙ୍କୁ ଅତ୍ୟନ୍ତ ସାହସିକତାର ସହ ସୁରକ୍ଷିତ ଉଦ୍ଧାର କରିଛି ଓଡ୍ରାଫ୍ ଟିମ୍। ସୂଚନାଯୋଗ୍ୟ ଯେ, ବନ୍ୟାଜଳ ବଢ଼ିବା ସହ ପରିସ୍ଥିତି ଜଟିଳ ହୋଇପଡ଼ିଥିଲା। ଚାରିପଟେ ବଢୁଥିବା ନଦୀଜଳ ମଧ୍ୟରେ ଫସିଥିବା ଲୋକଙ୍କ ପାଖରେ ପହଞ୍ଚିବା ଏକ କଠିନ ପରିସ୍ଥିତି ଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ତୁରନ୍ତ ଉଦ୍ଧାର ବ୍ୟବସ୍ଥା ଆରମ୍ଭ କରିଥିଲା। ଅଗ୍ନିଶମ ସେବା ବାହିନୀ ପକ୍ଷରୁ ମଧ୍ୟ ଉଦ୍ଧାର ପାଇଁ ପ୍ରୟାସ କରାଯାଇଥିଲା। ତେବେ ବଢୁଥିବା ଜଳସ୍ତର, ପ୍ରବଳ ଜଳସ୍ରୋତ ଓ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଉଦ୍ଧାର କାର୍ଯ୍ୟ ଚ୍ୟାଲେଞ୍ଜିଂ ହୋଇଥିଲା। ଏପରି ସମୟରେ



ଏସ୍‌ଆର୍‌ସି ଟିମ୍ ଓ ନୂଆପଡ଼ା ଜିଲ୍ଲା ପ୍ରଶାସନର ରାତିସାରା ନିରନ୍ତର ସମନ୍ୱୟ, ନିରୀକ୍ଷଣ ଓ ତ୍ୱରିତ ପଦକ୍ଷେପ ମଧ୍ୟରେ ବଲାଙ୍ଗୀରରୁ ଏକ ସ୍ୱତନ୍ତ୍ର ଓଡ୍ରାଫ୍ ଟିମ୍ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା।

ଉଦ୍ଧାର କାର୍ଯ୍ୟ ସମୟରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଖରିଆର ବିଡିଓ, ଅତିରିକ୍ତ ତହସିଲଦାର, ଆଇଆଇସି ଏବଂ ଏସ୍‌ଡିପିଓଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ନିରନ୍ତର ତଦାରଖ କରିଥିଲେ। ଲୋକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନିକ ଅଧିକାରୀ ଓ ଉଦ୍ଧାରକାରୀ ଦଳ ରାତିସାରା କ୍ଷେତ୍ରରେ ସକ୍ରିୟ ରହିଥିଲେ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଓଡ୍ରାଫ୍ ଟିମ୍ ରାତିସାରା ନିରନ୍ତର ପ୍ରୟାସ ଜାରି ରଖିଥିଲା। ସକାଳେ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସଫଳତାର ସହ ଉଦ୍ଧାର ଅଭିଯାନ ସମ୍ପନ୍ନ କରିଥିଲା। ପୋଲଟ୍ରି ଫାର୍ମ ଘରର ଛାତ ଉପରେ ଫସି ରହିଥିବା ସମସ୍ତ ୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିରାପଦ ସ୍ଥାନକୁ ନିଆଯାଇଥିଲା।

ଏହି ସଫଳ ଉଦ୍ଧାର ଅଭିଯାନ ଓଡ଼ିଶାର ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା, ତ୍ୱରିତ ପ୍ରତିକ୍ରିୟା ଏବଂ ଜନସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏକ ଉଦାହରଣ। ଏସ୍‌ଆର୍‌ସି, ନୂଆପଡ଼ା ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା ବାହିନୀ ଏବଂ ଓଡ୍ରାଫ୍ ଟିମ୍‌ର ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ବିପଦରେ ଥିବା ଲୋକଙ୍କ ନିକଟରେ ସମୟୋପଯୋଗୀ ସହାୟତା ପହଞ୍ଚିପାରିଥିଲା। ନିରନ୍ତର ନିରୀକ୍ଷଣ, ତ୍ୱରିତ ପଦକ୍ଷେପ ଏବଂ କ୍ଷେତ୍ରସ୍ତରରେ ସମନ୍ୱିତ କାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଲୋକଙ୍କ ନିକଟରେ ପହଞ୍ଚୁଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଚବିଶ ଘଣ୍ଟିଆଭିତ୍ତିରେ ପରିସ୍ଥିତି ଉପରେ ନଜର ରଖି ପ୍ରତ୍ୟେକଟି ନାଗରିକଙ୍କ ନିକଟରେ ପହଞ୍ଚିବା, ଜୀବନର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସମୟୋପଯୋଗୀ ସହାୟତା ଯୋଗାଇବା ପାଇଁ ପ୍ରତିବଦ୍ଧ।

# ପତ୍ନୀ ହତ୍ୟା : ସ୍ୱାମୀ ଓ ପ୍ରେମିକାକୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : ଆନ୍ସେଥେସିଆ ସାହାଯ୍ୟରେ ପତ୍ନୀଙ୍କୁ ହତ୍ୟା କରିଥିବା ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ପ୍ରଦ୍ୟୁମ୍ନ କୁମାର ଏବଂ ସହଯୋଗୀ ତାଙ୍କ ପ୍ରେମିକା ରୋଜି ପାତ୍ରଙ୍କୁ ଦ୍ୱିତୀୟ ଅତିରିକ୍ତ ସେସନ୍ ଜଜ୍ କୋର୍ଟ ବିଚାରପତି ବନ୍ଦନା କର ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଛି । ତପସ୍ୱିନୀ ନାୟକଙ୍କ କନ୍ୟା ସୁଭଶ୍ରୀ ନାୟକ (୨୬)ଙ୍କୁ ୨୦୨୦ ମସିହାରେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅଞ୍ଚଳର ବିଶ୍ୱରଞ୍ଜନ ଦାସଙ୍କ ପୁଅ ପ୍ରଦ୍ୟୁମ୍ନ କୁମାର (୨୪)କୁ ନୋଟାରୀ ମାଧ୍ୟମରେ ବିବାହ କରିଥିଲେ । ବିବାହ ପରେ ପ୍ରଦ୍ୟୁମ୍ନ ପନିଙ୍କୁ ନିର୍ଯାତନା ଦେବାରୁ ସେ ବିଜେବିନଗରରେ ମା'ଙ୍କ ପାଖରେ ରହୁଥିଲେ । ଏହି ସମୟ ମଧ୍ୟରେ ୨୦୨୪ ମସିହାରେ ପ୍ରଦ୍ୟୁମ୍ନ ଘରୋଇ ହସ୍ପିଟାଲର ନର୍ସ ରୋଜି ସହ ବନ୍ଧୁତା ସ୍ଥାପନ କରି ନିକଟତର ହୋଇଥିଲେ । ପରେ ରୋଜି ସେହି ହସ୍ପିଟାଲ ଛାଡି ଅନ୍ୟ ଏକ ହସ୍ପିଟାଲରେ ଚାକିରି କଲେ ।

ରୋଜିକୁ ପ୍ରଦ୍ୟୁମ୍ନ କହିଥିଲେ ଯେ, ସ୍ତ୍ରୀ ମୋତେ ନିର୍ଯାତନା ଦେଉଛି । ପ୍ରେମିକା ରୋଜି ଏକଥା ଶୁଣିବା ପରେ ଉଭୟେ ସିଆର୍‌ପି ଛକ ନିକଟରେ ମିଶି ଶୁଭଶ୍ରୀଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର କରିଥିଲେ । ୨୦୨୪ ମସିହା ନଭେମ୍ବର ୨୭ ତାରିଖରେ ଯୋଜନା ଅନୁଯାୟୀ ପ୍ରଦ୍ୟୁମ୍ନ ପନୀ ଶୁଭଶ୍ରୀଙ୍କୁ ଆଣିବା ପାଇଁ ବିଜେବିନଗର ଯାଇ ଭୁଲ୍ ମାଗିବା ସହ ସାଙ୍ଗରେ ଆଣି କେଶୁରାସ୍ଥିତ ନିଜ ଭଡାଘରକୁ ନେଇଥିଲେ । ପରଦିନ ସାଢେ ୧୧ଟା ବେଳେ ଶ୍ୟାମପୁରସ୍ଥିତ ରୋଜି ଭଡାଘରକୁ ଉଭୟେ ପତି-ପନୀ ଯାଇଥିଲେ । ଯୋଜନା ଅନୁଯାୟୀ ରୋଜି ହସ୍ପିଟାଲରୁ ଚୋରାଇ ଆଣିଥିବା ଆନ୍ସେଥେସିଆ ଇଞ୍ଜେକସନ ଜୋର୍ ଜବରଦସ୍ତ ଶୁଭଶ୍ରୀଙ୍କୁ ଦେଇଥିଲେ । ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଚତୁରତାର ସହ ଉଭୟେ ଶୁଭଶ୍ରୀଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇ ତାଙ୍କ ମା'ଙ୍କୁ ଫୋନ୍ କରି ଝିଅ ସମ୍ପର୍କରେ କହିଥିଲେ ।

ମା' ଝିଅର ଦେହ ଖରାପ କଥା ଶୁଣି ହସ୍ପିଟାଲରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଜ୍ୱାଇଁର ଭୂମିକାକୁ ସନ୍ଦେହ କରି ଶୁଭଶ୍ରୀଙ୍କ ମା' ଭରତପୁର ଥାନାରେ ଏତଲା କରିଥିଲେ । ଏତଲା ଅନୁଯାୟୀ ପୋଲିସ ସ୍ୱାମୀ ପ୍ରଦ୍ୟୁମ୍ନ ଓ ତାଙ୍କ ସହଯୋଗୀ ରୋଜିକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ମଧ୍ୟ ହୋଇଥିଲା । କୋର୍ଟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମୁଖ୍ୟ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

# ପୋଲିସ୍ ପାଖରେ ନୁହେଁ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ଅଭିଯୁକ୍ତ ଦୋଷ ସ୍ୱୀକାର କଲେ ତାହା ଗ୍ରହଣୀୟ: ହାଇକୋର୍ଟ

କଟକ,(ସବ୍ୟୁ): ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଜଣେ ଆସାମୀକୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆସାମୀକୁ ଯେଉଁ ପ୍ରମାଣକୁ ଆଧାର କରି ଦଣ୍ଡିତ କରାଯାଇଛି ତାହାକୁ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ପୁଲିସ୍ ଆଗରେ ଅଭିଯୁକ୍ତମାନେ ହତ୍ୟା ଦୋଷ ସ୍ୱୀକାର କରିଥିଲାବେଳେ ଏହି ଆଧାରରେ ସେମାନଙ୍କୁ ନିମ୍ନ ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଜଣେ ଅଭିଯୁକ୍ତ ପୁଲିସ୍ ଆଗରେ ଦୋଷ ସ୍ୱୀକାର କଲେ ତାହା ଗ୍ରହଣୀୟ ହୋଇପାରିବ ନାହିଁ । କେବଳ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ଅଭିଯୁକ୍ତ ଦୋଷ ସ୍ୱୀକାର କଲେ ତାହାକୁ ପ୍ରମାଣ ଭାବେ ନିଆଯାଇ ପାରିବ ବୋଲି ହାଇକୋର୍ଟ ଏହି ରାୟରେ ସ୍ପଷ୍ଟ କରିବା ସହ ଆସାମୀ କୃତିବାସ ବାଗ୍‌କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏହି ଆଦେଶ ଫଳରେ ଦୀର୍ଘ ୨୫ବର୍ଷ ପରେ ଆସାମୀ କୃତିବାସ ବାଗ୍ ସମସ୍ତ ଅଭିଯୋଗରୁ ମୁକ୍ତ ହୋଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ୨୦୦୦ ମସିହା ଜୁଲାଇ ୨୧ ରେ କୃତିବାସ ବାଗ୍, ଜୟନ୍ତୀ ବାଗ୍, ରୁସଭ ଦେହୁରୀ ଏବଂ ଗୋଲେଖ ତରିଆ ମିଳିମିଶି ଭଡ଼ାରେ ଏକ କାର୍ ଯୋଗେ ସୋନପୁରର ହରିହରଜୋର ଡ୍ୟାମ୍ ଆଡ଼େ ବୁଲି ଯାଇଥିଲେ। କିନ୍ତୁ ଫେରିବା ବେଳେ ଗୋଲେଖ ତରିଆ ଆଉ ଫେରିନଥିଲେ । ପରେ ଗୋଲଖ ତରିଆଙ୍କ ମୁଣ୍ଡଗନଡି ବିହୀନ ଶବ ରାମକୋଟ ମହୁଖଣ୍ଡି ଜଙ୍ଗଲରୁ ମିଳିଥିଲା । ଏହି ଘଟଣାକୁ ନେଇ ବୀରମହାରାଜପୁର ଥାନାରେ ପୁଲିସ୍ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କୃତିବାସ ବାଗ୍ ଏବଂ ଜୟନ୍ତୀ ବାଗ୍‌କୁ ପଚରାଉଚୁରା କରାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ରୁସଭ ଦେହୁରୀ ଫେରାର ହୋଇଯାଇଥିଲା। ପୁଲିସ୍ ଆଗରେ ଦୁଇ ଅଭିଯୁକ୍ତ ଏହି ଘଟଣା ସଂକ୍ରାନ୍ତରେ ସ୍ୱୀକାର କରିଥିଲେ । ଏହାକୁ ଆଧାର କରି ପୁଲିସ୍ ତିନି ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା। ଜଣେ ଫେରାର ଥିବାରୁ ସୋନପୁର ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନାମରେ ମାମଲାର ଶୁଣାଣି ହୋଇଥିଲା।

ନିମ୍ନ ଅଦାଲତ ପୁଲିସ୍ ଆଗରେ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିବା ଏବଂ ଅନ୍ୟ ପ୍ରମାଣକୁ ଆଧାର କରି କୃତିବାସ୍ ବାଗ୍‌କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଅନ୍ୟତମ ଅଭିଯୁକ୍ତ ଜୟନ୍ତୀ ବାଗ୍ ଛାଡ଼୍ ପାଇଥିଲା । କୃତିବାସ ବାଗ୍ ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରି ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି। ପୁଲିସ୍ ଆଗରେ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଥିଲାବେଳେ ଏହାକୁ ଆଧାର କରି ଅଭିଯୁକ୍ତ କୃତିବାସ୍‌କୁ ନିମ୍ନ ଅଦାଲତ ଦଣ୍ଡିତ କରିଥିଲାବେଳେ ଏହାକୁ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଜଣେ ଅଭିଯୁକ୍ତ ଯେତେବେଳେ ଦୋଷ ସ୍ୱୀକାର କରିବେ ତାହା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ କରିବାକୁ ପଡ଼ିବ । ତାହେଲେ ଏହାକୁ ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ। ନଚେତ୍ ପୁଲିସ୍ ଆଗରେ କୁହାଯାଇଥିବା ବୟାନକୁ ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଆସାମୀକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି।

# ସରକାର ବନ୍ୟା ପ୍ରଭାବିତଙ୍କୁ ତୁରନ୍ତ ସହାୟତା ପ୍ରଦାନ କରନ୍ତୁ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟସାରା ଲଗାଣ ବର୍ଷା ଫଳରେ ଉପୁଜିଥିବା ବନ୍ୟା ବିପ୍ରାତକୁ ନେଇ ଓପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ରାଜ୍ୟର ବନ୍ୟାକୁ ନେଇ ସରକାରଙ୍କ ଉପେକ୍ଷା ମନୋଭାବ ଉପରେ ଆଲୋଚନା କରିଥିଲେ । ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ବର୍ଷା ଋତୁ ଆରମ୍ଭର ୨ ମାସ ପୂର୍ବରୁ ସରକାର ପ୍ରସ୍ତୁତି ବୈଠକର ଆବଶ୍ୟକତା ଥିଲା । ଯାହାକୁ ସରକାର ଅବହେଳା କରିଛନ୍ତି । ଲଗାଣ ବର୍ଷା ଓ ବନ୍ୟାକୁ ନେଇ ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି ଏଥିରୁ ଜଣାପଡୁଛି ଯେ, ସରକାରଙ୍କ ପାଖରେ ପ୍ରକୃତ ତଥ୍ୟ ନାହିଁ । ଆଇଏମଡି ସୂଚନା ଅନୁସାରେ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଝାଡ଼ଖଣ୍ଡ ଛତିଶଗଡରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ଏବଂ ଯଦି ଏହା ହୁଏ ତେବେ ମହାନଦୀ, ବ୍ରାହ୍ମଣୀ ସୁବର୍ଣ୍ଣରେଖା ଆଦିରେ ପ୍ରବଳ ବନ୍ୟା ଦେଖାଦେବ ଓ ଏହି ନଦୀ ଗୁଡିକର ଶାଖା ନଦୀ ଓ ଅବବାହିକା ଅଞ୍ଚଳରେ ବନ୍ୟା ହୋଇ ବ୍ୟାପକ କ୍ଷୟ କ୍ଷତି ଘଟିବାର ସମ୍ଭାବନା ରହିଛି । ରାଜ୍ୟରେ ଉପକୂଳ ବ୍ୟତୀତ ପଶ୍ଚିମ ଓଡିଶାରେ ବନ୍ୟା




ପରିସ୍ଥିତି ବର୍ତ୍ତମାନ ଗମ୍ଭୀର । ସରକାରି ତଥ୍ୟ ଅନୁସାରେ ବହୁ ଲୋକ ବନ୍ୟା ଯୋଗୁଁ ମଲେଣି, ତଥାପି ପ୍ରଭାବିତ ଅଞ୍ଚଳରେ ରିଲିଫ ପହଞ୍ଚି ନାହିଁ । ଦୀର୍ଘ ୧୨ ବର୍ଷ ପରେ ଓଡ଼ିଶାରେ ବନ୍ୟା ଦେଖାଦେଇଛି । ସରକାରୀ ତଥ୍ୟ ଅନୁସାରେ ୭ ଗୋଟି ଜିଲ୍ଲା ପ୍ରଭାବିତ ହେଇଛି । କିନ୍ତୁ ତା'ଠାରୁ ଅଧିକ ଜିଲ୍ଲା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଗଣମାଧ୍ୟମରୁ ସୂଚନା ମିଳୁଛି । ସରକାରଙ୍କ ରିଲିଫ କୋର୍ଡ ଅନୁସାରେ କାର୍ଯ୍ୟ ହେଉନାହିଁ । ଏଭଳି ଏକ ବନ୍ୟାଜନିତ ଗମ୍ଭୀର ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ନିରାଶା ସୃଷ୍ଟି କରିଛି । ଯଦି ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇଛନ୍ତି ତେବେ ମହାନଦୀ ଜଳ ବିବାଦ ସମାଧାନ କରନ୍ତୁ ଓ ସରକାର ଧନ ଜୀବନ ରକ୍ଷା କରିବାକୁ ପ୍ରୟାସ କରନ୍ତୁ । ସମ୍ମିଳନୀରେ ମୁଖପାତ୍ର ଡଃ ହମିଦ ହୁସେନ, ଡଃ ଦେବାଶିଷ ଭୂୟାଁ ଏବଂ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ ।

# ପୁରୀ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାକୁ ଜିଲ୍ଲାପାଳଙ୍କ ସମୀକ୍ଷା

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ବନ୍ୟା ପ୍ରଭାବିତ ଅଞ୍ଚଳ ଏବଂ ବ୍ଲକ ବିଡିଓ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଥିଲେ ଯେ, ମହାନଦୀର ଜଳ ପ୍ରବାହିତ ହେଉଥିବା କଟକର ମୁଖ୍ୟ ଗେଟ୍ ଦେଇ ୧୨ ଲକ୍ଷ କ୍ୟୁସେକରୁ ଉର୍ଦ୍ଧ୍ୱ ଜଳ ପ୍ରବାହିତ ହେଉଛି । ସାହା ପାଖେ ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ଥିବା ପ୍ରଭାବିତ ଅଞ୍ଚଳ ନିମାପଡ଼ା ବ୍ଲକର ଧନୁଆ ନଦୀ, ଦେବୀ ନଦୀ, ଧାରୁଆ ଧାନୁଆ ନଦୀ, ପିପିଲି ଡେଲାଙ୍ଗ ବ୍ଲକର ପ୍ରଭାବିତ ହେଉଥିବା ଭାର୍ଗବୀ ନଦୀ ଆଜି ରାତି ସୁଦ୍ଧା ବନ୍ଧ ଉପରକୁ ଜଳସ୍ତର ଉଠିପାରେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ୧୧ଟି ବ୍ଲକର ବିଡିଓ ମାନଙ୍କୁ କହି ଥିଲେ ଯେ, ପ୍ରତ୍ୟେକ ବ୍ଲକର କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି । ଜିଲ୍ଲାପାଳ ଜଳସେଚନ ବିଭାଗକୁ କହି ଥିଲେ ଯେତେବେଳେ ବନ୍ଧ ଉପରକୁ ପାଣି ଉଠିବ ତା ପୂର୍ବରୁ



ବାଲିବସ୍ତା ପ୍ରସ୍ତୁତ କରି ପକାଇବ । ପ୍ରତ୍ୟେକ ପଞ୍ଚାୟତର ପରିସ୍ଥିତି ବ୍ଲକର ପିଇଓମାନେ ଅନୁଧ୍ୟାନ କରି କଣ୍ଟ୍ରୋଲ ରୁମରେ ରିପୋର୍ଟ ଦେବେ । ଜିଲ୍ଲାପାଳ ଅଗ୍ନିଶମ ବିଭାଗ

ଅଧିକାରୀଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ହେଲ୍‌ଥକେୟାର ମାନଙ୍କୁ ନେଇ ବନ୍ୟା ପ୍ରବାହିତ ସ୍ଥାନରେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଲେ ଯେ, ସମସ୍ତ ପ୍ରକାର ବ୍ୟବସ୍ଥା ଯଥା ମେଡିସିନ, ଓଆରଏସ୍, ପାଣିଜଳ, ବୁଡ଼ିବା ପାଣିର, ବଳକା ଖାଦ୍ୟ ପାଇଁ ମେଡିସିନ୍ ସି.ଏଚ.ସି ମାନଙ୍କୁ ସଜାଗ ହୋଇ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଚୂଡ଼ା, ଗୁଡ଼, ଲୁଣ, ମହମବତୀ ମହଜୁଦ ରଖି ବନ୍ୟା ଆଶ୍ରୟ ମାନଙ୍କୁ ଯୋଗାଇ କରିବେ । ପ୍ରତ୍ୟେକ ବ୍ଲକର ବି.ଡି.ଓ ମାନଙ୍କୁ କହିଲେ ଯେ, ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର ଆଣି ବାତ୍ୟା ଆଶ୍ରୟସ୍ଥଳୀ ଗୃହ, ସ୍କୁଲ ମାନଙ୍କରେ ରଖିବେ । ଯେପରି କୌଣସି ଅସୁବିଧା ନହୁଏ ସେଥି ପ୍ରତି ସଜାଗ ହୋଇ ଦୃଷ୍ଟି ଦେବାକୁ ପ୍ରତ୍ୟେକ ବି.ଡି.ଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) , କାମାକ୍ଷା ରୋଜ, ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଅଜୟ କୁମାର ଶତପଥୀ, ଅତିରିକ୍ତ ଏସ୍.ପି. ସୁଶିଲ କୁମାର ମିଶ୍ର, ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ସଂକାର କୁମାର ସାହୁ, ଜିଲ୍ଲା କରୁରାହାନାନ ଅଧିକାରୀ ଅନୁଶ୍ରୀଜିଲ୍ଲାପାଳ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ କୁମାର ସେନାପତିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଆଜୀବନ କାରାଦଣ୍ଡ ଭୋଗୁଥିବା ପତ୍ନୀ ହତ୍ୟାକାରୀ ୨୪ ବର୍ଷ ପରେ ନିର୍ଦ୍ଦୋଷରେ ଖଲାସ

କଟକ,(ସବ୍ୟୁ): ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଆସାମୀ ସ୍ୱାମୀଙ୍କୁ ହାଇକୋର୍ଟ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ୨୦୦୨ ମସିହାରେ ନିମ୍ନ ଅଦାଲତ ଅଭିଯୁକ୍ତ ସ୍ୱାମୀ କ୍ଷୀରୋଦ କୁମାର ରାଉତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଆଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସାମୀ ବିରୋଧରେ ଯଥେଷ୍ଟ ପ୍ରମାଣ ନଥବାରୁ ହତ୍ୟା ମାମଲାରୁ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଦୀର୍ଘ ୨୪ବର୍ଷ ପରେ ଆସାମୀ ସ୍ୱାମୀ ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗରୁ ମୁକ୍ତ ହୋଇଛନ୍ତି।



ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ଇଣ୍ଡିଆନ୍ ଆଇଡଲ୍ ସିଜିନ୍-୧୬ ବିଜୟିନୀ ଜ୍ୟୋତିର୍ମୟୀ ନାୟକ

## ହଜିଯାଉଥିବା ଶବ୍ଦର କବିତା ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଶତାକ୍ଷୀ ମହିଳା ସଂଗଠନ , କଳିଙ୍ଗନଗର ପ୍ରାଙ୍ଗଣରେ ଦୁଇଟି ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ହଜି ଯାଉଥିବା ଶବ୍ଦ କେତେ ଅପରିହାର୍ଯ୍ୟ ତାହା କବି ହିଁ ଜାଣିପାରେ । ଶବ୍ଦ ଗୁଡିକ ହଜିନଥାନ୍ତି ଶବ୍ଦ ଗୁଡିକ ଘୁରି ବୁଲୁଥାନ୍ତି ତାଙ୍କୁ କବି ଲେଖକ ମାନେ କବିତାରେ ,ପ୍ରବନ୍ଧରେ ,ନାଟକରେ ଆଣି ସମ୍ମିଳିତ କରିଥାନ୍ତି । ହୃଦୟର ମନୋଭାବକୁ ସମୟ ଅନୁସାରେ ଖଞ୍ଜିବା ହିଁ କବିର କାମ ବୋଲି ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ମତ ପ୍ରକାଶ କରିଛନ୍ତି । ଏଥେନା ବୁକସ ଦ୍ୱାରା ପ୍ରକାଶିତ ଡ଼ ଗିରିଜା ଶଙ୍କର ଶର୍ମାଙ୍କର ଷଷ୍ଠତମ "ହଜି ଯାଉଥିବା ଶବ୍ଦର କବିତା" ପୁସ୍ତକ ଉନ୍ମୋଚନ କରି କହିଛନ୍ତି । ଏହି ଅବସରରେ ଅନ୍ୟ ଏକ କବିତା ପୁସ୍ତକ "ବର୍ଦ୍ଧକ୍ୟ ଭାବନା ଓ ଅନ୍ୟ କବିତା" ମଧ୍ୟ ଉନ୍ମୋଚିତ ହୋଇଥିଲା। ବୁଝିବା ନ ବୁଝିବା ପାଠକ ଉପରେ ନିର୍ଭର କରେ ଯିଏ ଯେଉଁ ଭାବରେ କବିତାକୁ ବୁଝିବ ସେଇ କବିତା ସେହି ଅନୁସାରେ ପାଠକ ପାଖରେ ପହଞ୍ଚିବ ବୋଲି ଅନ୍ୟତମ ସମ୍ମାନିତ ଅତିଥି କବି ସୂର୍ଯ୍ୟମିଶ୍ର ପ୍ରକାଶ କରିଛନ୍ତି ।

## ସୋମେଶ କୁମାର ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ

ଭୁବନେଶ୍ୱର (ସବ୍ୟୁ): ସୋମେଶ କୁମାର ଉପାଧ୍ୟାୟଙ୍କୁ ଭଦ୍ରକର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି । ୨୦୧୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶ୍ରୀ ଉପାଧ୍ୟାୟ ବୟନ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅବସର ଗ୍ରହଣ କରିଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ଉପାଧ୍ୟାୟଙ୍କୁ ନିଯୁକ୍ତି ଦିଆଯାଇଥିବା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

### ବିନା ଲାଇସେନ୍ସରେ ସର୍ବସାଧାରଣ ସ୍ଥାନରେ ସଭା ଶୋଭାଯାତ୍ରା ବାରଣ

## ଜିଲ୍ଲାରେ ପୁଲିସ ଅଧିନିୟମ ଧାରା ୩୦ ଆଜି ଠାରୁ ୯୦ ଦିନ ବଳବତ୍ତର

କଟକ,(ସବ୍ୟୁ): ବିଭିନ୍ନ ଶୋଭାଯାତ୍ରା ଓ ସାଧାରଣସଭା ଗୁଡିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୁଲିସ ଅଧିନିୟମ ଧାରା ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଗୋଟି ଥାନା ଯଥା- ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର ,କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର ,ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋବ୍ରମ , କାନପୁର, ବାଙ୍କୀ ଓ ବୈଦେଶ୍ୱର ପୁଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି । ଆସନ୍ତା କାଲି ଠାରୁ ଅକ୍ଟୋବର ୨୮ .ତାରିଖ ମଧ୍ୟରେ ଯଦି କୌଣସି ସଂଗଠନ ଅବା ବ୍ୟକ୍ତିବିଶେଷ ପକ୍ଷରୁ ଶୋଭାଯାତ୍ରା , ଧାରଣା ତଥା ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥି ନିମନ୍ତେ ସଂପୃକ୍ତ ଅଞ୍ଚଳ ଉପଖଣ୍ଡ ପୁଲିସ ଅଧିକାରୀ, ପୁଲିସ ନିରୀକ୍ଷକ ଓ ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି କଟକ ଆରକ୍ଷୀ ଅଧୀକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି । ବିଜ୍ଞପ୍ତି ମୁତାବକ ଲାଇସେନ୍ସ ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଏଠାରେ ସୂଚୀତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବସୂଚୀତ ଅଞ୍ଚଳଗୁଡିକରେ ୯୦ଦିନ ପର୍ଯ୍ୟନ୍ତ ତା ୩୧.୦୭.୨୦୨୬ ଠାରୁ ୨୮.୧୦.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବା ବୋଲି ଜଣାଯାଇଛି ।

### ଇନରହୁଇଲ କ୍ଲବ୍‌ର ୨୯ତମ ଅଧିଷ୍ଠାନ ଦିବସ

## କବିତା ପଟ୍ଟନାୟକ ସଭାନେତ୍ରୀ ସୌମ୍ୟା ପରିଜା ସମ୍ପାଦିକା

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ମଙ୍ଗଳା ନଗର ରୋଟାରୀ କ୍ଲବ୍ ପରିସରରେ ଇନରହୁଇଲ କ୍ଲବ୍‌ର ୨୯ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ଡ଼ି.ପି.ସି ମଧୁସ୍ମିତା ତ୍ରିପାଠୀଙ୍କ ଦ୍ୱାରା ନୂତନ କର୍ମକର୍ତାମାନଙ୍କୁ ଅଧିଷ୍ଠିତ କରାଯାଇଥିଲା। ନୂତନ ସଭାପତି ଭାବେ କବିତା ପଟ୍ଟନାୟକ, ସମ୍ପାଦିକା ସୌମ୍ୟା ପରିଜା, ଏଡ଼ିଟର ଜ୍ୟୋତ୍ସ୍ନା ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ରେଣୁପ୍ରଭା ପଟ୍ଟନାୟକ ଓ ଆଇ.ଏସ.ଓ ଭାବେ ଅମିତା ସିହ୍ନାଙ୍କୁ ୨୦୨୬-୨୭ପାଇଁ ମନୋନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ତଥା ରୋଟାରିୟାନ ପୂର୍ବତନ ଏସପି ଦେବ ପ୍ରସାଦ ମଜୁମଦାର, ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଂଜନ ମହାନ୍ତିଙ୍କ ସମେତ ସମାଜ ସେବୀ, ସେବୀକା ଏବଂ ବିଦ୍ୟାଳୟର ଅଧକ୍ଷମାନଙ୍କୁ ଉପଢ୍ୱୌକନ, ପୁଷ୍ପଗୁଚ୍ଛ, ମାନପତ୍ର



ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟା ମନ୍ଦିରା ଦେ ପରିଚାଳାନା କରିଥିଲେ। ଏହି ଅବସରରେ ଏଡ଼ିଟର ଜ୍ୟୋତ୍ସ୍ନା ପଟ୍ଟନାୟକଙ୍କ ଦ୍ୱାରା ପୁସ୍ତିକା 'କରୁଣା'କୁ ଅତିଥି ଉନ୍ମୋଚିତ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ କାର୍ଯ୍ୟକର୍ତା ଓ ସଦସ୍ୟାମାନଙ୍କୁ ବରିଷ୍ଠ ସଦସ୍ୟା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଥିଲେ। ଏଥିରେ ରୋଟାରୀ ଏବଂ ରୋଟ୍ରାକ୍ଟ କ୍ଲବ୍‌ର ବରିଷ୍ଠ ସଦସ୍ୟ ଓ ସଦସ୍ୟାମାନେ ଯୋଗ ଦେଇଥିଲେ।

### ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗା ଦ୍ୱାରା ନିଶାନଭଙ୍ଗା ପଞ୍ଚାୟତ ଠାରେ

## ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ



ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଓ ସ୍ୱାଧିନ ଏକତା ସଂଘଠନ ର ମିଳିତ ଆନୁକୁଲ୍ୟରେ ରାମଚନ୍ଦ୍ରନଗର ସଭାଗୃହ, ନିଶାନଭଙ୍ଗା ପଞ୍ଚାୟତ ଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂସ୍ଥା ପୁନର୍ବାର ସମୁଦାୟ ସ୍ୱାସ୍ଥ୍ୟ ସେବା ଓ କଲ୍ୟାଣ ପ୍ରତି ନିଜର ଅଙ୍ଗୀକାରକୁ ପୁନଃସ୍ଥାପିତ କରିଛି। ଏହି ସ୍ୱାସ୍ଥ୍ୟ ଶିବିର ରେ ଏକ ଦକ୍ଷ ଓ ପ୍ରସିଦ୍ଧ ବିଶେଷଜ୍ଞ ଡାକ୍ତର ଦଳ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଏହି ଚିକିତ୍ସକ ଦଳରେ ଡା. ନିହାର ରଞ୍ଜନ ହୋତା ( ଭେଷଜ ବିଶେଷଜ୍ଞ), ଡା. ଶିବାନୀ ବୈଦ୍ୟ ( ସ୍ତ୍ରୀ ରୋଗ ବିଶେଷଜ୍ଞ),ଡା. ସୁମିତ୍ କୌଶିକ ( ଅସ୍ଥିଶଲ୍ୟ ବିଶେଷଜ୍ଞ),ଡା. ରୋଜି ସାଥୁଆ (ଆବିଲିଟୀ ଫିଜିଓଥେରାପିଷ୍ଟ ଓ ରିହାବିଲିଟେସନ,ରେଙ୍ଗାଲି), ତ୍ରିଲୋଚନ ନେତ୍ରାଳୟ, ରେଙ୍ଗାଲିର ଟିମ୍ ଉପସ୍ଥିତ ରହି ଚିକିତ୍ସା ପ୍ରଦାନ କରିଥିଲେ। ଉକ୍ତ ଉଦ୍ଘାଟନୀ କାର୍ଯ୍ୟକ୍ରମ ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ସିଏସଆରର ଉପପ୍ରବନ୍ଧକ ମନୋରଂଜନ ବେହେରା ଉପସ୍ଥିତ ରହିଥିଲେ । ଏଥିସହିତ ନିଶାନଭଙ୍ଗା ପଞ୍ଚାୟତର ସରପଞ୍ଚ ସରୋଜ ମେହେର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନବୀନ ପ୍ରଧାନଙ୍କ ଦ୍ୱାରା ଶିବିରଟିକୁ ଉଦ୍ଘାଟନ କରାଯାଇଥିଲା । ଏଥିସହିତ ଶ୍ରୀ ରାଜୀବ ମିଶ୍ର, ଅଧ୍ୟକ୍ଷ, ସ୍ୱାଧୀନ ଏକତା ସଙ୍ଗଠନ, ସ୍ଥାନୀୟ ପ୍ରତିନିଧି ଟିଙ୍କୁ ମେହେର , ତହସିଲ ମେହେର ସହିତ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ସି.ଏସ.ଆର୍ ଟିମ୍ ଓ ସ୍ୱାଧୀନ ଏକତା ସଂଗଠନ ର ସଦସ୍ୟମାନେ ଉପସ୍ଥିତ ଥିଲେ।

# ସଠିକ୍ ସଚେତନତା ହିଁ ହିପାଟିଟିସ ମୂଳୋତ୍ପାଟନ କରିବ : ମନ୍ତ୍ରୀ

## ସଚେତନ ହେଲେ ରୋଗରୁ ମିଳିବ ମୁକ୍ତି : ଡ.ମନୋଜ ସାହୁ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜୁଲାଇ ୨୮ ତାରିଖ କୁ 'ୱାର୍ଲ୍ଡ ହିପାଟିଟିସ୍ ଡେ' ବା 'ବିଶ୍ୱ ଯକୃତ ଦିବସ' ରୂପେ ସମଗ୍ର ବିଶ୍ୱରେ ପାଳିତ ହୋଇଯାଇଛି । ଏହି ମର୍ମରେ "ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର୍ କେୟାର ଫାଉଣ୍ଡେସନ" ଓ "ଭୁବନେଶ୍ୱର କମିଶନରେଟ୍ ପୋଲିସ୍" ର ମିଳିତ ସହଯୋଗ ରେ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି ଏହି ୱାର୍ଲ୍ଡ ହିପାଟିଟିସ୍ ଡେ'। ଏହି ଅବସରରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ଯକୃତ ଦିବସ ପାଳନ ର ପ୍ରାଥମିକତା ବାବଦରେ ଗୁରୁତ୍ୱାରୋପ କରିଥିଲେ। ଦେଶରେ ପ୍ରତିବର୍ଷ ୧୩ଲକ୍ଷ ରୁ ଉର୍ଦ୍ଧ୍ୱ ଲୋକ ଯକୃତ ଜନିତ ରୋଗ ରେ ମୃତ୍ୟୁବରଣ କରୁଥିବା ବେଳେ,ବିଭିନ୍ନ ବର୍ଗରେ ଏଭଳି ଆଲୋଚନା ଓ ସଚେତନତା ଅଭିଯାନ ସହ ଟିକାକରଣ ମାଧ୍ୟମରେ ଏହାର ନିରାକରଣ ଏବଂ ମୂଳୋତ୍ପାଟନ କରାଯାଇ ପାରିବ ବୋଲି କହିଥିଲେ ମନ୍ତ୍ରୀ।

ଅନ୍ୟତମ ଅତିଥି ଭାବରେ ବରିଷ୍ଠ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସମେତ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଆପୋଲୋ ହସ୍ପିଟାଲର ପ୍ରଫେସର ଡାକ୍ତର ଆକାଶ ଦୋଭଡ଼ା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା




ସବ୍ୟସାଚୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ,ପୋଲିସ ଅଧିକାରୀ ଯୋଗ ଦେଇ 'ୱାର୍ଲ୍ଡ ହିପାଟିଟିସ୍ ଡେ' ପାଳନ ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା କଳା ମାଧ୍ୟମରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ଯାହା ବେଶ୍ ମନୋଲୋଭ ହୋଇଥିଲା । ଆସନ୍ତା ୨୦୩୦ ସୁଦ୍ଧା ହିପାଟିଟିସ ମୁକ୍ତ ଭାରତ ଗଠନ ର ଲକ୍ଷ ରହିଥିବା ବେଳେ ଏଥିପାଇଁ ସମସ୍ତଙ୍କର ସହଯୋଗ ନିତାନ୍ତ ଆବଶ୍ୟକ। ଏଥିପାଇଁ ଚିତ୍ରାଙ୍କନ,ନାଟକ ଓ ସଙ୍ଗୀତ ଆଦି ଜରିଆରେ ସଚେତନତା ନେଇ ଗୁରୁତ୍ୱ ଦିଆଯିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଡ.ମନୋଜ ସାହୁ। ବିଗତ ୨୦ବର୍ଷ ଧରି ହିପାଟିଟିସ ମୁକ୍ତ ଭାରତ ଗଠନ ରେ ଡ.ସାହୁଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଏଥିସହିତ ଗତ ୨୦୧୨ ମସିହାରୁ ଓଡ଼ିଶା ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି ଡ.ସାହୁ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ବରିଷ୍ଠ ସଂଚାଳକ ଋଷି ପଟ୍ଟନାୟକ ସଞ୍ଚାଳନ କରିଥିବା ବେଳେ,କେ.ଟି ଗ୍ଲୋବାଲ ସ୍କୁଲ୍, ବିକାଶ ଇନଷ୍ଟିଚ୍ୟୁଟ ଓ ଭାରତ ସ୍କାଉଟ ୪୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଆଲୋଚନାରେ ସାମିଲ ହୋଇଥିଲେ। ଏହି ଅବସରରେ ଖୋର୍ଦ୍ଧା ର ନାଟ୍ୟ ଅନୁଷ୍ଠାନ ର ନାଟ୍ୟକର୍ମୀ ମାନେ ହିପାଟିଟିସ କୁ ନେଇ ସଚେତନତା ମୂଳକ ନାଟକ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତେ ବେଶ୍ ଉପୋଭୋଗ କରିବା ସହିତ ମୁଖ୍ୟ ଆୟୋଜକ ତଥା "ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର୍ କେୟାର ଫାଉଣ୍ଡେସନ" ର ବରିଷ୍ଠ କର୍ମକର୍ତ୍ତା ପ୍ରଫେସର୍ ଡ ମନୋଜ ସାହୁଙ୍କ ଭୂମିକାକୁ ଭୂରୀୟସି ପ୍ରଶଂସା କରିଥିଲେ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ନଲେଜ କର୍ପୋରେସନ୍ ଲିମିଟେଡ୍ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା

## ଡିଜିଟାଲ୍ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଐତିହାସିକ ବୁଝାମଣା ପତ୍ର

ଭୁବନେଶ୍ୱର (ସବ୍ୟୁ): ଉଚ୍ଚଶିକ୍ଷା କ୍ଷେତ୍ରରେ ଡିଜିଟାଲ୍ ରୂପାନ୍ତରଣ, କୃତ୍ରିମ ବୁଦ୍ଧିମତ୍ତା (ଇଓ), ଦକ୍ଷତା ବିକାଶ ଏବଂ ଗବେଷଣାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ନଲେଜ କର୍ପୋରେସନ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର ବିନିମୟ ହୋଇଛି। ଏହି ସହଭାଗିତା ମାଧ୍ୟମରେ ଉଭୟ ସଂସ୍ଥା କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା, ଉଦ୍ଭାବନ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗକୁ ପ୍ରୋତ୍ସାହନ ଦେବେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପି. କେ. ନାଏକ ଏବଂ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ବିନିମୟ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ଓକେସିଏଲ୍‌ର ବରିଷ୍ଠ ପରିଚାଳକ ନୀଳାଦ୍ରି ବିହାରୀ ରାୟ ଉପସ୍ଥିତ ଥିଲେ। ଜାତୀୟ ଶିକ୍ଷା ନୀତି–୨୦୨୦ର ଲକ୍ଷ୍ୟକୁ



ସମର୍ଥନ କରି ଏହି ସହଯୋଗ ମାଧ୍ୟମରେ ଡିଜିଟାଲ୍ ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା ଏବଂ ଶିଳ୍ପ ଉପଯୋଗୀ ଦକ୍ଷତାକୁ ଉଚ୍ଚଶିକ୍ଷା ବ୍ୟବସ୍ଥା ସହିତ ସଂଯୋଜିତ କରାଯିବ।

ବୁଝାମଣା ପତ୍ର ଅନୁଯାୟୀ ଉଭୟ ସଂସ୍ଥା ମିଳିତ ଭାବେ ଇଓ ସଚେତନତା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଅଧ୍ୟାପକ ପ୍ରଶିକ୍ଷଣ, ଡିଜିଟାଲ୍ ଶିକ୍ଷା ଓ ପ୍ରମାଣପତ୍ର ପାଠ୍ୟକ୍ରମ, ଗବେଷଣା ଓ ଉଦ୍ଭାବନ, ଇଣ୍ଟର୍ନସିପ୍, ଆପ୍ରେଣ୍ଟିସିପ୍, ହ୍ୟାକାଥନ୍, ଉଦ୍ୟୋଗୀତା ବିକାଶ ଏବଂ ଇଓ-ଆଧାରିତ ଏକାଡେମିକ୍ ଓ ପ୍ରଶାସନିକ ସମାଧାନ କ୍ଷେତ୍ରରେ କାର୍ଯ୍ୟ କରିବେ। ଏହି ଅବସରରେ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର କହିଥିଲେ ଯେ, ଉଦୀୟମାନ ପ୍ରଯୁକ୍ତି ସହ ଉଚ୍ଚଶିକ୍ଷାର ସମନ୍ୱୟ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ବୈଶ୍ୱିକ କାର୍ଯ୍ୟକ୍ଷେତ୍ର ପାଇଁ ପ୍ରସ୍ତୁତ କରିବ ଏବଂ ଏହି ସହଭାଗିତା ଶିକ୍ଷାର ଗୁଣବତ୍ତା ଓ ନିଯୁକ୍ତିଯୋଗ୍ୟତା ବୃଦ୍ଧିରେ ସହାୟକ ହେବ। ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ କହିଥିଲେ ଯେ, ଉଚ୍ଚଶିକ୍ଷାରେ ଡିଜିଟାଲ୍ ରୂପାନ୍ତରଣ, ଇଓ ଓ ଜ୍ଞାନଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଏହି ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ସମ୍ଭାବ୍ୟ ବନ୍ୟା ପାଇଁ ପ୍ରସ୍ତୁତ

## ୪ହଜାର ଲୋକଙ୍କୁ ସ୍ଥାନାନ୍ତର କଲା ଜିଲ୍ଲା ପ୍ରଶାସନ

କଟକ,(ସବ୍ୟୁ): ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଜିଲ୍ଲାରେ ବନ୍ୟା ଆଶଙ୍କା ଉପୁଜିଛି । ବର୍ତମାନ ମୁଣ୍ଡୁଳି ଦେଇ ପ୍ରାୟ ୯ ଲକ୍ଷ କ୍ୟୁସେକ ଜଳ ପ୍ରତି ସେକେଣ୍ଡ ନିଷ୍କାସିତ ହେଉଛି ଏବଂ ଆଗାମୀ ସମୟରେ ୯.୫ ରୁ ୧୦ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସନର ସମ୍ଭାବନା ରହିଛି । ଏଥିପାଇଁ ତଳିଆ ଅଞ୍ଚଳରେ ଜଳ ପ୍ରବେଶ ଆଶଙ୍କା ସୃଷ୍ଟି ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିକାରମୂଳକ ବନ୍ଦୋବସ୍ତ କରାଯାଇଛି । ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ବନ୍ୟା ବେଳେ ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହୋଇଥିଲା ସେଗୁଡ଼ିକୁ ଚିହ୍ନଟ କରି ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରିବା, ଆବଶ୍ୟକ ସ୍ଥଳରେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନ ଓ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା, ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ ବ୍ୟାକ୍-ଅପ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ନିଶ୍ଚିତ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କଟକ ଜିଲ୍ଲାରେ ଆଜି ୪ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆଠଗଡ଼ ଉପଖଣ୍ଡରୁ ୧୫୦୦, ବାଙ୍କି ଉପଖଣ୍ଡରୁ ୬୦୦ଜଣ ଓ କଟକ ସଦର ଅଞ୍ଚଳରୁ ୫୦୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ କଟକ ମହାନଗର ନିଗମ ଅଞ୍ଚଳରୁ ୧୦୦୦ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । କଟକ ମହାନଗର ନିଗମ ଅଞ୍ଚଳରେ ଥିବା ସ୍ଲୁଇସ ଗେଟ୍‌ଗୁଡ଼ିକ ଉପରେ କଡା ନଜର ରଖାଯାଇଛି । ମହାନଦୀର ଜଳ ଯେପରି ଏହି ବାଟ ଦେଇ ସହର ଭିତରକୁ ପ୍ରବେଶ ନ କରିବ ସେଥିପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ । ରିଙ୍ଗ ରୋଡ ପାର୍ଶ୍ୱରେ ଥିବା ବସ୍ତି ଅଞ୍ଚଳର ବାସିନ୍ଦା ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

ନଦୀ ବନ୍ଧ ତଥା ଘଳିଆ ପଡିବା ଆଶଙ୍କା ଥିବା ସ୍ଥାନ ଗୁଡିକରେ ଆସନ୍ତା ୪୮ ଘଣ୍ଟା ପାଇଁ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ସହିତ ସମନ୍ୱୟରେ ଜଳ ସମ୍ପଦ ବିଭାଗ ଦ୍ୱାରା ନଜର ରଖାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବନ୍ଧ ଦୁର୍ବଳ ରହିଥିବା ସୂଚନା ନାହିଁ। ଜାଣି ଶୁଣି କେହି ବନ୍ଧା ଘଳିଆ କରିବା ବା ବନ୍ଧା କାଟିବାକୁ ଚେଷ୍ଟା କରୁଥିବା ନଜର ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କଟକ ମହାନଗର ନିଗମ ଅଞ୍ଚଳରେ ଗୋଟିଏ ଏନଡିଆରଏଫ ଦଳ ସମେତ ଆଠଗଡ, ବାଙ୍କି ଓ କଟକ ସଦର ଅଞ୍ଚଳ ପାଇଁ ୩ଟି ଓଡ୍ରାଫ ଦଳ ନିୟୋଜିତ କରାଯାଇଛି। ସେହିଭଳି ମହାନଗର ନିଗମ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ୩୦୦ ପାଣି ପମ୍ପ ସ୍ଥାପନ କରାଯାଇଛି। କଟକ ମହାନଗର ନିଗମ ଅଞ୍ଚଳରେ ୯୪ଟି ଆଶ୍ରୟସ୍ଥଳ ଏବଂ ବ୍ଲକ ଅଞ୍ଚଳରେ ୨୯ଟି ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଛି, ଯେଉଁଥିରେ ୨୫ଟି ଡଙ୍ଗା ଅନ୍ତର୍ଭୁକ୍ତ। ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ୪୮ ଘଣ୍ଟା ମଧ୍ୟରେ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ସରକାରୀ ଗାଡ଼ି ପାଇଁ ସମସ୍ତ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ରଖିବା, ଆରଟିଓଙ୍କୁ ରିଲିଫ୍ ପରିବହନ ପାଇଁ ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ତଳିଆ ରାସ୍ତାଗୁଡ଼ିକରେ ଯାତାୟାତ ବନ୍ଦ କରିବା ତଥା ବିକଳ୍ପ ରାସ୍ତାରେ ଯିବାଆସିବା କରିବା,ଆବଶ୍ୟକ ସ୍ଥାନରେ ପୋଲିସ ମୁତୟନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ପୂର୍ବରୁ ଜିଲ୍ଲା ପ୍ରଶାସନ ତରଫରୁ ଜାରି କରାଯାଇଥିବା କଟକଣା ଅନୁଯାୟୀ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି,ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ସେଲ୍ଫି ନେବା କିମ୍ବା ନଦୀ କୂଳ, ବ୍ୟାରେଜ୍ ନିକଟରେ ରହିବା ଉପରେ କଟକଣା,ବାଲିଯାତ୍ରା ତଳ ପଡ଼ିଆରେ ସମସ୍ତ ପ୍ରକାର ଜନସମାଗମ, ସଭା ଓ ଗହଳି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ,ବ୍ୟାରେଜ୍, ସେତୁ କିମ୍ବା ନଦୀବନ୍ଧ ଉପରେ ଠିଆ ହୋଇ ବନ୍ୟାଜଳ ଦେଖିବା, ସେଲ୍ଫି କିମ୍ବା ଭିଡିଓ କରିବାକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି । ଆଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ମାନବ ଚାଲାଣର ମୁକାବିଲା

# ମହିଳା, ଶିଶୁ ସୁରକ୍ଷା ଓ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ ପାଇଁ ଆହ୍ୱାନ




ବ୍ରହ୍ମପୁର, (ସବ୍ୟୁ) : ଆଇସିଆରଡି ସଖୀ ୱାନଷ୍ଟପସେଣ୍ଟର, ଗଞ୍ଜାମ ତରଫରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ଅବସରରେ ବ୍ରହ୍ମପୁର ରେଳ ଷ୍ଟେସନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ, ଭେଣ୍ଡର, କୁଲି, ସଫେଇ କର୍ମଚାରୀ, ହକେର ଷ୍ଟାଫ, ଅଟୋ ଚାଳକଙ୍କ ସହ ରେଳ ସୁରକ୍ଷା ବଳ ଓ ସରକାରୀ ରେଳ ପୁଲିସଙ୍କ ସହଯୋଗରେ ଏକ ବୃହତ ମାନବ ଶୃଙ୍ଖଳା କାର୍ଯ୍ୟକ୍ରମ, ପଥପ୍ରାନ୍ତ ପଦଯାତ୍ରା ଓ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ କୁମାରୀ ଆକବରମ ସସ୍ୟ ରେଙ୍ଗୀ ଯୋଗଦେଇ ମାନବ ଚାଲାଣକୁ ପ୍ରତିରୋଧ କରିବାସହ ମହିଳା, କିଶୋର ଓ କିଶୋରୀ ବୟସର ଶିଶୁ ମାନଙ୍କ ଉପରେ ହେଉଥିବା ହିଂସାକୁ ରୋକିବା ଓ ଦୃଢ ପ୍ରତିବାଦ କରିବାକୁ ଅନୁରୋଧ କରିଥିଲେ । ଗ୍ରାମ୍ୟ ସ୍ତରରୁ ସଚେତନତା ସୃଷ୍ଟି କରିବା ଓ ଏହାର ସମ୍ଭାବ୍ୟ ପୀଡିତାଙ୍କୁ ଚିହ୍ନଟ କରି ସେମାନଙ୍କ ସୁରକ୍ଷା ଦେବା ସହ ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ କରିବାରେ ଆଇନ ପ୍ରଣୟନକାରୀ ସଂସ୍ଥାର ଭୂମିକା ଓ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କ ସହ ମାନବ ଚାଲାଣର ବାସ୍ତବତା, ଏହାର ବିଭିନ୍ନ ରୂପ ଏବଂ ବ୍ୟକ୍ତି ସମ୍ପ୍ରଦାୟ ଉପରେ ଏହାର ବିନାଶକାରୀ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା ସହ ପୀଡିତାଙ୍କୁ ସୁରକ୍ଷା ଦେବା ତଥା ନ୍ୟାୟ ଚିକିତ୍ସା ସେବା ଏବଂ ମାନସିକ ସମର୍ଥନ ପାଇବା ସମେତ ଚାଲାଣ ପୀଡିତାଙ୍କ ସୁରକ୍ଷା ଏବଂ ସମର୍ଥନ ସୁନିଶ୍ଚିତ କରିବା ଓ ମାନବଚାଲାଣ ରୋକିବା ତଥା ସୁରକ୍ଷାକୁ ସୁଦୃଢ଼ କରିବା, ଆଇନ ପ୍ରବର୍ତ୍ତନ ପ୍ରୟାସକୁ ବୃଦ୍ଧି କରିବା ଏବଂ ମାନବ ଚାଲାଣର ମୂଳ କାରଣଗୁଡ଼ିକୁ ଖୋଜି ସମାଧାନ କରିବା ଭଳି ପ୍ରତିରୋଧକ ପଦକ୍ଷେପ ଉପରେ ଧ୍ୟାନ ଦେବା ଆବଶ୍ୟକତା ବୋଲି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଦେୱାନୀ ଅଦାଲତ ଓକିଲ ସଂଘ ସଭାପତି ଶୀତାଂଶୁ କୁମାର ପଣ୍ଡା ବ୍ରହ୍ମପୁର ମହାନଗର ନିଗମର ଉପ ଆୟୁକ୍ତ ବଡ କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ରେଳ ଷ୍ଟେସନ ପରିଚାଳକ ଦୁର୍ଗାପ୍ରସାଦ ବ୍ରହ୍ମା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ ।

ରେଳ ଷ୍ଟେସନ ଅଞ୍ଚଳର ସମସ୍ତ ଅଂଶୀଦାର ବ୍ୟକ୍ତିତ୍ୱ ମାନେ ନିଜେ ସତର୍କ ରହିବା, ସୁରକ୍ଷିତ ସମାଜ ଗଠନ କରିବା ସହ ଠକେଇ ଜାଲରେ ନଫସି ଏକାଠି ହୋଇ ମାନବ ଚାଲାଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଇଏସଆଇଡି ନିର୍ଦ୍ଦେଶକ ସୁଧୀର ସାବତ ସଭାପତିତ୍ୱ କରିଥିବା ବେଳେ ୱାନ ରୂପ କେନ୍ଦ୍ରର କେନ୍ଦ୍ର ପ୍ରଶାସିକା ମହେଶ୍ୱତା ପାଢୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଗୋପାଳକୃଷ୍ଣ ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ପ୍ରଶ୍ନପତ୍ର ଲିକ୍ ନେଇ ଏମକେସିଜିରେ ସ୍ୱତନ୍ତ୍ର ଟିମ୍‌ର ତଦନ୍ତ

ବ୍ରହ୍ମପୁର, (ସବ୍ୟୁ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି ) ମେଡିକାଲ କଲେଜରେ ଅନୁଷ୍ଠିତ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ନେଇ ଏକ ସଂଗୀନ ଅଭିଯୋଗ ଭଳି ଘଟଣା ଏବେ ସାମନାକୁ ଆସିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଏହି ପରୀକ୍ଷାରେ ଅନିୟମିତତା ଦେଖିବାକୁ ମିଳିଛି । ଏମକେସିଜିରେ ୨୦ରୁ ଅଧିକ ବିଭାଗର ପିଜି ପରୀକ୍ଷା ଚାଲିଥିବା ବେଳେ ଏମକେସିଜିରୁ ପ୍ରଶ୍ନପତ୍ର ଅନ୍ୟ ଭେଷଜ ମହାବିଦ୍ୟାଳୟରୁ ରାଜ୍ୟର ଅନ୍ୟ ଘରୋଇ ଓ ସରକାରୀ ଡାକ୍ତରଖାନାକୁ ପ୍ରଶ୍ନପତ୍ର ଯୋଗାଣ ହେଉଥିବା ଜଣାପଡ଼ିଛି । ପରୀକ୍ଷାର ଦ୍ୱିତୀୟ ପେପରରେ ଏହି ଅନିୟମିତତା ହୋଇଥିବା ଅନୁମାନ କରାଯାଉଛି । ଏହିପରି ସଂଗିନ ଅଭିଯୋଗ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟ ପହଞ୍ଚିବା ପରେ ସ୍ୱତନ୍ତ୍ର ଟିମ ଏମକେସିଜି ପରିଦର୍ଶନରେ ଆସି ବିଭିନ୍ନ ଦିଗକୁ ତର୍ଜମା କରିଛନ୍ତି । ଏହି ପ୍ରଶ୍ନପତ୍ର ପ୍ରଘଟ ପରେ ଏମକେସିଜିରେ ଅନୁଷ୍ଠିତ ପରୀକ୍ଷାର ପାରଦର୍ଶିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାକେଟରେ କିଛି ବିଦ୍ୟାର୍ଥୀ ଓ କର୍ମଚାରୀ ସଂଶ୍ଳିଷ୍ଟ ଥିବା ଆଶଙ୍କା କରାଯାଉଛି ।

ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତିଆରି ବିଭିନ୍ନ ହ୍ୱାଟସଆପ୍ ଗ୍ରୁପକୁ ପ୍ରଶ୍ନ ପତ୍ର କିପରି ଗଲା? ଏହିପରି ପୂର୍ବରୁ ମଧ୍ୟ ହେଉଥିଲା ନାଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ହୋଇଛି ? କେତେ ଟଙ୍କାରେ ଏହି ପ୍ରଶ୍ନପତ୍ର ବେପାର ଚାଲିଥିଲା ତାହା ତଦନ୍ତ ସାପେକ୍ଷ । ଏନେଇ ଏମକେସିଜି ଭେଷଜ ମହାବିଦ୍ୟାଳୟର ଡିନ ତଥା ପ୍ରିନସପାଲ ପ୍ରଫେସର ଡା. ହରିକ୍ରିଷ୍ଣା ଦଳେଇ କହିଛନ୍ତି, ଅଭିଯୋଗ ଆଧାରରେ ଏହିପରି ଅନିୟମିତତାର ଅଭିଯୋଗ ପରେ ଆମର ପରୀକ୍ଷା ସେଲକୁ ଅଧିକ କଠୋର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଦୁଇଟି ପରୀକ୍ଷାରେ ଅନ୍ୟ କେଣସି ପ୍ରକାର ଅନିୟମିତତାକୁ ରୋକିବା ପାଇଁ ସଜାଗ ଅଛୁ । ବର୍ତ୍ତମାନ ଏହି ପରୀକ୍ଷାପତ୍ର କିପରି ଅନ୍ୟ ଶିକ୍ଷାନୁଷ୍ଠାନକୁ ଗଲା ତାହାକୁ ନେଇ ତର୍ଜମା ଚାଲିଛ । ଆଗାମୀ ଦିନରେ ଏହିପରି କାମ କିଏ କରିଛି ତାହାକୁ ଖୋଜାଯିବ ବୋଲି ସୂଚନା ଦେଇଛନ୍ତି ।

# ବର୍ଷାରେ ଗାର୍ଡୱାଲ୍ ଧସିଲା, ଓଲଟିଲା ବସ୍

ବାରିପଦା, (ସବ୍ୟୁ) : ଲଗାଣ ବର୍ଷା ଯୋଗୁଁ ବାରିପଦା ସହରର ଭଞ୍ଜେଶ୍ୱର ଶିବ ମନ୍ଦିର ନିକଟ ସୁକଯୋଡା ନଈ ପୋଲ ପାଖ, ୱାର୍ଡ ନଂ୧୬ରେ ଏକ ବଡ଼ ଅଘଟଣ ଘଟିଛି । ସମାଜସେବୀ ଆଶିଷ ବସାଙ୍କ ଘର ସମ୍ମୁଖରେ ଭିଆଇପି ରୋଡ୍ ପାର୍ଶ୍ୱର ଗାର୍ଡୱାଲ୍ ଓ ରାସ୍ତାର ଏକ ଅଂଶ ଧସିପଡ଼ିବାରୁ ସେଠାରେ ପାର୍କିଂ ହୋଇଥିବା ମଧୁସ୍ମିତା ଏସି ଏକ୍ସପ୍ରେସ୍ ବସ୍ ଖାଲକୁ ଓଲଟି ପଡ଼ି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଘଟଣା ସମୟରେ ବସ୍‌ରେ କୌଣସି ଯାତ୍ରୀ ନଥିବାରୁ ବଡ଼ ଧରଣର ଜୀବନହାନୀ ଏଡ଼ାଯାଇଛି । ତେବେ ବସ୍ ଭିତରେ ଥିବା ଜଣେ ହେଲ୍ପର ଆହତ ହୋଇଥିବାବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପିଆରଏମ୍ ହସ୍ପିଟାଲକୁ ପଠାଯାଇଛି।




ସୂଚନାନୁସାରେ, ବାରିପଦା ବସ୍‌ଷ୍ଟାଣ୍ଡରେ ସ୍ଥାନାଭାବ ଥିବାରୁ ଦୂରଗାମୀ ବସ୍‌ଗୁଡ଼ିକୁ ପ୍ରତିଦିନ ଭଳି ସତ୍ୟସାଇ ଛକ ନିକଟ ରାସ୍ତା ପାର୍ଶ୍ୱରେ ପାର୍କିଂ କରାଯାଉଥିଲା। କ୍ରମାଗତ ବର୍ଷାରେ ଗାର୍ଡୱାଲ୍ ତଳର ମାଟି ଦୁର୍ବଳ ହୋଇଯିବାରୁ ହଠାତ୍ ପ୍ରାଚୀର ସହ ରାସ୍ତାର ଏକ ଅଂଶ ଧସିପଡ଼ିଥିଲା । ଫଳରେ ବସ୍‌ଟି ସନ୍ତୁଳନ ହରାଇ ଖାଲକୁ ଓଲଟି ପଡ଼ିଥିଲା । ଏହି ଘଟଣା ପରେ ସ୍ଥାନୀୟ ବାସିନ୍ଦାମାନେ ସୁରକ୍ଷା ଦୃଷ୍ଟିରୁ କିଛି ଦାବି ଉଠାଇଛନ୍ତି । ସେମାନଙ୍କ ମତରେ ରାସ୍ତାପାର୍ଶ୍ୱକୁ ପାର୍କିଂମୁକ୍ତ (ପାର୍କିଂ-ଫ୍ରି) ଜୋନ୍ ଘୋଷଣା କରାଯିବା ସହ ରୋଡ୍ ସହିତ ସୁଦୃଢ଼ କଂକ୍ରିଟ ଗାର୍ଡୱାଲ୍ ନିର୍ମାଣ କରାଯାଉ।

ଏହାଛଡ଼ା ତଳ ରାସ୍ତାରେ ନଈ ଉପରେ ପାଦଚାରୀଙ୍କ ପାଇଁ ଏକ ପାଦଚଲା ପୋଲ ନିର୍ମାଣ, ନଈ କୂଳରେ ଥିବା ଆବର୍ଜନା ସଫା କରି ଭଞ୍ଜେଶ୍ୱର ଶିବ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ନଈର ଗତିପଥ ସମ୍ପୂର୍ଣ୍ଣ ପରିଷ୍କାର କରିବା ଏବଂ ରୋଡ୍ ସହିତ ସ୍ଥାୟୀ ପ୍ରୋଟେକ୍ସନ୍ ୱାଲ୍ ନିର୍ମାଣ କରିବାକୁ ପ୍ରଶାସନ ନିକଟରେ ଆଦି ଦାବି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବସ୍‌ଷ୍ଟାଣ୍ଡର ସ୍ଥାୟୀ ସମ୍ପ୍ରସାରଣ ଏବଂ ସୁରକ୍ଷିତ ପାର୍କିଂ ବ୍ୟବସ୍ଥା ନହେଲେ ଭବିଷ୍ୟତରେ ଏଭଳି ଦୁର୍ଘଟଣା ପୁଣି ଘଟିବାର ଆଶଙ୍କା ରହିଛି ।

# ଦୋକାନରୁ ଚୋରି ଅଭିଯୋଗରେ ଦୁଇ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ପୋଲିସ ଚିକେନ୍ ଦୋକାନରେ ଚୋରି ଘଟଣାର ସମ୍ପୃକ୍ତ ଥିବା ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଧନମେରା ସାହିର ସାଇଟେଶ ଘଡେଇ (୨୨) ଓ ଜିତେନ ମୁଖୀ (୧୮) । ସେମାନଙ୍କ ନିକଟରୁ ଚୋରି ହୋଇଥିବା ଏକ ହାଇ-ଟେକ୍ ଇଲେକେଟ୍ରୋନିକ୍ ଓଜନ ମେସିନ୍ ଓ ଦୁଇଟି ବ୍ୟାଟେରୀ ଜବତ କରାଯାଇଛି । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ଏହାସହ ଅଭିଯୁକ୍ତମାନେ ଗତ ୩୦ ଜୁନରେ ଫୁଲାସୁନ୍ଦରୀ ସାହି ଅଞ୍ଚଳରୁ କେବୁଲ୍, ଫ୍ଲୋ ମିଟର ଡିସ୍ପ୍ଲେ, ଫ୍ଲୋ ମିଟର ପ୍ୟାନେଲ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି କବାଡ଼ି ଦୋକାନରେ ବିକ୍ରି କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି । ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି ।

# ଉପକାରାଗାରରେ ଆଦାନୀ ଫାଉଣ୍ଡେସନର ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ




ଛତ୍ରପୁର, (ସବ୍ୟୁ): ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ଉପକାରାଗାର ପରିସରରେ ଏକ ମାଗଣା ଭିଜନ୍ କେୟାର କ୍ୟାମ୍ପ ଆୟୋଜନ କରାଯାଇଥିଲା । ଏହି ଶିବିରରେ ପ୍ରାୟ ୧୫୦ ଜଣ ଅନ୍ତେବାସୀ ଓ ଉପକାରାଗାରର କର୍ମଚାରୀଙ୍କର ସମ୍ପୂର୍ଣ୍ଣ ଚକ୍ଷୁ ପରୀକ୍ଷା କରାଯିବା ସହ ଆବଶ୍ୟକତା ଅନୁଯାୟୀ ଉନ୍ନତମାନର ଚଷମା ମାଗଣାରେ ବଣ୍ଟନ କରାଯାଇଥିଲା ।

ଶିବିରରେ ପ୍ରଶିକ୍ଷିତ ଚକ୍ଷୁ ବିଶେଷଜ୍ଞମାନେ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ମୋତିଆବିନ୍ଦୁ, ମଧୁମେହଜନିତ ଚକ୍ଷୁ ସମସ୍ୟା, ଚକ୍ଷୁ ଆଘାତ ଏବଂ ଅନ୍ୟାନ୍ୟ ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟାର ଯାଞ୍ଚ କରିଥିଲେ । ଏହାସହ ଅନ୍ତେବାସୀମାନଙ୍କୁ ଆଖିର ନିୟମିତ ଯତ୍ନ, ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ ପୁଷ୍ଟିକର ଖାଦ୍ୟ ଗ୍ରହଣ ଏବଂ ମଧୁମେହ ନିୟନ୍ତ୍ରଣ ଆଦି ବିଷୟରେ ସଚେତନ କରାଇଥିଲେ । ଏହି ଅବସରରେ ଛତ୍ରପୁର ଉପକାରାଗାରର ସୁପରିଟେନଡେଣ୍ଟ ପ୍ରସନ୍ନ କୁମାର ସାହୁ ଆଦାନୀ ଫାଉଣ୍ଡେସନର ଏହି ଜନହିତକର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀ ଗଠନରେ ଏଭଳି ସ୍ୱାସ୍ଥ୍ୟ ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସମାଜର ସମସ୍ତ ସ୍ତରର ଲୋକଙ୍କ ପାଇଁ ଆଦାନୀ ଫାଉଣ୍ଡେସନର ନିରନ୍ତର ସ୍ୱାସ୍ଥ୍ୟସେବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ । ଗୋପାଳପୁର ପୋର୍ଟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଦାନୀ ଫାଉଣ୍ଡେସନ ନିରନ୍ତର ଭାବେ ସ୍ୱାସ୍ଥ୍ୟ, ଶିକ୍ଷା, ସମୁଦାୟ ବିକାଶ ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସମୁଦାୟର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିଆସୁଛି ।

# ମୋରଡା ବିଧାନସଭାରେ ବୁଥ୍‌ସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ବିଏଲ୍‌ଏ -୨ ନିଯୁକ୍ତି ଉପରେ କଂଗ୍ରେସର ଗୁରୁତ୍ୱ




ବାରିପଦା, (ସବ୍ୟୁ) : ମୋରଡା ନିର୍ବାଚନ ମଣ୍ଡଳୀ ବିଏଲ୍‌ଏ-୨ ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ କଂଗ୍ରେସ ତରଫରୁ ଏସଆଇଏର୍ ପ୍ରକ୍ରିୟାରେ ତାଲିମ ଦେଉଥିବା ବରିଷ୍ଠ କଂଗ୍ରେସ ନେତା ମାନସ କର ଉପସ୍ଥିତ ରହି ମୋରଡା ନିର୍ବାଚନ ମଣ୍ଡଳୀର ପ୍ରତି ବୁଥରେ ଆସିଥିବା ବିଏଲ୍‌ଏ-୨ ମାନଙ୍କୁ ପ୍ରଶିକ୍ଷଣ ସେବା ସହିତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ନୂତନ ଭୋଟ୍ ତାଲିକାରେ କୌଣସି ଜଣେ ସାଧାରଣ ଭୋଟରଙ୍କ ନାମ ଯେପରି ବାଦ୍ ନ ପଡେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏସଆଇଏର ପ୍ରକ୍ରିୟାକୁ ଲୋକାଭିମୁଖ୍ କରିବା ପାଇଁ ଭୋଟର ତାଲିକା ସଂଶୋଧନରେ ସ୍ୱଚ୍ଛତା ଆଣିବା ପାଇଁ ବିଏଲ୍‌ଏ-୨ ମାନଙ୍କର ପ୍ରଶିକ୍ଷଣ ଶିବିରକୁ ମୋରଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବିଏଲ୍‌ଏ-୧ ପ୍ରଭାସ କର ମହାପାତ୍ର ଆୟୋଜନ କରିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସ ସଭାପତି ରଶ୍ମିତା ମିଶ୍ର, ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସରୋଜ ନାଏକ ଏବଂ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମହମ୍ମଦ ନଜିରଉଲ ହକ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଯୁକ୍ତ ଦୁଇ ନାମଲେଖାରେ ଚଏସ୍ ଲକିଂ ଆରମ୍ଭ

ବ୍ରହ୍ମପୁର, (ସବ୍ୟୁ): ଯୁକ୍ତ ଦୁଇ ନାମଲେଖାରେ ଆଜି ସ୍ପଟ୍ ଆଡମିସନ୍ ପାଇଁ ଚଏସ୍ ଲକିଂ ସିଷ୍ଟମ ଆରମ୍ଭ ହୋଇଯାଇଛ । ଏହି ପ୍ରକ୍ରିୟା ଆସନ୍ତା ମାସ ୨ ତାରିଖରେ ଶେଷ ହେବଛ ଆଗାମୀ ୬ ତାରିଖରେ ସ୍ପଟ୍ ନାମଲେଖାର ପ୍ରଥମ ସୂଚୀ ପ୍ରକାଶ ପାଇବ ପରେ ୭ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସ୍ପଟ୍ ନାମଲେଖା ଚାଲିବ । ବର୍ତ୍ତମାନ ସୁଦ୍ଧା ସାମ୍ସ ପକ୍ଷରୁ ମିଳିଥିବା ସୂଚନାକ୍ରମେ ଜିଲ୍ଲାର ସମୁଦାୟ ୪୫୯୮୦ ସିଟ୍‌ରୁ ୩୨୩୯୭୪ ସିଟରେ ନାମଲେଖା ସରିଛି । ୧୩୦୬୬ ସିଟ୍ ଖାଲି ଅଛି । ଏହି ସିଟ୍ ମାନଙ୍କରେ ଆଗାମୀ ଦିନରେ ନାମଲେଖା ପ୍ରକ୍ରିୟା ଚାଲିବ । ଅନ୍ୟପକ୍ଷେ ଜିଲ୍ଲାର ୧୬୧ଟି ଶିକ୍ଷାନୁଷ୍ଠାନରେ କଳା ବିଷୟରେ ୨୪୨୩୬ ମଧ୍ୟରୁ ୧୯୬୧୨ ସିଟରେ ନାମଲେଖା ସରିଥିବା ବେଳ ୪୬୨୪ ସିଟ୍ ଫାଙ୍କା ଅଛି । ସେହିପରି ବିଜ୍ଞାନରେ ୧୭୦୪୮ ମଧ୍ୟରୁ ୧୧୨୮୭ରେ ନାମଲେଖା ୫୭୬୧ ଖାଲି, ବାଣିଜ୍ୟରେ ୩୭୬୮ ମଧ୍ୟରୁ ୧୬୯୬ ନାମଲେଖା ୨୦୭୨ ଫାଙ୍କା, ସଂସ୍କୃତରେ ୩୫୨ ମଧ୍ୟରୁ ୨୨୦ରେ ନାମଲେଖା ସରିଥିବା ବେଳେ ୧୩୨ ଫାଙ୍କା, ଧନ୍ଦାମୂଳକ ପାଠ୍ୟକ୍ରମରେ ୫୭୬ ମଧ୍ୟରୁ ୧୫୯ରେ ନାମ ଲେଖା ସରିଥିବା ବେଳେ ୪୧୭ ଖାଲି ଥିବା ଜଣାପଡ଼ିଛି ।

## ରାଜ୍ୟ ଭାରତ୍ତୋଳନ ପ୍ରତିଯୋଗିତାରେ ଶକ୍ତିମାନ ଜିମ୍ନାସିୟମର ସଫଳତା

# ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ




ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ୱେଟ୍‌ଲିଫଟିଂ ହଲ୍‌ରେ ରେ ଜୁଲାଇ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଓଡିଶା ୧୨ବର୍ଷ ଏବଂ ୧୪ବର୍ଷରୁ କମ ଭାରୋତ୍ତୋଳନ ଚାମ୍ପିଅନସିପରେ ମୟୂରଭଞ୍ଜ ଜିଲ୍ଲା ନଙ୍ଗଳକଟା ସ୍ଥିତ ଶକ୍ତିମାନ ଜିମ୍ନାସିଅମର ୧୨ବର୍ଷରୁ କମ ବାଳିକା ବିଭାଗରେ ପୂର୍ଣ୍ଣିମା ହାଁସଦାଃ ବେଷ୍ଟ ଲିଫଟର ଅଫ ଓଡିଶା ଟାଇଟଲ ହାସଲ କରିଥିବାବେଳେ, ବାଳକ ବିଭାଗରେ ଗଗନଦୀପ ମହାନ୍ତ ବେଷ୍ଟ ଲିଫ୍ଟର ଅଫ ଓଡିଶା ଟାଇଟଲ ହାସଲ କରିଛନ୍ତି । ପୂର୍ଣ୍ଣିମା ହାଁସଦା ୫୩ କିଲୋଗ୍ରାମ ବିଭାଗରେ ସ୍ନାଚ୍‌ରେ ୫୫ କିଲୋଗ୍ରାମ, କ୍ଲିନ୍ ଓ ଜର୍କ୍‌ରେ ୭୨କିଲୋଗ୍ରାମ ମୋଟ ୧୨୭ କିଲୋଗ୍ରାମ ଓଜନ ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରି ୧୦ଜଣ ଚାମ୍ପିଅନଙ୍କ ମଧ୍ୟରୁ ବେଷ୍ଟ ଲିଫ୍ଟର ଟାଇଟଲ ହାସଲ କରିଥିବା ବେଳେ, ଗଗନଦୀପ ମହାନ୍ତ ୫୦କିଲୋଗ୍ରାମ ବିଭାଗରେ ସ୍ନାଚ୍‌ରେ ୪୮ କିଲୋଗ୍ରାମ କ୍ଲିନ୍ ଓ ଜର୍କ୍‌ରେ ୫୮ କିଲୋଗ୍ରାମ ମୋଟ ୧୦୬ କିଲୋଗ୍ରାମ ଭାରଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଥିବା ସଙ୍ଗେସଙ୍ଗେ ବେଷ୍ଟ ଲିଫ୍ଟର ଅଫ ଓଡିଶା ଟାଇଟଲ ହାସଲ କରିଛନ୍ତି । ୧୨ ବର୍ଷରୁ କମ ବିଭାଗରେ ତପସ୍ୱିନୀ ସିଂ ୪୯ କିଲୋଗ୍ରାମ ବର୍ଗରେ ସ୍ନାଚ୍‌ରେ ୪୨ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କ୍‌ରେ ୬୦ କିଲୋଗ୍ରାମ ମୋଟ ୧୦୨ କିଲୋଗ୍ରାମ ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ, ଦେବାଶିଷ ମହାନ୍ତ ୪୦ କିଲୋଗ୍ରାମ ବର୍ଗରେ ସ୍ନାଚ୍‌ରେ ୩୦ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କ୍‌ରେ ୩୯ କିଲୋଗ୍ରାମ ମୋଟ ୬୯ କିଲୋଗ୍ରାମ ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

୧୪ବର୍ଷରୁ କମ ବିଭାଗରେ କବିତା ମହାନ୍ତ ୪୦ କିଲୋଗ୍ରାମ ବର୍ଗରେ ସ୍ନାଚ୍‌ରେ ୩୮ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କ୍‌ରେ ୫୦ କିଲୋଗ୍ରାମ ମୋଟ ୮୮ କିଲୋଗ୍ରାମ ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ, ଶୁଭଶ୍ରୀ ମହାନ୍ତ ୪୯ କିଲୋଗ୍ରାମ ବର୍ଗରେ ସ୍ନାଚ୍‌ରେ ୫୫ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କ୍‌ରେ ୬୯ କିଲୋଗ୍ରାମ ମୋଟ ୧୨୪ କିଲୋଗ୍ରାମ ଭାରୋତ୍ତୋଳନ କରି ରୌପ୍ୟ ପଦକ, ସତ୍ୟମ ସିଂ ୫୦କିଲୋଗ୍ରାମ ବର୍ଗରେ ସ୍ନାଚ୍‌ରେ ୬୫ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କ୍‌ରେ ୮୫ କିଲୋଗ୍ରାମ ମୋଟ ୧୫୦ କିଲୋଗ୍ରାମ ଭାରୋତ୍ତୋଳନ କରି ରୌପ୍ୟ ପଦକ ଏବଂ ସୁମନ ମହାନ୍ତ ୪୦ କିଲୋଗ୍ରାମ ବର୍ଗରେ ସ୍ନାଚ୍‌ରେ ୩୬ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କ୍‌ରେ ୪୫ କିଲୋଗ୍ରାମ ମୋଟ ୮୧ କିଲୋଗ୍ରାମ ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଥିବାର ବାର୍ତ୍ତା ଶକ୍ତିମାନ ଜିମ୍ନାସିଅମର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ପରେଶ ଚନ୍ଦ୍ର ମହାନ୍ତ ଜଣାଇବା ସଙ୍ଗେ ସଙ୍ଗେ କୃତି ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଏବଂ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି । ଉକ୍ତ ପ୍ରତିଯୋଗିତାରେ ମୋଟ ୪ଟି ସ୍ୱର୍ଣ୍ଣ, ୨ରୌପ୍ୟ ଏବଂ ୨ବ୍ରୋଞ୍ଜ ପଦକ ଶକ୍ତିମାନ ଜିମ୍ନାସିଅମର ପ୍ରତିଯୋଗୀମାନେ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ।

**ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ**
**ଭାରତ ସରକାର**
**ବିଜ୍ଞପ୍ତି**

ସାଧାରଣ ଲୋକଙ୍କ ସୂଚନା ପାଇଁ ଏହା ଜଣାଯାଉଛି ଯେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର (PMRBP) ପାଇଁ ନାମାଙ୍କନ ପ୍ରକ୍ରିୟା ୦୧.୦୪.୨୦୨୬ ରେ ଜାତୀୟ ପୁରସ୍କାର ପୋର୍ଟାଲ (**https://awards.gov.in**) ମାଧ୍ୟମରେ ଆରମ୍ଭ ହୋଇଥିଲା । ସାହସିକତା, ସମାଜସେବା, ପରିବେଶ, କ୍ରୀଡା, କଳା ଏବଂ ସଂସ୍କୃତି, ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅସାଧାରଣ ସଫଳତା ପ୍ରଦର୍ଶନ କରିଥିବା ପିଲାମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ ।

ଭାରତରେ ରହୁଥିବା ଯେକୌଣସି ଭାରତୀୟ ନାଗରିକ, ୫ ବର୍ଷରୁ ଅଧିକ ବୟସର ଏବଂ ୧୮ ବର୍ଷରୁ କମ ବୟସ (୩୧ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ) ହୋଇନଥିବା ଯେକୌଣସି ପିଲା ପୁରସ୍କାର ପାଇଁ ଯୋଗ୍ୟ । ଯେକୌଣସି ନାଗରିକଙ୍କ ଦ୍ୱାରା ସ୍ୱ-ନାମାଙ୍କନ ଏବଂ ସୁପାରିଶ ସମେତ ନାମାଙ୍କନ କେବଳ ଜାତୀୟ ପୁରସ୍କାର ପୋର୍ଟାଲ ମାଧ୍ୟମରେ ଗ୍ରହଣ କରାଯିବ ।

ଅନଲାଇନ୍ ନାମାଙ୍କନ ଦାଖଲର ଶେଷ ତାରିଖ, ଯାହା ପୂର୍ବରୁ ୩୧.୦୭.୨୦୨୬ ଭାବରେ ସ୍ଥିର କରାଯାଇଥିଲା, ଏବେ **୧୫.୦୮.୨୦୨୬** କୁ ବୃଦ୍ଧି କରାଯାଉଛି । ଅଧିକ ବିବରଣୀ ପାଇଁ, ଦୟାକରି **https://awards.gov.in** ରେ ଜାତୀୟ ପୁରସ୍କାର ପୋର୍ଟାଲ୍ ପରିଦର୍ଶନ କରନ୍ତୁ ।

**cbc 46101/11/0012/2627**

**ଭାରତ ସରକାର**
**ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ**
**ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ (DEPwD)**

**ସର୍ବସାଧାରଣ ବିଜ୍ଞପ୍ତି**

**ଅକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ପାଇଁ ଜାତୀୟ ପୁରସ୍କାର ୨୦୨୬**

**ଆବେଦନ / ନାମାଙ୍କନ ଦାଖଲର ଶେଷ ତାରିଖ ବୃଦ୍ଧି**

ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ (**DEPwD**) ଦ୍ୱାରା ୧୫ ମଇ, ୨୦୨୬ ରେ ଜାରି ଏକ ସାର୍ବଜନୀନ ନୋଟିସ ମାଧ୍ୟମରେ **ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ପାଇଁ ଜାତୀୟ ପୁରସ୍କାର, ୨୦୨୬** ପାଇଁ ଆବେଦନ / ନାମାଙ୍କନ ଆମନ୍ତ୍ରିତ କରାଯାଇଥିଲା । ଆବେଦନ / ନାମାଙ୍କନ ଦାଖଲର ଶେଷ ତାରିଖ **ହେଉଛି ୩୧ ଜୁଲାଇ, ୨୦୨୬ ।**

୨. ସମସ୍ତ ଅଂଶୀଦାର ଏବଂ ସାଧାରଣ ଲୋକଙ୍କ ସୁବିଧା ପାଇଁ ଏହା ଜଣାଇ ଦିଆଯାଉଛି ଯେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍ ଆବେଦନ / ନାମାଙ୍କନ ଦାଖଲର ଶେଷ ତାରିଖ **୧୫ ଅଗଷ୍ଟ, ୨୦୨୬** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

୩. ଆବେଦନକାରୀ / ନାମାଙ୍କନକାରୀ ଅନୁରୋଧ କରାଯାଉଛି ଯେ ଆବେଦନ/ନାମାଙ୍କନ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଅନଲାଇନ୍ ମୋଡ୍ ମାଧ୍ୟମରେ ଗ୍ରହଣ କରାଯିବ: **https://awards.gov.in.** ହାର୍ଡ କପି, ପୋଷ୍ଟ, କୋରିଅର୍ କିମ୍ବା ଇ-ମେଲ୍ ସମେତ ଅନ୍ୟ କୌଣସି ମାଧ୍ୟମରେ ପ୍ରାପ୍ତ ଆବେଦନଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

୪. ପୁରସ୍କାର ସମ୍ବନ୍ଧୀୟ ବିସ୍ତୃତ ନିର୍ଦ୍ଦେଶାବଳୀ, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସୂଚନା ନିମ୍ନଲିଖିତ ୱେବସାଇଟରେ ଉପଲବ୍ଧ:

**ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ :**
**https://depwd.gov.in**
ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍:
**https://awards.gov.in**

**cbc 38117/11/0006/2627**

**ରେଳ ମନ୍ତ୍ରାଳୟ**
**(ପୂର୍ବ ତଟ ରେଳପଥ)**
**ବିଜ୍ଞପ୍ତି**
**ନୂଆଦିଲ୍ଲୀ, ୮ ଜୁଲାଇ ୨୦୨୬**
**ରେଳବାଇ ଆଇନ-୧୯୮୯ର ଧାରା ୨୦କ ଅନୁଯାୟୀନୋଟିସ୍**

**ଏସ୍.ଓ. ୩୭୧୬ (ଇ)** - ରେଳବାଇ (ସଂଶୋଧନ) ଆଇନ, ୧୯୮୯ (୨୪/୮୯) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା ୨୦କ ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାରକରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବାପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ ବିଶିଷ୍ଟ ରେଳ ପ୍ରକଳ୍ପ, ଯାହାର ନାମ, "ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ରେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ ଏବଂ ୱାଲ୍ଟେୟାର୍ ଡିଭିଜନ ଅଧୀନ ରେ ଭଦ୍ରକ - ବିଜୟନଗରମ (୫୨୫ କି ମି) ମଝି ରେ ସ୍ୱୀକୃତ ତୃତୀୟା ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି ମି) ଏବଂ ଖୋର୍ଦ୍ଧା ରୋଡ - ବିଜୟନଗରମ (୩୬୩ କି ମି) ମଝିରେ ତୃତୀୟା ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲା-ଗଞ୍ଜାମ, ରାଜ୍ୟ - ଓଡିଶାରେ ଆବଶ୍ୟକ ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା ଏଠାରେ ସଂଲଗ୍ନ ସୂଚୀ ରେ ଦିଆ ଯାଇଛି,ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି ।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖରୁ ତିରିଶଦିନ ମଧ୍ୟରେ, ଉକ୍ତ ଆଇନର ଧାରା ୨୦ଘ ର ଉପ-ଧାରା (୧) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ପାରିବେ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ ଭୂମି ଅଧିଗ୍ରହଣ ଅଧିକାରୀ, ଗଞ୍ଜାମ, ରାଜ୍ୟ-ଓଡ଼ିଶାଙ୍କ ନିକଟରେ ଦାଖଲ କରାଯିବ ଯଥେରେ ଏହାର କାରଣ ଉଲ୍ଲେଖ ରହିବ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକର୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣୀର ସୁଯୋଗଦେବେ ଏବଂ ସମସ୍ତ ଆପତ୍ତି ଶୁଣିବାପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେକରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ ।

ଉକ୍ତ ଆଇନର ୨୦ଘ ର ଉପ-ଧାରା (୨) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମିନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତିସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରିପାରିବେ ।

**ଅନୁସୂଚୀ**

"ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ରେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ ଏବଂ ୱାଲ୍ଟେୟାର୍ ଡିଭିଜନ ଅଧୀନ ରେ ଭଦ୍ରକ-ବିଜୟନଗରମ (୫୨୫ କି ମି) ମଝି ରେ ସ୍ୱୀକୃତ ତୃତୀୟା ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି ମି) ଏବଂ ଖୋର୍ଦ୍ଧା ରୋଡ-ବିଜୟନଗରମ (୩୬୩ କିମି) ମଝି ରେ ତୃତୀୟା ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲା – ଗଞ୍ଜାମ, ରାଜ୍ୟ - ଓଡିଶା ରେ ଆବଶ୍ୟକ ଜମି, ନିର୍ମାଣ ସହିତ କିମ୍ବା ବିନା ନିର୍ମାଣରେ, ଅଧିଗ୍ରହଣ କରିବାକୁଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-୧) ଏଠାରେ ସଂଲଗ୍ନ।

**ଏନେକ୍ସର-1**

| କ୍ରମିକ ସଂଖ୍ୟା | ମୌଜା ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଜମିର କିସମ | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର ପ୍ରକାର |
|---|---|---|---|---|---|---|---|
| ୧ | ମଦନମୋହନପୁର | ୧୭୬ | ୨୬୫ | ପଦର | ୦.୬୮୦ | ୦.୦୭୪ | ବ୍ୟକ୍ତିଗତ |
| ୨ | ମଦନମୋହନପୁର | | ୨୬୬ | ଘରବାରି | ୦.୦୫୦ | ୦.୦୧୩ | ବ୍ୟକ୍ତିଗତ |
| ୩ | ମଦନମୋହନପୁର | ୪୫୮ | ୫୧୦ | ପଦର | ୦.୧୦୭ | ୦.୦୩୪ | ବ୍ୟକ୍ତିଗତ |
| ୪ | ମଦନମୋହନପୁର | ୭୯୧/୨୧୩୨ | ୫୧୦/୩୩୧୬ | ପଦର | ୦.୦୨୦ | ୦.୦୦୮ | ବ୍ୟକ୍ତିଗତ |
| ୫ | ମଦନମୋହନପୁର | ୭୯୧/୧୯୪୭ | ୫୧୦/୩୮୭୩ | ପଦର | ୦.୦୨୦ | ୦.୦୦୮ | ବ୍ୟକ୍ତିଗତ |
| ୬ | ମଦନମୋହନପୁର | ୭୯୧/୨୩୯୨ | ୫୧୦/୪୨୫୪ | ପଦର | ୦.୦୨୩ | ୦.୦୧୧ | ବ୍ୟକ୍ତିଗତ |
| ୭ | ମଦନମୋହନପୁର | ୩୭୪ | ୫୧୧ | ପଦର | ୦.୧୩୦ | ୦.୦୪୭ | ବ୍ୟକ୍ତିଗତ |
| ୮ | ମଦନମୋହନପୁର | ୪୩୦ | ୫୧୨ | ପଦର | ୦.୧୦୦ | ୦.୦୨୬ | ବ୍ୟକ୍ତିଗତ |
| ୯ | ମଦନମୋହନପୁର | ୨୯ | ୫୧୩ | ପଦର | ୦.୧୯୦ | ୦.୦୬୭ | ବ୍ୟକ୍ତିଗତ |
| ୧୦ | ମଦନମୋହନପୁର | ୪୮୭ | ୫୧୬ | ଜଳାଶୟ- ୨ | ୦.୧୫୦ | ୦.୦୯୭ | ବ୍ୟକ୍ତିଗତ |
| ୧୧ | ମଦନମୋହନପୁର | ୪୦୯ | ୫୧୭ | ପଦର | ୦.୨୬୦ | ୦.୧୩୯ | ବ୍ୟକ୍ତିଗତ |
| ୧୨ | ମଦନମୋହନପୁର | ୭୯୧/୨୭୭୭ | ୫୧୮ | ବିଲ ଅଣଜଳସେଚିତ- ୨ | ୦.୧୩୦ | ୦.୦୮୪ | ବ୍ୟକ୍ତିଗତ |
| ୧୩ | ମଦନମୋହନପୁର | ୨୯୨ | ୬୦୬ | ବିଲ ଅଣଜଳସେଚିତ- ୨ | ୦.୩୫୩ | ୦.୦୦୭ | ବ୍ୟକ୍ତିଗତ |
| ୧୪ | ମଦନମୋହନପୁର | ୭୯୧/୧୯୯୬ | ୬୦୫ | ଘରବାରି | ୦.୩୩୫ | ୦.୦୦୨ | ବ୍ୟକ୍ତିଗତ |
| ୧୫ | ମଦନମୋହନପୁର | ୪୩୨ | ୫୮୦ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | ୦.୦୮୦ | ବ୍ୟକ୍ତିଗତ |
| ୧୬ | ମଦନମୋହନପୁର | ୭୯୧/୧୫୦୮ | ୫୮୦/୩୫୦୫ | ବିଲ ଜଳସେଚିତ ଏକ ଫସଲି | ୦.୧୯୪ | | ବ୍ୟକ୍ତିଗତ |
| ୧୭ | ମଦନମୋହନପୁର | ୭୯୧/୧୬୧୩ | ୫୮୦/୩୫୮୮ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୧୮ | ମଦନମୋହନପୁର | ୭୯୧/୧୬୧୪ | ୫୮୦/୩୫୮୯ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୧୯ | ମଦନମୋହନପୁର | ୭୯୧/୧୬୩୨ | ୫୮୦/୩୬୦୪ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୨୦ | ମଦନମୋହନପୁର | ୭୯୧/୧୮୯୫ | ୫୮୦/୩୮୩୦ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୨୧ | ମଦନମୋହନପୁର | ୭୯୧/୩୪୩୨ | ୫୮୦/୩୮୭୬ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୨୨ | ମଦନମୋହନପୁର | ୭୯୧/୧୯୭୨ | ୫୮୦/୩୮୯୧ | ବିଲ ଜଳସେଚିତ ଏକ ଫସଲି | ୦.୦୨୬ | | ବ୍ୟକ୍ତିଗତ |
| ୨୩ | ମଦନମୋହନପୁର | ୭୯୧/୩୩୬୭ | ୫୮୦/୩୮୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୩୪ | | ବ୍ୟକ୍ତିଗତ |
| ୨୪ | ମଦନମୋହନପୁର | ୭୯୧/୩୪୩୪ | ୫୮୦/୩୯୮୦ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୨୫ | ମଦନମୋହନପୁର | ୭୯୧/୨୬୧୬ | ୫୮୦/୪୪୧୧ | ବିଲ ଜଳସେଚିତ ଏକ ଫସଲି | ୦.୦୨୮ | | ବ୍ୟକ୍ତିଗତ |
| ୨୬ | ମଦନମୋହନପୁର | ୭୯୧/୨୬୧୭ | ୫୮୦/୪୪୧୨ | ବିଲ ଜଳସେଚିତ ଏକ ଫସଲି | ୦.୦୧୭ | | ବ୍ୟକ୍ତିଗତ |
| ୨୭ | ମଦନମୋହନପୁର | ୭୯୧/୧୬୦୩ | ୫୮୧ | ବିଲ ଜଳସେଚିତ ଏକ ଫସଲି | ୦.୨୧୦ | ୦.୦୩୯ | ବ୍ୟକ୍ତିଗତ |
| ୨୮ | ମଦନମୋହନପୁର | ୩୪୯ | ୫୮୩ | ବିଲ ଜଳସେଚିତ ଏକ ଫସଲି | ୦.୧୭୮ | ୦.୦୨୮ | ବ୍ୟକ୍ତିଗତ |
| ୨୯ | ମଦନମୋହନପୁର | ୭୯୧/୧୪୦୫ | ୫୮୪ | ବିଲ ଜଳସେଚିତ ଏକ ଫସଲି | ୦.୨୬୦ | ୦.୦୨୧ | ବ୍ୟକ୍ତିଗତ |
| ୩୦ | ମଦନମୋହନପୁର | | ୫୯୧ | | ୦.୨୭୦ | ୦.୦୩୪ | ବ୍ୟକ୍ତିଗତ |
| ୩୧ | ମଦନମୋହନପୁର | ୭୯୧/୧୧୪୧ | ୫୯୨ | ବିଲ ଜଳସେଚିତ ଏକ ଫସଲି | ୦.୭୫୫ | ୦.୦୫୩ | ବ୍ୟକ୍ତିଗତ |
| ୩୨ | ମଦନମୋହନପୁର | | ୫୯୩ | | ୦.୨୯୫ | ୦.୦୨୯ | ବ୍ୟକ୍ତିଗତ |
| ୩୩ | ମଦନମୋହନପୁର | ୭୯୧/୧୧୪୧ | ୧୦୭୬ | ବିଲ ଜଳସେଚିତ ଏକ ଫସଲି | ୦.୨୧୦ | ୦.୦୧୩ | ବ୍ୟକ୍ତିଗତ |
| | | | | **ମୋଟ** | **୫.୧୪୪** | **୦.୯୦୪** | |

**ଗ୍ରାମୱାରୀ ସାର ସଂଗ୍ରହ**

| କ୍ରମିକସଂଖ୍ୟା | ଗାଁନାମ | ଅଧିଗ୍ରହଣକ୍ଷେତ୍ର (ଏକର) | ମୋଟ ପ୍ଲଟ ସଂଖ୍ୟା |
|---|---|---|---|
| ୧ | ମଦନମୋହନପୁର | ୦.୯୦୪ | ୩୩ |
| **ମୋଟ=** | | **୦.୯୦୪** | **୩୩** |

**PR-154/CJ/26-27** **ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ-III/ଭୁବନେଶ୍ୱର**

## ଚାଷୀଙ୍କୁ କ୍ଷତିପୂରଣ ଓ ହଂସୁଆ ନଦୀର ସ୍ଥାୟୀ ପ୍ରତିକାର ଦାବୀ

ରଘୁନାଥପୁର,(ସବ୍ୟ):ଜଗତସିଂହପୁର ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ହଂସୁଆ ନଦୀର ସ୍ଥାୟୀ ପ୍ରତିକାର ଦାବୀ ନେଇ ରଘୁନାଥପୁର ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ମୌସୁମୀ ଋତୁରେ ବାରମ୍ବାର ଲଘୁଚାପ ଜନିତ ଲଗାଣ ବର୍ଷାରେ ହଂସୁଆ ଓ ପାଇକା ନଦୀରେ ବନ୍ୟା ଆସି କୂଳ ଲଂଘନ କରି ଅର୍ଦ୍ଧାଧିକ ଚାଷଜମି ଜଳ ପ୍ଲାବିତ ହୋଇଛି ।ଯାହାଫଳରେ ପନିପରିବା ଫସଲ ଉଜୁଡ଼ି ଯିବା ସହ ଧାନତଳି ଓ ୫୦ ପ୍ରତିଶତ ରୁଆ ଧାନ ପାଣିରେ ବୁଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି କୃଷକ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ପ୍ରକାଶ କରିଛନ୍ତି ।ଏହାଛଡା ହଂସୁଆ ନଦୀଶଯ୍ୟା ପୋତି ହୋଇଯିବା ଏବଂ ଜଟାଧାରୀ ସ୍ଥିତ ଏହାର ମୁହାଣ ମୁହଁ ପୋତି ହୋଇଯିବା ଯୋଗୁଁ ଉଦବୃତ୍ତ ପାଣି ନିଷ୍କାସନରେ ବାଧକ ସାଜିଛି ।ବାରମ୍ବାର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ସଙ୍ଗଠନ ସମ୍ପାଦକ ଇଂ ବାବାଜୀ ଚରଣ ଜେନା କ୍ଷୋଭ ପ୍ରକାଶ କରିଛନ୍ତି ।ପ୍ରତିବର୍ଷ ଏହି ସମସ୍ୟା ଅଞ୍ଚଳର ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଯାହାକି ଚାଷୀଙ୍କ ପାଇଁ ଅଭିଶାପ ପାଲଟିଛି ବୋଲି ପ୍ରତିବାଦ ସଭାରେ ବକ୍ତାମାନେ ପ୍ରକାଶ କରିଛନ୍ତି ।ଏଣୁ ହଂସୁଆ ନଦୀର ସ୍ଥାୟୀ ପ୍ରତିକାର ଓ ଚଳିତ ଋତୁରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରାଯାଇଛି ।

## ଖରସ୍ରୋତାରେ ପ୍ରବଳ ବନ୍ୟା : କୋରାଇର ତିନି ପଞ୍ଚାୟତ ପ୍ରଭାବିତ

ପାଣିକୋଇଲି ,(ସବ୍ୟ) : ବୈତରଣୀରେ ବନ୍ୟାର ପ୍ରକୋପ କମିଥିବା ବେଳେ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରର ଆଁ ଭିତରେ କୋରାଇ ବ୍ଲକର ତିନି ଫଚାୟତ ତଣ୍ଡରା,ବଡ଼ବିରୁହାଁ ଓ ଗୋଲେଇପୁର ଫଚାୟତ ଗଭୀର ଭାବେ ପ୍ରଭାବିତ ହୋଇଛି । ତଣ୍ଡରା ଫଚାୟତର ବରେଇ ଓ ଫିରୋଜାବାଦ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ବଡ଼ବିରୁହାଁ ଫଚାୟତର ଅନେକ ଗ୍ରାମରେ ପାଣି ପଶିଛି । ସେହିପରି ଗୋଲେଇପୁର ଫଚାୟତର ଟିକର, ମକୁନ୍ଦବିନ୍ଧା(ବଡ଼ତ୍ରୀଲୋଚନପୁର) ତେଲିଆ, କେଉଟନଗୁଆଁ,ମିର୍ଜାପୁର,ମସୁଦପୁର ଗ୍ରାମ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇଛି । ଉକ୍ତ ଗ୍ରାମ ଗୁଡ଼ିକ ବନ୍ୟା ପାଣିଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ତଣ୍ଡରା ଫଚାୟତରେ ତିନିଟି ଘରର କାନ୍ଥ ଭାଙ୍ଗି ଯାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଅସ୍ଥାୟୀ ଭାବେ ପଲିଥିନ ଯୋଗାଇ ଦିଆଯାଇଛି । ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ,ଗୋଲେଇପୁର ଫଚାୟତର ସରପଂଚ ସସ୍ମିତା ମାଝୀ ,ତଣ୍ଡରା ସରପଂଚ ମାମୁନୀ ମହାନ୍ତି,ବଡ଼ବିରୁହାଁ ସରପଂଚ



ତପନ କୁମାର ମାଝୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ବନ୍ୟା ପରିଚାଳନାରେ ସହଯୋଗ କରୁଛନ୍ତି । କିଛି ଲୋକମାନେ ଜଳଘେରରୁ ବାହାରି ରାସ୍ତା କଡରେ ଗୃହପାଳିତ ପଶୁ ମାନଙ୍କୁ ନେଇ ରହୁଛନ୍ତି। ମକୁନ୍ଦବିନ୍ଧା ଓ ଟିକର ପୋଲ ତଳ ଆୟୟସ୍ଥଳ ପାଲଟିଛି। ସ୍କୁଲ, ଅଙ୍ଗନବାଡି କେନ୍ଦ୍ର , ମନ୍ଦିର ସବୁ ପାଣିରେ ବୁଡି ରହିଛି। ବିଶେଷ କରି ପନିପରିବା ଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହେବା ସହ ଧାନ ତଳି ବୁଡିଥିବାରୁ ପଚି ଯିବାର ସମ୍ଭାବନା ରହିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ବିପନ୍ନ ପରିବାର ଦାବି କରିଛନ୍ତି।

## ଜେନାପୁର ଥାନାର ପୂର୍ବତନ ଏଏସଆଇ ଜେଲ ଗଲେ

ଚଣ୍ଡିଖୋଲ/ଚଡେଇଧରା,(ସବ୍ୟ):ଯାଜପୁର ଜିଲ୍ଲା ଜେନାପୁର ଥାନାର ଜଣେ ପୂର୍ବତନ ଏଏସଆଇ ତଥା ବର୍ତ୍ତମାନ କଟକ ଜିଲ୍ଲା ଆଠଗଡ଼ ଥାନାରେ କାର୍ଯ୍ୟରତ ଅମିୟକୁମାର ବେହେରାଙ୍କୁ ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ଜେଲ ପଠାଯାଇଛି । ଯାଜପୁର ଜିଲ୍ଲା ଜେନାପୁର ଥାନାରେ କାର୍ଯ୍ୟ କରୁଥିଲା ବେଳେ ଏଏସଆଇ ଶ୍ରୀ ବେହେରାଙ୍କୁ ଲାଞ୍ଚ ନେବାବେଳେ ଧରିଥିଲେ । ସେହି ଦିନ ଠାରୁ ମାମଲା ବିଚାରାଧୀନ ଥିବା ବେଳେ କୋର୍ଟ ତାଙ୍କୁ ସେହି ମାମଲାରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଥିଲେ । ସୂଚନା ମୁତାବକ ୨୦୧୫ ମସିହାରେ ଜେନାପୁର ଥାନା ଅନ୍ତର୍ଗତ ରାଇଛଡା ପଞ୍ଚାୟତ ଅଧୀନ କଣ୍ଡାପାଟଣା ଗ୍ରାମର ଅରୁଣ ଲେଙ୍କାଙ୍କ ଠାରୁ ଏକ ଗଣ୍ଡଗୋଳ ମାମଲାର ରଫାଦଫା କରି ଦେବାପାଇଁ ଏଏସଆଇ ଶ୍ରୀ ବେହେରା ୭ଶହ ଟଙ୍କା ଲାଞ୍ଚ ନେଉଥିଲା ବେଳେ କଟକ ଓ ଯାଜପୁର ଭିଜିଲାନ୍ସ ସେଲ ମିଳିତ ଭାବେ ତାଙ୍କୁ ଧରିଥିଲା । ଆଇପିସିର ୧୯୮୮ର ଧାରା ୧୩(୨) ସହ ପଠନୀୟ ଧାରା ୧୩(୧)(ଡି)/୭ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରାଯାଇଥିଲା । ଏହି ମାମଲାରେ କଟକ ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷର କାରାଦଣ୍ଡ ଏବଂ ଜରିମାନା ଆଦେଶ ଦେଇଛନ୍ତି । ଏହାପରେ, ଦୋଷୀ ସାବ୍ୟସ୍ତ ହୋଇଥିବା ଏଏସଆଇ ଅମିୟକୁମାର ବେହେରାଙ୍କୁ ଦଣ୍ଡାଦେଶ ଭୋଗିବା ପାଇଁ ସଙ୍ଗେସଙ୍ଗେ ଜେଲ ପଠାଇ ଦିଆଯାଇ ଥିବା ଜଣାପଡିଛି ।ଦୋଷୀ ସାବ୍ୟସ୍ତ ହେବା ପରେ ଏବେ ଅମିୟ କୁମାର ବେହେରାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବ ବୋଲି ମଧ ଜଣାପଡିଛି ।

## ନାଉଗାଁରେ ଜିଲ୍ଲାପାଳ : ୪୦ ପରିବାରର ୫୫୦ଜଣଙ୍କୁ ସ୍ଥାନାନ୍ତର କରାଯିବ

ନାଉଗାଁ,(ସବ୍ୟ) : ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲାପାଳ ଜେ. ସୋନାଲ ଗୁରୁବାର ଅପରାହ୍ନରେ ନାଉଗାଁ ବ୍ଲକ ଅଂଚଳ ଗ୍ରସ୍ତ କରିଥିଲେ । ବ୍ଲକର ଦେବୀନଦୀ ଅପର ପାଶ୍ୱର୍ରେ ଥିବା ବଛାଲୋ ଫଂଚାୟତର ବ୍ରାହ୍ମଣୀଗାଁ ଓ ପୋକାମୂଳ ଗ୍ରାମ ବୁଲିବା ସହିତ ତଳିଆ ଅଂଚଳରେ ରହିଥିବା ଜନସାଧାରଣଙ୍କୁ ଉଚ୍ଚ ଓ ନିରାପଦ ସ୍ଥାନକୁ ଯିବା ପାଇଁ ପରାମର୍ଶ ଦେଇଥିଲେ । ଘର ଛାଡି ଦୂର ସ୍ଥାନକୁ ସାଧାରଣତଃ ଲୋକମାନେ ଯିବା ପାଇଁ ରାଜି ହୋଇ ନଥିଲେ । ଜିଲାପାଳ ବୁଝାଇବା ସହିତ ବନ୍ୟା ପାଣି କମିଲେ ଉକ୍ତ ଗ୍ରାମ ନିକଟରେ ଏକ ଆଶ୍ରୟସ୍ଥଳିନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଭବିଷ୍ୟତରେ ଯେବେ ବନ୍ୟା ଆସେ ଉକ୍ତ ଗ୍ରାମର ତଳିଆ ଅଂଚଳରେ ରହୁଥିବା ଲୋକ ଦୂର ସ୍ଥାନକୁ ନଯାଇ ପାଖରେ ଥିବା ଆଶ୍ରୟସ୍ଥଳରେ ରହିପାରିବେ । ଜିଲାପାଳଙ୍କ ସୂଚନା ମୁତାବକ ବର୍ତମାନ ନରାଜରେ ସାଢେ ଆଠ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ କରିସାରିଥିବା ବେଳେ ରାତି ମଧ୍ୟରେ ୯ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ । ରାତିରେ ଯଦି ବର୍ଷା ହୁଏ ତେବେ ବନ୍ୟା ପାଣି ଆହୁରି ବୃଦ୍ଧି ପାଇ ପାରେ । ଯେତିକି ଜଳ ନଦୀକୁ ଆସିଛି ତଳିଆ ଅଂଚଳ ନିଶ୍ଚିତ ରୂପେ ବନ୍ୟା ପ୍ଲାବିତ ହେବ । ତେଣୁ ସମସ୍ତ ଜନସାଧାରଣଙ୍କ ଜୀବନ ସୁରକ୍ଷିତ ରହିବା ପାଇଁ ସେମାନଙ୍କୁ ଆଗୁଆ ତଳିଆ ଅଂଚଳ ଛାଡିବାକୁ ପରାମର୍ଶ ଦିଆଯାଉଥିବା ଜିଲାପାଳ ମତବ୍ୟକ୍ତ କରିଥିଲେ । ଉକ୍ତ ଦୁଇ ଗ୍ରାମରେ ଥିବା ୪୦ପରିବାରର ପ୍ରାୟ ୫୫୦ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ବଛାଲୋ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ଗୃହପାଳିତ ପଶୁଙ୍କୁ ନଦୀ ବନ୍ଧରେ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇ ରଖାଯିବ । ସ୍ଥାନାନ୍ତର ହୋଇଥିବା ଜନସାଧାରଣଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଜିଲାପାଳଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଉପଜିଲାପାଳ ପ୍ରଶାନ୍ତ ତରାଇ, ବିଡିଓ ନିରାNନ ପରିଡା, ତହସିଲଦାର ଅକ୍ଷୟ ବସ୍ତୁ, ଥାନାଧିକାରୀ ଦେବାଶୀଷ ପଣ୍ଡା,ପ୍ରାଣୀ ଚିକିତ୍ସାକାରୀ ନିରୋଦ କୁମାର ସାହୁ, ବଛାଲୋ ଫଂଚାୟତ ସମିତି ସଭ୍ୟ ଚନ୍ଦନ ଲେଙ୍କା, ସରପଂଚ ପ୍ରିୟଦର୍ଶୀନୀ ଲେଙ୍କା ଉପସ୍ଥିତ ଥିଲେ ।

## ଗାଁ ଭିତରେ ୪ଫୁଟ ଉଚ୍ଚର ବନ୍ୟାଜଳ

ରାଜକନିକା ,(ସବ୍ୟ) : ଗତ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ, ପ୍ରଭାବରେ ଉପର ମୁଣ୍ଡରେ ଜଳସ୍ତର ବଢିବା ଫଳରେ ବିଭିନ୍ନ ନଦୀ ଗୁଡିକ ଫୁଲିବାରେ ଲାଗିଛି । ଏହି କ୍ରମରେ ବୈତରଣୀ ନଦୀରେ ପ୍ରଥମ ବନ୍ୟା ଜଳ ବିଭିନ୍ନ ଗାଁରେ ପଶିଥିବା ଦେଖିବାକୁ ମିଳିଛି । ରାଜକନିକା ବ୍ଲକ ବାରହା-ଦୋମଣ୍ଡା ପଞ୍ଚାୟତର କାଏମା-ଦୋମଣ୍ଡା, କନପୁର ଓ ଗୁଣ୍ଡଳ ଆଦି ସଂଲଗ୍ନ ଗାଁ ଗୁଡିକରେ ବୈତରଣୀରେ ପ୍ରଥମ ବନ୍ୟା ପହଞ୍ଚିଛି । ପ୍ରଭାବରେ କାଏମା-ଦୋମଣ୍ଡା, କନପୁର ମୁଖ୍ୟ ରାସ୍ତାରେ ୪ଫୁଟରୁ ଉର୍ଦ୍ଧ୍ୱର୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ଗୁରୁବାର ଗାଁ ଭିତରେ ୪ଫୁଟ ଉଚ୍ଚର ବନ୍ୟାଜଳ ପଶିଛି । ଘର ଭିତରେ ଆଣ୍ଠୁଏରୁ ଉର୍ଦ୍ଧ୍ୱର୍ ଉଚ୍ଚର ବନ୍ୟାଜଳ ପଶିଥିବା ଦେଖିବାକୁ ମିଳିଛି । ଫଳରେ ଲୋକମାନଙ୍କର ଦୁର୍ଦ୍ଦଶା ଦିଗୁଣିତ ହୋଇଥିବା ଦେଖିବାକୁ ମିଳିଛି । ପାନୀୟ ଜଳ ପାଇଁ ଅନେକବାଟ ବନ୍ୟାଜଳ ଭିତରେ ପଶି ଆଣିବାକୁ ପଡୁଛି । ସବୁଠାରୁ ବଡକଥା ବୈତରଣୀ ନଦୀସହ ଭିତର କନିକା ଜାତୀୟ ଉଦ୍ୟାନ ସଂଯୋଗ ଥିବାରୁ କୁମ୍ଭୀରମାନେ ପ୍ରାୟତଃ ବୈତରଣୀ ନଦୀରେ ଦେଖାଯାଇଥାନ୍ତି । ତେଣୁ ବୈତରଣୀ ନଦୀର ବନ୍ୟାଜଳ ଗାଁ ଭିତରେ ପଶିଥିବା ବେଳେ ଲୋକମାନଙ୍କୁ କୁମ୍ଭୀର ଭୟ ଅଧିକ ଘାରିଛି । ଅନ୍ୟପଟେ ଘରେ ରନ୍ଧା ହୋଇପାରୁନାହିଁ । ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ବା ଶୁଖିଲା ଖାଦ୍ୟ କିମା ପାନୀୟ ଜଳ ଏ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇନାହିଁ । ଲୋକଙ୍କ ଘର ଚତୁପାର୍ଶରେ ବନ୍ୟା ଜଳ ଘେରି ରହିଥିବା ଫଳରେ ସରିଶପର ଭୟ ଥିବା ଲୋକମାନେ କହିଛନ୍ତି । ଘରେ ବନ୍ୟାଜଳ ଲହଡି ଭାଙ୍ଗୁଥିବାରୁ କେହି କେହି ନିଜ ଘର ଛାତ ଉପରେ ଆଶ୍ରୟ ନେଉଥିବା ବେଳେ, କେହି କେହି ନିଜ ଖଟ ଉପରେ ବସି ରହିଥିବା ଦେଖିବାକୁ ମିନିଛି । କୌଣସି କାର୍ଯ୍ୟରେ ବାହାରକୁ ବାହାରିବା କଷ୍ଟକର ହୋଇପଡିଛି । ବିଦ୍ୟାଳୟ ମଧ ବନ୍ୟାଜଳରେ ଜଳମଗ୍ନ । ବିଦ୍ୟାଳୟ ଯିବାକୁ ରାସ୍ତା ନାହିଁ । ସବୁଠୁ ଅସୁବିଧା ଓ ବିପଦ ହୋଇଛି ପାନୀୟ ଜଳ । ନଳକୂପ ଗୁଡିକ ବନ୍ୟା ପାଣିରେ ବୁଡି ଯାଇଛି । ଗୃହପାଳିତ ପଶୁ, ପକ୍ଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି । ସେହିପରି ବ୍ଲକର ନହୁଣୀ ପଞ୍ଚାୟତର ପଙ୍କି, ଗୋପାଳପୁର, ଶୁକଦେଇପୁର ଆଦି ଗାଁରେ ବନ୍ୟାଜଳ ପ୍ରବାହିତ ହେଉଛି ।

## କେଲୁଅ ନଦୀବନ୍ଧ ପାର୍ଶ୍ୱରେ ଗର୍ତ୍ତ, ଲୋକେ ଆତଙ୍କିତ

ଧର୍ମଶାଳା,(ସବ୍ୟ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା କୋଟପୁର ନଦୀବନ୍ଧ ରାସ୍ତାର ମିର୍ଜାପୁର ଗ୍ରାମ ନିକଟରେ ନଦୀବନ୍ଧ ପାଶ୍ୱର୍ରେ ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ ଏହି ନଦୀବନ୍ଧ ରାସ୍ତାର ସମ୍ପ୍ରସାରଣ କାଯ୍ୟ ପାଇଁ ନଦୀବନ୍ଧର ଦୁଇପାଶ୍ୱର୍ରେ ଥିବା ଗଛସବୁ କଟାଯାଇଥିବା ବେଳେ ମିର୍ଜାପୁର ମାଙ୍ଗଟ ଠାରୁ ମିର୍ଜାପୁର ଯଜ୍ଞଗଡାଣି ମଧ୍ୟରେ ଥିବା ଏକ ବୃହତ ବରଗଛ କୁ କଟ୍‌ଯାଇଥିଲା। ବରଗଛ କଟାଯାଇଥିବା ସ୍ଥାନରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତଟି ନଦୀବନ୍ଧ ପେଟର ତିନିଫୁଟ ଗଭୀର ପର୍ଯ୍ୟନ୍ତ ଲମ୍ବିଥିବାରୁ ନଦୀବନ୍ଧର ଭିତି ଦୁର୍ବଳ ହୋଇଥିବା ପରିଲକ୍ଷିତ ହୋଇଛି। ଗତ ଦୁଇଦିନ ଧରି କେଲୁଅ ନଦୀର ଜଳସ୍ତର ବୃଦ୍ଧିପାଉଥିବା ଯୋଗୁଁ ଗର୍ତଥିବା ଜାଗାରେ ଘଲିଆ ପଡିବାର ଆଶଙ୍କା ପ୍ରକାଶ ପାଇଛି। ନଦୀ ବନ୍ୟାପାଣି ଏବେ ବଗଚରା ଉପରକୁ ଉଠିଥିବାରୁ ନଦୀବନ୍ଧ ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହି ଗର୍ତକୁ ବନ୍ଦ କରିବା ପାଇଁ ମାଟି ପଥର ପ୍ୟାକିଂ କରିବା ନିମନ୍ତେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଆଜି ଧର୍ମଶାଳାର ବିଧାୟକ ବନ୍ୟାଂଚଳ ପରିଦର୍ଶନ କରିବାକୁ ଯାଇଥିବା ବେଳେ ଏହି ବନ୍ଧର ସ୍ଥିତିକୁ ପରଖିଥିଲେ। ପରେ ପ୍ରଶାସନ ପକ୍ଷରୁ ଟ୍ରକ ଯୋଗେ ମାଟି ଅଣାଯାଇ ସେଠାରେଥିବା ଗର୍ତକୁ ବନ୍ଦ କରାଯାଇଛି। ଏଥିସହିତ ବନ୍ଧର ଅପର ପାଶ୍ୱର୍ରେ ବଗଚରାରେ ବାଲିବସ୍ତା ପ୍ୟାକିଂ କରାଯାଇଛି। ଏହି ବନ୍ଧକୁ ପଥର ପ୍ୟାକିଂ କରାଯାଇ ଅଧିକ ମଜଭୁତ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବୀ କରାଯାଇଛି।

## ନାବାଳିକା ଝିଅକୁ ଅସଦାଚରଣ, ଆସାମୀକୁ ୩ ବର୍ଷ ଜେଲ୍

କେନ୍ଦ୍ରାପଡା ,(ସବ୍ୟ) : କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ହିନ୍ଦୁଳିଆ ଗ୍ରାମର ଜଣେ ନାବାଳିକା ଝିଅକୁ ଅସଦାଚରଣ କରିଛନ୍ତି ,ଯମାମଲାର ବିଚାର କରି ପୋସ୍କୋ କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନ୍ନାରା ଆସାମୀକୁ ୩ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଆସାମୀ ନଛିଆ ସ୍ୱାଇଁ ସେହି ଗ୍ରାମର ଜଣେ ନାବାଳିକା ଝିଅ ତାଙ୍କ ବାପା ଛେଳି, ମେ,,। ଚରାଉଥିବା ସମୟରେ ତାଙ୍କ ବାପାଙ୍କୁ ଦେଖାକରି ଘରକୁ ଫେରିବା ସମୟରେ ସେହି ଗ୍ରାମର ଆସାମୀ ନଛିଆ ଝିଅ ହାତରେ ୧୦ ଟଙ୍କା ଧରାଇ ଏକ ନିଛାଟିଆ ଗୃହକୁ ନେଇ ଅସଦାଚରଣ କରିଥିବାର ଅଭିଯୋଗ ତାଙ୍କ ମାଆ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ । ମାମଲା ଜି.ଆର୍ କେଶ୍ ନମ୍ବର-୯୧/୨୧ ରେ ମାମଲାର ବିଚାର କରି ବିଚାରପତି ଆସାମୀକୁ ୮ ପୋକ୍ସୋରେ ୩ ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବାବେଳେ ୫୦୬ ଦଫାରେ ଏକ ବର୍ଷ ଜେଲ୍, ୧ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଆଉ ଏକ ମାସ ଅଧିକ ଜେଲ୍ ଭୋଗିବାକୁ ପଡିବ ବୋଲି ବିଚାରପତି ଶ୍ରୀ ଚିନ୍ନାରା ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ସମର କେଶରୀ ମହାପାତ୍ର ପରିଚାଳନା କରୁଥିଲେ ।

## ବନ୍ୟାଜଳରେ କୂଳ ଖାଉଛି ଚିତ୍ରୋତଳା ନଦୀ ମୁହାଁଣ

ସାଲେପୁର ,(ସବ୍ୟ) : ସାଲେପୁର ବ୍ଲକ ଚିତ୍ରୋତ୍ପଳା ମୁହାଣ ଗୁଆଳି ନାସି ଠାରେ ବନ୍ୟାଜଳ ଗତ ସୋମବାର ଠାରୁ କୂଳ ଖାଇବା ଆରମ୍ଭ କରିଥିଲା । ଫଳରେ ବଡ ବଡ଼ ଅତଡ଼ା ଖସଥିବା ଦେଖାଯାଇଥିଲା । ଏଭଳି ସ୍ଥିତିରେ ନଦୀ କୂଳିଆ ୨୫ ଟି ଫଂଚାୟତର ଗ୍ରାମବାସୀ ଭୟରେ ଦିନ କାଟୁଛନ୍ତି । ମହାନଦୀ ଚିତ୍ରୋତଳା ଦ୍ୱୀପାଞ୍ଚଳ ପାଇଁ ବିପଦ ସୃଷ୍ଟି କରିଛି ମହାନଦୀର ଗୁଆଳୀନାସି ମୁହାଁଣ । ମହାନଦୀରୁ ବାହାରିଥିବା ଚିତ୍ରୋତ୍ପଳା ମୁହାଁଣରେ ପ୍ରଥମ ବନ୍ୟା ଜଳରେ ମହାନଦୀ ତାହାର କରାଳ ରୂପ ଦେଖାଇଛି ଗୁଆଳିନାସି ମୁହାଁଣରେ । ଦୁଇଦିନ ତଳେ ସନ୍ଧ୍ୟା ବେଳୁ କୂଳ ଖାଇବା ଆରମ୍ଭ କରିଥିବା ବନ୍ୟାଜଳ ଗୁରୁବାର ମଧ୍ୟାହ୍ନ ମଧ୍ୟରେ ପ୍ରାୟ ୫୦୦ ମିଟର ଚଉଡା ଓ ଏକ କିଲୋମିଟର ଲମ୍ବରେ କୂଳ ଖାଇବା ସହିତ ବହୁ ଚାଷ ଜମି ଓ ଗଛ ନଦୀରେ ଲୀନ ହୋଇଯିବାର ଦେଖାଯାଇଛି । ଏଭଳି ଭାବେ ଯଦି କୂଳ ଖାଏ ତାହା ହେଲେ ଦ୍ୱୀପାଞ୍ଚଳର ସହ ସହ ଏକର ଚାଷ ଜମି ପାଣିରେ ବୁଡିବା ସହିତ ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଜନ ସାଧାରଣ ଜୀବନ



ଜୀବିକା ଉଜୁଡି ଯିବାର ଆଶଙ୍କା ରହିଥିବା ବେଳେ ବହୁ କ୍ଷୟକ୍ଷତି ହେବାର ସମ୍ଭାବନା ଦେଖାଯାଉଛି । ତେବେ ପ୍ରଶାସନ ପକ୍ଷରୁ ଏଯାବତ କୌଣସି ପଦକ୍ଷେପ ନିଆଯାଇନାହିଁ । ବିଳମ୍ବରେ ହେଉ ପଛେ ଗୁରୁବାର ଜଳ ନିକାଶ ବିଭାଗ ଇଷ୍ଟର୍ଣ୍ଣ ଆସିଷ୍ଟାଣ୍ଟ ଚିଫ ଇଂଜିନିୟର, ସୁପରିଟେଣ୍ଡିଙ୍ଗ ଇଂଜିନିୟର, ପୁଣ୍ଡାଳ ସେକ୍ସସନ ଆସିଷ୍ଟାଣ୍ଟ ଇଂଜିନିଅର ଓ ବହୁ ବିଭାଗୀୟ ଅଧିକାରୀ ଆସି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଦେଖାଯାଇଛି । ହେଲେ ପାଣି କମିଲେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ସ୍ଥାନୀୟ ଜନସାଧାରଣଙ୍କୁ କହିଥିବା ଶୁଣିବାକୁ ମିଳିଛି । କିନ୍ତୁ ଏପଟେ ଚାଷୀ ମାନଙ୍କର ପ୍ରାୟ ୫୦ ଏକର ଫସଲ ସହିତ ଜମି ନଦୀ ଗର୍ଭରେ ଲୀନ ହୋଇଥିବା ବେଳେ ଆଗକୁ ଏହି ପରି ସ୍ଥିତି ଲାଗିରହିଲେ ସହ ସହ ଏକର ଚାଷ ଜମି ନଦୀ ଗର୍ଭରେ ଲୀନ ହେବାକୁ ଏଡାଇ ଦିଆଯାଇ ନପାରେ ।

## ମେଡିକାଲ କଲେଜ ଓ ହସ୍ପିଟାଲର କେନ୍ଦ୍ରୀୟ ପରୀକ୍ଷାଗାର ଉଦ୍‌ଘାଟିତ

ଯାଜପୁରସଦର,(ସବ୍ୟ) :ଯାଜପୁର, ୨୯ ଜୁଲାଇ ୨୦୨୬: ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ , ଯାଜପୁରର କେନ୍ଦ୍ରୀୟ ପରୀକ୍ଷାଗାର କୁ ଆଜି ସକାଳ ୯.୩୦ ଘଟିକାରେ ଜିଲ୍ଲାପାଳ ଅମ୍ବର କୁମାର କର ଉ"ାଟନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ଡ଼ଃ ଜାମି ସାଗର ପୃଷ୍ଟି, ଅଧୀକ୍ଷକ, ଡ଼ଃ ନଗେନ୍ଦ୍ର ନାଥ ମହାପାତ୍ର, ସିଡିଏମ ଓ ପିଏଚଓ, ଯାଜପୁର, ଡ଼ଃ ମନୋଜ କୁମାର ସେନାପତି, ଡିଏମଓ-କମ-ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ଡ଼ଃ ସୁଜିତ କୁମାର ସଓ୍ୱାଇଁ, ପାଥୋଲୋଜି ବିଶେଷଜ୍ଞ, ପ୍ରଫେସର ରାକେଶ କୁମାର ପଣ୍ଡା, ବିଭାଗୀୟ ମୁଖ୍ୟ, ମାଇକ୍ରୋବାୟୋଲୋଜି, ପ୍ରଫେସର ପ୍ରଣତି ପ୍ରଧାନ, ବିଭାଗୀୟ ମୁଖ୍ୟ, ପାଥୋଲୋଜି ପ୍ରଫେସର ପ୍ରଜ୍ଞାନ ପ୍ରିୟଦର୍ଶିନୀ ଦାସ, ବାୟୋକେମିଷ୍ଟ୍ରି ବିଭାଗ ସମସ୍ତ କ୍ଲିନିକାଲ ବିଭାଗର ମୁଖ୍ୟ, ହସ୍ପିଟାଲ ମ୍ୟାନେଜର, ସେକ୍ସନ ଅଫିସର, ଆକାଉଣ୍ଟସ ଅଫିସର, ଲାବୋରେଟୋରି ଟେକ୍ନିକାଲ ଅଫିସର, ଲାବୋରେଟୋରି ଟେକ୍ନିସିଆନ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି କେନ୍ଦ୍ରୀୟ ପରୀକ୍ଷାଗାର ମାଧ୍ୟମରେ ରୋଗୀମାନଙ୍କୁ ଉନ୍ନତମାନର ରୋଗ ନିର୍ଣ୍ଣୟ ସେବା ଏକ ସ୍ଥାନରେ ଉପଲବ୍ଧ ହେବ, ଯାହା ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବ । ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗୀମାନଙ୍କ ପାଇଁ ସମସ୍ତ ଦିବସରେ ସେବା ଉପଲବ୍ଧ ରହିବ । ନମୁନା ସଂଗ୍ରହ ସମୟ ସକାଳ ୮.୩୦ ଘଟିକାରୁ ଦିନ ୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପରୀକ୍ଷା ରିପୋର୍ଟ ବିତରଣ ସମୟ ଅପରାହ୍ନ ୩.୦୦ ଘଟିକାରୁ ୪.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି । ଏହି କେନ୍ଦ୍ରୀୟ ପରୀକ୍ଷାଗାରର ଶୁଭାରମ୍ଭ ଓ ଯାଜପୁରର ସଓ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହିତ ଜିଲ୍ଲାବାସୀଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ରୋଗ ନିର୍ଣ୍ଣୟ ସେବା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ବନ୍ୟାଜଳରେ ଭାସିଗଲା ବାଇକ, ଅଳ୍ପକେ ବର୍ତ୍ତିଲେ ଚାଳକ

ପଟ୍ଟାମୁଣ୍ଡାଇ ,(ସବ୍ୟ) : ଲଗାତାର ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ମଧ୍ୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ବନ୍ୟା ଜଳର ପ୍ରଖର ସ୍ରୋତରେ ଜଣେ ବାଇକ ଚାଳକ ଭାସିଯାଉଥିବା ବେଳେ ଗ୍ରାମବାସୀଙ୍କ ତତ୍ପରତା ଯୋଗୁଁ ତାଙ୍କ ଜୀବନ ରକ୍ଷା ହୋଇପାରିଛି । ତେବେ ବନ୍ୟା ଜଳରେ ବୁଡ଼ି ରହିଥିବା ମୋଟରସାଇକେଲକୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗ ମନା କରିଦେଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ବନ୍ୟା ଜଳର ସ୍ରୋତ ହଠାତ୍ ବଢ଼ିଯାଇଥିଲା । ଆଗକୁ ଜଳ ପତନ ଅଧିକ ବଢିବା ର ଆଶଙ୍କା କରି ଜଣେ ବ୍ୟକ୍ତି ନିଜ ବାଇକ ଯୋଗେ ମାଳିପୁର - ଉଦୟପୁର ରାସ୍ତା ଦେଇ ନିଜ ଗ୍ରାମ ଶ୍ରୀରାମପୁର କୁ ଯାଉଥିଲେ । ସେହି ସମୟରେ ରାସ୍ତା ଉପରେ ପ୍ରବାହିତ ହେଉଥିବା ପାଣିର ପ୍ରଖର ବେଗ ଯୋଗୁଁ ଚାଳକ ଜଣକ ନିୟନ୍ତ୍ରଣ ହରାଇ ବାଇକ ସହ ଭାସିଯାଇଥିଲେ । ଏହା ଦେଖି ନିକଟରେ ଥିବା ସ୍ଥାନୀୟ ଗ୍ରାମବାସୀମାନେ ନିଜ ଜୀବନକୁ ବାଜି ଲଗାଇ ଚାଳକଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ ।ଚାଳକଙ୍କ ଜୀବନ ବଞ୍ଚିଯାଇଥିଲେ ମଧ ତାଙ୍କର ବାଇକଟି ଗଭୀର ପାଣି ସ୍ରୋତରେ ଭାସିଯାଇ ବୁଡ଼ି ରହିଛି ।

## ଦେଶୀ ମଦ ଜବତ, ବେପାରୀ ଗିରଫ

ପାଣିକୋଇଲ ,(ସବ୍ୟ) : ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଫଂଚାୟତର କୁରୁପଦା ଗ୍ରାମ ଛକରେ ଦେଶୀ ମଦ ବିକ୍ରିର ଖବର ପାଇ ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରେ କୁରୁପଦା ଗ୍ରାମର ଗଣେଶ୍ୱର ମଲିକ(୪୦) କୁ ଧରିବା ପରେ ତା ନିକଟରୁ ୨୬ଟି ଆସ୍କା ଫର୍ଟି (୫ ଲିଟର ୨ଶହ) ଦେଶୀ ମଦ ଧରାଯାଇଥିଲା। ଗଣେଶ୍ୱରକୁ ଥାନାକୁ ଆଣିବା ପରେ ଏକ ମାମଲା ୨୯୩/୨୬ ରୁଜୁ କରାଯାଇ ମଦ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଦେବପ୍ରସାଦ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ସମୀକ୍ଷା ବୈଠକ

ଜଗତସିଂହପୁର, (ସବ୍ୟ): ଉପର ମୁଣ୍ଡରେ ଲଗାଣ ବର୍ଷା ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ସହ ଗେଟ ଖୋଲିବା ଯୋଗୁ ତଳ ଅଞ୍ଚଳ ରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ରାତି ସୁଦ୍ଧା ନରାଜ ଠାରେ ୯ ଲକ୍ଷ ରୁ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ଏବଂ ଏହା ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ପ୍ରବାହିତ ହେବାଦ୍ୱାରା ଜଗତସିଂହପୁର ଜିଲ୍ଲା ରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।ଏହି ସମ୍ଭାବି ବନ୍ୟା ଜନିତ ସ୍ଥିତି ନିମନ୍ତେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ, ଆଜି ପୂର୍ବାହ୍ନ ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଙ୍କ ସମେତ ସମସ୍ତ ବରିଷ୍ଠ ପ୍ରାଶାସନିକ ବିଭାଗୀୟ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହ ସଦଭାବନା ସଭାଗୃହ ଠାରେ ସମୀକ୍ଷା କରିଥିଲେ ଓ କ୍ଷତ୍ରିୟ ଅଧିକାରୀ ମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଜିଲ୍ଲାର ତିର୍ତ୍ତୋଲ, ବିରିଡି, କୁଜଙ୍ଗ ବ୍ଲକ ରେ ବନ୍ୟା ପରିସ୍ଥିତି ଯୋଗୁଁ ଲୋକମାନେ ପ୍ରଭାବିତ ହୋଇଛନ୍ତି । ସମୀକ୍ଷା କରି ଜିଲ୍ଲାପାଳ କହିଲେ ଯେ, ପ୍ରତ୍ୟେକ ଟି ଜୀବନ ମୂଲ୍ୟବାନ । ତେଣୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆଶ୍ରୟ ସ୍ଥଳୀ କୁ ସ୍ଥାନାନ୍ତରିତ କରାଯିବା ଆବଶ୍ୟକ ଓ ଏଥିସହିତ ସମସ୍ତ ଆଶ୍ରୟ ସ୍ଥଳୀ ରେ ଆବଶ୍ୟକୀୟ ସୁବିଧା ଯେପରି ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ବୟସ୍କ, ମହିଳା, କିଶୋରୀ, ଶିଶୁ ସମସ୍ତଂକ ଭିନ୍ନ ଭିନ୍ନ ଆବଶ୍ୟକତା କୁ ଦୃଷ୍ଟି ରେ ରଖି ଯଥା ସମ୍ଭବ ଔଷଧ, ପାନୀୟ ଜଳ, ସାପ କାମୁଡା ଔଷଧ,ଅତ୍ୟାବଶ୍ୟକ ସୁବିଧା ଯୋଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## ଅଠରବାଙ୍କୀରେ ନକଲି ମଦ ଦୋକାନ ସିଲ୍ କଲା ପ୍ରଶାସନ

ପାରାଦୀପ ,( ଜି. ପ୍ର ): ସରକାରୀ ଦୋକାନରେ ନକଲି ମଦ ଦୋକାନକୁ ସିଲ କଲା ପ୍ରଶାସନ । ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ବନ୍ଦର ନଗରୀ ପାରାଦୀପ ଅଠରବାଙ୍କୀରେ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଏକ ଚୋରା ମଦ ବ୍ୟବସାୟ ଘରେ ରେଡ କରୁ କରୁ ଏଭଳି ଘଟଣା ସାମ୍ନାକୁ ଆସିଛି । ଦିର୍ଘ ଦିନ ହେବ ଏମାନେ ନକଲି ମଦ ପ୍ରସ୍ତୁତ କରି ଅଲଗା ଅଲଗା ବ୍ରାଣ୍ଡର ଲୋଗ ଲଗାଇ ତାକୁ ପାରାଦୀପ କେନ୍ଦ୍ରାପ ଓ ବିଭିନ୍ନ ଜିଲ୍ଲାକୁ ଚାଲାଣ କରୁଥିଲେ । ସରକାରୀ ମଦ ଦୋକାନରେ ମଧ ଏମାନେ ନକଲି ବ୍ରାଣ୍ଡର ମଦ ରଖି ବିକ୍ରି କରିଥିବା ଘଟଣା ଏବେ ପ୍ରଶାସନର ମୁଣ୍ଡ ଗୋଲ କରି ଦେଇଛି । ନଦୀ ପଥରେ ଏମାନେ ଏହାକୁ ଚାଲାଣ କରୁଥିବା ପୋଲିସ



ଆଗରେ ସଓ୍ୱୀକାର କରିଛନ୍ତି । ଆଜି ପାରାଦୀପ ଅଠରବାଙ୍କୀ ସରକାରୀ ମଦ ଦୋକାନକୁ ଜଗତସିଂହପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଲ କରିଛି ପ୍ରଶାସନ । ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ଦୋକାନ ସିଲ କରାଯାଇଛି । ମୁଖ୍ୟ ଅଭିଯୁକ୍ତ ସମେତ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ଦିର୍ଘ ଦିନ ହେଲା ପାରାଦୀପର ଅମ୍ବିକା ପଡ଼ାରେ ନକଲି ମଦ ତିଆରି କରାଯାଇ ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆ ଯାଉଥିଲା । ଗତକାଲି ସେଠାରେ ଚଢ଼ାଉ କରିବା ପରେ ଉକ୍ତ ଘରୁ ୧୯.୩୪୦ ଲିଟର ନକଲି ମଦ, ୬.୭୫୦ ଲିଟର ମଦ ତିଆରି ଲିକ୍ୟୁଡି, ୪୫୫ ଟି ଷ୍ଟିକର ଓ ୧୫୮ ଟି ଖାଲି ବୋତଲ ଜବତ କରାଯାଇଥିଲା । ଏହି ଘଟଣାର ମୁଖ୍ୟ ମାଷ୍ଟର ମାଇଣ୍ଡ ଅନିଲ ସାମଲ କୁ ଗିରଫ କରିବା ସହିତ ନକଲି ମଦ କୁ ସପ୍ଲାଏ କରୁଥିବା ଗଡବିଲ ମହାନ୍ତି କୁ ମଧ ଗିରଫ କରାଯାଇଛି । ଏହି ମଦ ଅଠରବାଙ୍କି ସରକାରୀ ବିଦେଶୀ ମଦ ରେ ମଧ ବିକ୍ରି ହେଉଥିବା ସୂଚନା ମିଳିବା ପରେ ଆଜି ମାଜିଷ୍ଟ୍ରେଟ ତଥା କୁଜଙ୍ଗ ଅତିରିକ୍ତ ତହସିଲଦାର ସୁପ୍ରିୟା ପ୍ରିୟଦର୍ଶିନୀଙ୍କ ଉପସ୍ଥିତି ରେ ମଦ ଦୋକାନର ଯାଞ୍ଚ କରାଯାଇଥିଲା । ସେଠାରୁ ନକଲି ମଦ ମିଳିବା ପରେ ଏହି ଦୋକାନକୁ ସିଲ କରିଦିଆଯାଇଛି । ଖୁବଶୀଘ୍ର ଏହି ବୋତଲ ଏବଂ ଷ୍ଟିକର ଗୁଡ଼ିକ ଲାବୋରେଟୋରୀ କୁ ପଠାଯିବ ଏବଂ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ ଗିରଫ କରାଯିବ ବୋଲି ଅବକାରୀ ନିରୀକ୍ଷକ ପ୍ରକାଶ କରିଛନ୍ତି । ତେବେ ପ୍ରତ୍ୟେକ ଦିନ ଡଙ୍ଗା ଦେଇ କେନ୍ଦ୍ରାପଡ଼ା ରୁ ଆସୁଥିଲା ନକଲି ମଦ ତିଆରି ସାମଗ୍ରୀ ଏବଂ ଏଠାରେ ମଦ ତିଆରି ପରେ ପାରାଦୀପ ର ବିଭିନ୍ନ ଅଞ୍ଚଳ ଓ କେନ୍ଦ୍ରାପଡ଼ା କୁ ମଧ ପଠା ଯାଇଥାଏ ।

## ଯାଜପୁରରେ ବନ୍ୟା ସ୍ଥିତି ଗମ୍ଭୀର

ଯାଜପୁର/ଦଶରଥପୁର ,(ସବ୍ୟ) :ଯାଜପୁର ସଦର ମହକୁମାକୁ ଲାଗିଥିବା ପଣସା ପଚାୟତ, ବେରୁଦା, ଶିମିଳିଆ, ନାଥ ସାହି, ଭୁବନେଶ୍ୱରପୁର, ଭୂଇଁ ପୁର, ଚଇନିପୁର, ମାଳଆନନ୍ଦପୁର, ବିଚିତ୍ରପୁରଇତ୍ୟାଦି ପଞ୍ଚାୟତ ଜଳମଗ । ଲୋକ ମାନଙ୍କ ଘରେ ପାଣି ପଶି ରହିଛି । ଲୋକମାନେ ଘର ଦ୍ୱାର ଛାଡି ବାତ୍ୟା ଆଶ୍ରୟ ସ୍ଥଳୀ, ସ୍କୁଲ ଘରେ ପଡି ରହିଛନ୍ତି । ଯାଜପୁର ବ୍ଲକ, ଦଶରଥପୁର ବ୍ଲକ ରେ ବିଶେଷ କ୍ଷୟ କ୍ଷତି ହୋଇଅଛି. । ସେହିପରି ଗୃହ ପାଳିତ ପଶୁ ଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲେ ମଧ ପ୍ରଯ୍ୟପ୍ତ ପରିମାଣ ରେ ଦିଆଯାଇ ନଥିବା ଅଭିଯୋଗ ହୋଇଛି । ଶାସକ ଦଳ ର ବିଜେପି ନେତା ଗୌତମ ରାୟ, ସୁରଜଲାଲ ସାମଲ, ଜିଲ୍ଲା ସାଧାରଣ ସମ୍ପାଦକ ତପନ ନନ୍ଦ ପ୍ରମୁଖ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ପାଖରେ ଶୁଖିଲା ଓ ରନ୍ଧା ଖାଦ୍ୟ ପହଂଚାଇବା ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳୁଛ । ଯାଜପୁର ର ପୂର୍ବତନ ଜିଲ୍ଲାପାଳ ତଥା ଅବକାରୀ କମିଶନର ପି. ଅନଷୋ ରେଡି ଯାଜପୁର ବ୍ଲକ, ଦଶରଥପୁର ବ୍ଲକର ବିଭିନ୍ନ ଫଂଚାୟତ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ସରକାରୀ ସ୍ତରରେ କିପରି ସହଯୋଗ ମିଳିବ ଦ୍ୱରିତ ବେଗ ରେ ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଉଛନ୍ତି. ।୧୯ ୯ ୯ ମସିହା ପରେ ଏ ହେଉଛି ସବୁଠାରୁ ବଡ଼ ବନ୍ୟା.ଲୋକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ,ମେଡ଼ିସିନ,କ୍ୟାଣ୍ଡେଲ, ପାଲ, ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ସାଧାରଣ ରେ ଦାବି ହେଉଛି ।

### ମାଆ ଭଟ୍ଟାରିକାଙ୍କ ପୀଠରେ ବନ୍ୟାର କରାଳ ଛାୟା

# ଗର୍ଭଗୃହରେ ପଶିଲା ପାଣି, ରୋଷଘରକୁ ସ୍ଥାନାନ୍ତର ହେଲେ ମାଆ ,୧୪୪ ଧାରା ଜାରି



ବଡ଼ମ୍ବା,(ସବ୍ୟୁ) : ଲଗାଣ ବର୍ଷାରେ ମହାନଦୀ ଉଫାନ ନେବା ସହ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ବଡ଼ମ୍ବା ଗଡ଼ଜାତର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମାଆ ଭଟ୍ଟାରିକାଙ୍କ ପୀଠର ଗର୍ଭଗୃହରେ ବନ୍ୟାଜଳ ପ୍ରବେଶ କରିଛି । ଏହି ଅଭୂତପୂର୍ବ ପରିସ୍ଥିତିରେ ମନ୍ଦିରର ସେବାୟତମାନେ ପରମ୍ପରା, ଆଗମ ଶାସ୍ତ୍ର ଓ ନୀତିନିୟମ ଅନୁଯାୟୀ ମାଆଙ୍କ ବିଗ୍ରହକୁ ସୁରକ୍ଷିତ ଭାବେ ମନ୍ଦିରର ରୋଷଘରକୁ ସ୍ଥାନାନ୍ତର କରିଛନ୍ତି ।

ମନ୍ଦିର ପରିସରରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବା ପରେ ପ୍ରଶାସନ ସତର୍କ ହୋଇପଡ଼ିଛି । ବଡ଼ମ୍ବା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମନ୍ଦିର ଆଖପାଖ ଅଞ୍ଚଳରେ ଆଜି ୧୪୪ ଧାରା ଜାରି କରାଯାଇଛି । ଭକ୍ତମାନଙ୍କୁ ଅନାବଶ୍ୟକ ଭିଡ଼ ନ କରିବା, ନଦୀ କୂଳକୁ ନ ଯିବା ଏବଂ ପ୍ରଶାସନର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି ।

ଅନ୍ୟପକ୍ଷରେ ବନ୍ୟାଜଳ ଗର୍ଭଗୃହରେ ପ୍ରବେଶ କରିଥିଲେ ମଧ୍ୟ ମାଆଙ୍କ ନିତ୍ୟ ପୂଜା, ଭୋଗ, ଆଳତି ସମେତ ସମସ୍ତ ଧାର୍ମିକ ନୀତିକାନ୍ତି ଶାସ୍ତ୍ରବିଧି ଅନୁଯାୟୀ ନିରବଚ୍ଛିନ୍ନ ଭାବେ ଚାଲିଥିବା ବୋଲି ମନ୍ଦିରର ମୁଖ୍ୟପୂଜକ ଶିରିଶ କୁମାର ରଣା ସୂଚନା ଦେଇଛନ୍ତି । ସେ କହିଛନ୍ତି, ପରିସ୍ଥିତି ସ୍ୱାଭାବିକ ହେବା ପରେ ପ୍ରଚଳିତ ପରମ୍ପରା ଅନୁଯାୟୀ ମାଆଙ୍କୁ ପୁନଃ ଗର୍ଭଗୃହରେ ବିରାଜମାନ କରାଯିବ ।

ପ୍ରଶାସନ, ଅଗ୍ନିଶମ ବାହିନୀ ଓ ମନ୍ଦିର କର୍ତ୍ତୃପକ୍ଷ ମିଳିତ ଭାବେ ସ୍ଥିତି ଉପରେ ନଜର ରଖିଛନ୍ତି । ମହାନଦୀର ଜଳସ୍ତର ଆହୁରି ବଢ଼ିବାର ସମ୍ଭାବନା ଥିବାରୁ ସମଗ୍ର ଅଞ୍ଚଳରେ ସତର୍କତା ଜାରି ରହିଛି । ଭଟ୍ଟାରିକା ପୀଠରେ ସୃଷ୍ଟି ହୋଇଥିବା ଏହି ବନ୍ୟା ପରିସ୍ଥିତି ସ୍ଥାନୀୟ ଅଞ୍ଚଳବାସୀ ଓ ଅଗଣିତ ଭକ୍ତଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି ।

# ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ନିମାପଡ଼ା,(ସବ୍ୟୁ) : ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଆଜି ସଂଧ୍ୟାରେ ନିମାପଡ଼ା ବ୍ଲକ ସଭାଗୃହରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ବିଡ଼ିଓ ଡଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡଃ .ମନୋଜ କୁମାର ପ୍ରଧାନ, ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ଏନ ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସଙ୍କ ସମେତ ଜଳସେଚନ ବିଭାଗ, ପାନୀୟଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପଶୁ ସମ୍ପଦ ,ଅଗ୍ନିଶମ ବିଭାଗ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ନିମାପଡ଼ା ହେଡ କ୍ୱାର୍ଟରରେ ରହି ବନ୍ୟାକୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ଧନୁଆ ନଦୀରେ ବନ୍ୟା ପାଣି ଆସିଲେ ପାର୍ଶ୍ୱରେ ଥିବା ପ୍ରାୟ ୧୦ଟି ପଞ୍ଚାୟତ କ୍ଷତି ହେବାର ଆଶଙ୍କା ରହିଥାଏ । ତେଣୁ ଉକ୍ତ ପଂଚାୟତ ଗୁଡିକର ପିଇଓ ମାନେ ପଂଚାୟତରେ ଉପସ୍ଥିତ ରହି ବନ୍ୟା ପୀଡ଼ିତ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ କହିଥିଲେ । ବ୍ଲକରେ ୨୪ ଘଣ୍ଟିଆ ହେଲ୍ପ-ଲାଇନ କେନ୍ଦ୍ର ଖୋଲାଯିବା ସହିତ ପଲିଥିନ, ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ବ୍ଲକ ଅଧିକାରୀ ଓ ତହସିଲଦାରଙ୍କୁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଥିଲେ । ଦୀର୍ଘଦିନ ର ବ୍ୟବଧାନ ପରେ କୁଶଭଦ୍ରା ନଦୀରେ ଚଳିତ ବନ୍ୟାଜଳ ପ୍ରବେଶ କରିଛି ।

## ମହିଳାଙ୍କ ମୃତଦେହ ଉଦ୍ଧାର
## ନଦୀରେ ଭାସିଆସି ଲାଗିଥିବା ଅନୁମାନ

ଅସ୍ତରଙ୍ଗ ,(ସବ୍ୟୁ) : ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ତାଳଦା ଜି ପି ର ରିସଲ ଗ୍ରାମ ନିକଟ ଦେବୀ ନଦୀରେ ଗୁରୁବାର ଦିନ ସକାଳେ ଏକ ମହିଳାଙ୍କ ମୃତ ଶରୀର ନଦୀକୂଳରେ ଥିବା ଏକ ଗଛରେ ଲାଗିଥିବାର କିଛି ଲୋକ ଦେଖିବାକୁ ପାଇଥିଲେ । ଏହି ଖବରଟି ପ୍ରଚାରିତ ହେବା ପରେ, କୌଣସି ସୂତ୍ରରୁ ଅସ୍ତରଙ୍ଗ ପୋଲିସ ଖବର ପାଇ ଅସନ ଗ୍ରାମ ନିକଟରେ ପହଞ୍ଚି ଏକ ଯନ୍ତ୍ର ଚ ାଳିତ ଡଙ୍ଗାରେ ଦେବୀ ନଦୀର ଆରପାରିକୁ ଯାଇଥିଲେ । ଡ଼ଙ୍ଗା ଦାରା ଗଳିତ ଶବକୁ ଆଣି ଅସନ ଗ୍ରାମ ଠାରୁ ଏକ ଆମ୍ବୁଲାନ୍ସ ଯୋଗେ ଅସ୍ତରଙ୍ଗ ଗୋଷ୍ଠୀ ସଓ୍ୱାସ୍ଥ କେନ୍ଦ୍ରକୁ ଆଣିଲା ପରେ ଡ଼କଟର ଉକ୍ତ ୫୫ ବର୍ଷିୟା ମହିଳାଙ୍କୁ ମୃତ ଘୋଷଣା କରି ମହିଳାଙ୍କ ଶବ ବ୍ୟବଛେଦ ନିମନ୍ତେ ପୁରୀ ପଠାଇବା ସହ ଚିହ୍ନଟ ନିମନ୍ତେ କିଛି ଦିନ ଫ୍ରିଜର ରେ ରଖିବା ପାଇଁ କହିଥିଲେ । ଅସ୍ତରଙ୍ଗ ଥାନା ୬/୨୦୨୬ ରେ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛିପୋଲିସ । ଦେବୀ ନଦୀରେ ବର୍ତ୍ତମାନ ବନ୍ୟାଜଳ ଭରପୁର ରହିଥିବାରୁ ନଦିର ପ୍ରଖର ସ୍ରୋତରେ ଏହି ମହିଳା ଭାସି ଆସି ଲାଗିଥିବା ଅନୁମାନ କରାଯାଉଅଛି ।

# ରଥଯାତ୍ରାରେ ଆହତ ମହିଳାଙ୍କ ମୃତ୍ୟୁ

ସାକ୍ଷୀଗୋପାଳ, (ସବ୍ୟୁ) : ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସମୟରେ ଠେଲାପେଲାରେ ବ୍ୟାରିକେ ଚାପି ହୋଇ ଗୁରୁତର ଆହତ ହୋଇଥିବା ମହିଳାଙ୍କର ବୁଧବାର ଦିନ ମୃତ୍ୟୁ ହୋଇ ଯାଇଛି ।

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳ ପୁର ପଞ୍ଚାୟତର ପଥୁରିଆ ସାହିର କାଶୀନାଥ ଦାସ (୨୮) ଓ ତାଙ୍କ ଧର୍ମପନୀ ପୁନି ନାୟକ (୨୫) ଗତ ୨୬ ତାରିଖ ଅଧରପଣା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ ସମ୍ମୁଖରେ ଠାକୁରଙ୍କୁ ଦର୍ଶନ କରୁଥିଲେ । ଏହି ସମୟରେ ପ୍ରବଳ ଠେଲାପେଲା ଫଳରେ ପୁନି ନାୟକ ବ୍ୟାରିକେ ଚାପି ହୋଇ ଗୁରୁତର ଆହତ ଆହତ ହୋଇଥିଲେ । ପୁରୀ ପୋଲିସ ଆମ୍ବୁଲାନ୍ସ ଯୋଗେ ଶ୍ରୀମତୀ ନାୟକଙ୍କୁ ଚିକିତ୍ସା ନିମନ୍ତେ ପୁରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ପରେ ଚିକିତ୍ସା ନିମନ୍ତେ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିଲା । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ନାୟକ ଗତ ବର୍ଷ ବିବାହ କରିଥିଲେ । ତାଙ୍କ ଅକାଳ ବିୟୋଗରେ ପରିବାର ସମେତ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଅଛି ।

## ନିରାକାରପୁର ଷ୍ଟେସନରେ ଅଭାବନୀୟ ଘଟଣା
# ଟ୍ରେନ୍‌ରୁ ଖସିପଡ଼ି ପଶ୍ଚିମବଙ୍ଗ ଯାତ୍ରୀଙ୍କ ମୃତ୍ୟୁ

ନିରାକାରପୁର, (ସବ୍ୟୁ) : ଖୋରଧା ଜିଲ୍ଲା ନିରାକାରପୁର ରେଳବାଇ ଷ୍ଟେସନରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ମୃତକଙ୍କ ପାଖରୁ ମିଳିଥିବା ଆଧାର କାର୍ଡରୁ ତାଙ୍କ ପରିଚୟ ପଶ୍ଚିମବଙ୍ଗର ପ୍ରଦୀପ ବର୍ମନ ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ, ନିରାକାରପୁର ଷ୍ଟେସନର ୧ ଓ ୨ ନମ୍ବର ପ୍ଲାଟଫର୍ମ ମଝିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଷ୍ଟେସନ ମାଷ୍ଟର ଖୋର୍ଦ୍ଧାରୋଡ଼ ଜିଆରପିକୁ ଜଣାଇଥିଲେ । ଖବର ପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ୪୨/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ ମୃତକଙ୍କ ନିକଟରୁ ମିଳିଥିବା ମୋବାଇଲ ଫୋନ ସାହାଯ୍ୟରେ କିଛି ନମ୍ବରକୁ କଲ କରି ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି ।

ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଜିଆରପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଜଣାଇଛନ୍ତି ।

## ବସ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ନିମାପଡ଼ା, (ସବ୍ୟୁ) : ଆଜି ନିମାପଡ଼ା ଚାରିଛକ ରାସ୍ତାର ପୂମୁଲ ଓ ସାଇଲୋ ଛକ ମଝିରେ ଏକ ବସ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମର ମଙ୍ଗୁଳି ମୁଦୁଲି ବୋଲି ଜଣାପଡ଼ିଛି । ପ୍ରକାଶ ଯେ, ମଙ୍ଗୁଳି ମୁଦୁଲି ସାଇକେଲରେ ଚାରିଛକ ଆଡ଼କୁ ଯାଉଥିବା ବେଳେ ପୂମୁଲ ଓ ସାଇଲୋ ଛକ ମଝିରେ ଏକ ବସ ତାଙ୍କ ପଛପଟୁ ଧକ୍କା ଦେଇଥିଲା । ଫଳରେ ମଙ୍ଗୁଳି ଙ୍କ ମୁଣ୍ଡ ଫାଟିଯିବା ସହିତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶର ସ୍ଥାନାନ୍ତର କରୁଛନ୍ତି । ଦୁର୍ଘଟଣା ସଂକ୍ରାନ୍ତରେ ଆହତ ମଙ୍ଗୁଳିଙ୍କ ପନୀ ଅହଲ୍ୟା ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଖଣ୍ଡପଡ଼ା ପୁଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ



ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖଣ୍ଡପଡ଼ା ପୁଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି ।ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଶିଖରପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ବୁଦ୍ଧିଜୀବୀ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏସଡିପିଓ ଶ୍ରୀଯୁକ୍ତ ସାହୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ନିମନ୍ତେ ମତ ଦେବା ସହ ଏକ ନିଶାମୁକ୍ତ ସମାଜ ଗଠନର ମହତ ଲକ୍ଷ୍ୟ ନେଇ ସଦା ସର୍ବଦା ପୁଲିସ କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ ।

ବିଶେଷ କରି ଚୋରାରେ ଗଞ୍ଜେଇ,ଧଳା ଜହର ଓ ଦେଶୀ ମଦ ପ୍ରସ୍ତୁତ କରି ବିକ୍ରୀବଟା କରୁଥିବା ମାଫିଆ ଓ ଗ୍ରାମ୍ୟ ପରିବେଶରେ କଙ୍ଗାରୁ କୋର୍ଟ କରୁଥିବା ଅସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଗାମୀ ଦିନରେ ପୁଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସୂଚନା ଦିଆ ଯାଇଥିଲା । ଖଣ୍ଡପଡା,ଫତେଗଡ ଓ ଗଣିଆ ଥାନା ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅପରାଧ ଓ ବିଶୃଙ୍ଖଳାକୁ ଏବେ କିଛି କାଁଣରେ ରୋକାଯାଇ ପାରିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଜନସାଧାରଣଙ୍କ ସକ୍ରୀୟ ସହଯୋଗରେ ପୁଲିସ ତାର କାର୍ଯ୍ୟ ଧାରା ଜାରି ରଖିବ ବୋଲି ଏସଡିପିଓ ମତ ଦେଇଥିଲେ । ସେହିପରି ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ଓ ଦ୍ରୁତ ଗତିରେ ବାଇକ ଚାଳନା କରୁଥିବା ଯୁବକ ଓ ବ୍ୟକ୍ତି ମାନଙ୍କ ପ୍ରତି ପୁଲିସ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସଡିପିଓ ସୂଚନା ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଖଣ୍ଡପଡା ଥାନାଧିକାରୀ କୃତିବାସ ହରିଚନ୍ଦନ ଓ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କାକଟପୁର ବ୍ଲକ ଆଗରେ ଗଣଧାରଣା

କାକଟପୁର ,(ସବ୍ୟୁ): ଅଖିଳ ଭାରତ କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବି ପତ୍ର କୁ ନେଇ ଏକ ଗଣଧାରଣା ଦିଆଯାଇଥିଲା । ବ୍ରଜବନ୍ଧୁ ପରିଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ଧାରଣାରେ କୃଷକ ସଭା ର ଜାତୀୟ ଉପ ସଭାପତି ଆଶିଷ କାନୁନଗୋ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ନୀତିକୁ ବିରୋଧ କରିଥିଲେ । ସାର ଦର ବୃଦ୍ଧି ଫଳରେ ଚାଷୀ ସାର କିଣିବା ସମ୍ଭବ ହେଉନି । ଚଳିତ ବର୍ଷା ରେ ଧାନ ତଳି ନଷ୍ଟ ହୋଇଯିବା ଫଳରେ ବିହନ ଦର ବୃଦ୍ଧି ପାଇଛି । ଚାଷୀର ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରିବାକୁ ଶ୍ରୀ କାନୁନଗୋ ଆହ୍ୱାନ ଦେଇଥିଲେ ।ଏହି ଗଣ ଧାରଣା ରେ ସିପିଆଇ ଜୋନ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଅଖିଳ ଭାରତ କୃଷକ ସଭା ଜିଲ୍ଲା ସଭାପତି ମନୋଜ ପରିଡା, ବିପିନ ରାଉତ, କୃଷ୍ଣ ଚନ୍ଦ୍ର ରାଉତ, ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପରେ କାକଟପୁର ବ୍ଲକ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ବିଦ୍ୟାଳୟ ପରିସରରେ ପଡି ଛାତ୍ରୀ ଆହତ

ନିମାପଡ଼ା,(ସବ୍ୟୁ): ନିମାପଡ଼ା ହଂସପଡା ନିକଟରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଚଟାଣରେ ଗୋଡ଼ ଖସି ପଡିଯିବାରୁ ଗୋଡ଼ ହାଡ ଭାଙ୍ଗି ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆହତ ଛାତ୍ରୀ ହେଲେ ନିମାପଡ଼ା ବ୍ଲକ ସାତପୁରୀ ଗ୍ରାମର ବୋଲି ଜଣାପଡ଼ିଛି । ଆହତ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ସଓ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା । ତାଙ୍କ ବାମ ପଟ ଗୋଡ ହାଡ ଭାଙ୍ଗି ଯାଇଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ସ୍କୁଲ ପରିସରରେ ଥିବା ଚଟାଣରେ ଗୋଡ଼ ଖସିଯିବାରୁ ଛାତ୍ରୀ ଜଣକ ପଡ଼ିଯାଇଥିବା କୁହାଯାଉଛି ।

## ବିକାଶମୂଳକ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ବାଲିଅନ୍ତା,(ସବ୍ୟୁ): :ପ୍ରତାପଶାସନ ପଞ୍ଚାୟତ ରଥିଜେମା ସ୍ଥିତ କୁଆଖାଇ ନଦୀ ପଠାରେ କିଛି ଯୁବଗୋଷ୍ଠୀଙ୍କ ଦ୍ୱାରାନିର୍ମାଣ ହୋଇଥିବା ମୋ ଗାଁ ମଶାଣି ସ୍ୱର୍ଗଦ୍ୱାରର ଉନ୍ନୟନମୂଳକ କାର୍ଯ୍ୟକୁ ସମୀକ୍ଷା କରିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ । ଏହି ମଶାଣିଟି ପୂର୍ବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ପ୍ରତାପଶାସନ ବାଳକ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ଦ୍ୱାରା ଗଠିତ ଏକ ସାମାଜିକ ଅନୁଷ୍ଠାନ ସକାଳର ସଓ୍ୱଚ୍ଛତା ପରିବାର ପକ୍ଷରୁ ଏହି ମଶାଣିଟି ପୁନଃଜନ୍ମ ପାଇଥିଲା । ସମସ୍ତେ ମିଶି ଏହି ମଶାଣିକୁ ସ୍ୱର୍ଗଦ୍ୱାରରେ ପରିଣତ କରିଥିଲେ । ଯାହାକି ଆଖପାଖ ଅଞ୍ଚଳରେ ଏକ ପରେ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା(ବିଜିବିଓ) ଯୋଜନାରେ ୮ ଲକ୍ଷ ବିନିମୟରେ ଏହାକୁ ଅଧିକ ସୌନ୍ଦର୍ଯ୍ୟକରଣ କରାଯାଇଛି । ଏହି ମଶାଣିର ଉନ୍ନତୀକରଣ କାର୍ଯ୍ୟ ଦେଖିଲେ ସ୍ୱର୍ଗଦ୍ୱାର ଠୁ ବି କମ ନୁହେଁ ।ଏହାର ପରିସରରେ ବିଭିନ୍ନ ପ୍ରକାର ଫଳ, ଫୁଲ ଗଛର ଚାରାରୋପଣ କରିବା ସହ ଚାରିପଟେ ତାର ବାଡ଼ ବୁଲାଯାଇଛି । ଏଥିସହ ମଶାଣିକୁ ଶବଦାହ ନିମନ୍ତେ ଆସୁଥିବା ସମ୍ପର୍କୀୟ ମାନେ ବସିବା ପାଇଁ ସହ କଂକ୍ରିଟର ଚୌକି ସହ ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଟିଣ ଚଦର ପକାଯାଇଛି । ସେହିପରି ମଶାଣି ପରିସରରେ ଇଟା କାନ୍ଥ କରାଯାଇ ସୁନ୍ଦର ବଗିଚା କରାଯାଇଛି । ସେହିପରି ଏହି ପଞ୍ଚାୟତ ଅଧିନ ଚନ୍ଦନପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ସମୀକ୍ଷା କରିଥିଲେ । ପୋଖରୀକୁ ସଂଯୋଗ କରୁଥିବା ରାସ୍ତାକୁ କଂକ୍ରିଟ କରାଯିବା ସହ ପୋଖରୀର ପାହାଚ, ଚନ୍ଦନମଣ୍ଡପ, ପୋଖରୀରେ ଗାର୍ଡ ଓ୍ୱାଲ ନିର୍ମାଣ ସହ ପାର୍ଶରେ ପାଦଚଲା ରାସ୍ତାରେ ପେଭର ବ୍ଲକ ପକାଯାଇଛି ଏବଂ ଷ୍ଟିଲ ରିଲିଙ୍ଗ ଲଗାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଛି । ଏଥିପାଇଁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୧୨ ଲକ୍ଷ ୭୧ ହଜାର ଟଙ୍କା ବ୍ୟୟ କରାଯାଇଛି ।ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପଞ୍ଚାୟତରେ ଏହି ୨ ଟି ଉନ୍ନତୀମୂଳକ କାର୍ଯ୍ୟ ସମଗ୍ର ଜୟଦେବ ନିର୍ବାଚନ ମଣ୍ଡଳୀରେ ଏକ ପ୍ରଂଶସନୀୟ କାର୍ଯ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସହକାରୀ ଯନ୍ତ୍ରୀ ଦୀପ୍ତିମୟୀ ପ୍ରଧାନ, ରଂଜିତ କୁମାର ବଳବନ୍ତରାୟ, ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ବେହେରା, ପୁରାତନ ଛାତ୍ର ପ୍ରଶାନ୍ତ ବାରିକ, ଅସିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁରୁହିଁ ଜ୍ଞାନର ଆଲୋକ ପ୍ରଦାନକାରୀ

ବଡ଼ମ୍ବା ,(ସବ୍ୟୁ) : ପ୍ରାଣ ଯୋଗ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ଗୁରୁ ପୂର୍ଣ୍ଣିମା ଉତ୍ସବ ଭକ୍ତିମୟ ପରିବେଶରେ ପାଳନ କରାଯାଇଛି । ଏହି ଅବସରରେ ଋଷି ଗୁରୁ ବ୍ୟାସଦେବ ଏବଂ ବୈଦିକ ଗୁରୁ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କୁ ବିଧିବଦ୍ଧ ପୂଜାର୍ଚ୍ଚନା କରାଯିବା ସହ ପ୍ରତିଷ୍ଠାତା-ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ବେଦ ଅଗ୍ନିହୋତ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶ୍ରୀ ମହାନ୍ତି କହିଥିଲେ ଯେ, ଗୁରୁ ଶିଷ୍ୟଙ୍କ ଜୀବନର ପ୍ରେରଣାର ଉତ୍ସ ଏବଂ ଶାରୀରିକ ଓ ମାନସିକ ସୁସ୍ଥତାର ପଥପ୍ରଦର୍ଶକ । କାର୍ଯ୍ୟକାରୀ ଅଧ୍ୟକ୍ଷା ତଥା ବେଦ ଆଚାର୍ଯ୍ୟ ପ୍ରବୀଣା ମହାନ୍ତି କହିଥିଲେ, ଜଣେ ସତ୍ୟନିଷ୍ଠ ଓ ନିସ୍ୱାର୍ଥପର ଗୁରୁ ଶିଷ୍ୟଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରି ଜ୍ଞାନର ଆଲୋକ ପ୍ରଦାନ କରନ୍ତି । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସୁବାଷ ଚନ୍ଦ୍ର ସାହୁ, ଗୁରୁକୁଳ ସ୍କୁଲର ଅଧ୍ୟକ୍ଷା ସ୍ନେହଲତା ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ସ୍ୱାସ୍ଥ୍ୟ କର୍ମୀ ଜହ୍ନରୂପା ମଲ୍ଲିକ, ୟୁକୋ ବ୍ୟାଙ୍କ କର୍ମଚାରୀ ଅନିତା ପାଲ, ଶୁଭମପ୍ରିୟା ସାହୁ ଓ ଗରିମା ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରତିଷ୍ଠାନର ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମରାମତି ହେବ ଫୁଲନଖରା-ନିଆଳି ରାସ୍ତା

ଫୁଲନଖରା ,(ସବ୍ୟୁ): ଫୁଲନଖରା-ନିଆଳି ମୁଖ୍ୟ ରାସ୍ତାର ଅତ୍ୟନ୍ତ ଦୟନୀୟ ଅବସ୍ଥା, ବଢୁଥିବା ସଡ଼କ ଦୁର୍ଘଟଣାକୁ ନେଇ କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ କଟକ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ଆନୁକୁଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେସ ମିଟ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ କାର୍ଯ୍ୟରତ ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ ମୁଖ୍ୟ ଅତିଥି, ବରିଷ୍ଠ ଉପଦେଷ୍ଟା ତଥା ସମାଜସେବୀ ଇଂ. ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେଯୋଗ ଦେଇଥିବା ବେଳେ ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରୀମତୀ ମାମିନା ମହାନ୍ତି, ପ୍ରାଚୀ ପ୍ରଜ୍ଞା ପରିଷଦର ପ୍ରତିଷ୍ଠାତା ଅଶ୍ୱିନୀ ତ୍ରିପାଠୀ ଓ ଦଧିଚି ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ମନୋଜ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବକ୍ତାମାନେ କହିଥିଲେ ଯେ, ଫୁଲନଖରା-ନିଆଳି ରାସ୍ତାର ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଦୈନିକ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି । ବିଶେଷକରି ନଖରା ଛକ, ତ୍ରିନାଥ ବଜାର, ପଞ୍ଚବଟୀ ବଜାର, ବ୍ରାହ୍ମଣଝରିଲୋ, ମଠ ବଜାର ଓ ବଡ଼ ଝରିଲୋ ଛକ ଅଞ୍ଚଳରେ ରାସ୍ତାର ଅବସ୍ଥା ଅଧିକ ଚିନ୍ତାଜନକ ଥିବା ମତ ପ୍ରକାଶ ପାଇଥିଲା । ପ୍ରେସ ମିଟ ସମ୍ପର୍କରେ ସୂଚନା ପାଇବା ପରେ ସମ୍ପୃକ୍ତ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ଆଗାମୀ ୧୦ ଦିନ ମଧ୍ୟରେ ରାସ୍ତାର ଖାଲଖମା ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଥିବା ବୈଠକରେ ସୂଚନା ଦିଆଯାଇଥିଲା । ଏହି ଆଶ୍ୱାସନ କାର୍ଯ୍ୟକାରୀ ନହେଲେ ମୁଖ୍ୟ ଉପଦେଷ୍ଟା ଇଂ. ସୁଶାନ୍ତ କୁମାର ତ୍ରିପାଠୀ ଓ ଜିଲ୍ଲା ସଭାପତି ଲଳିତ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବିଭାଗୀୟ ମନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ପ୍ରତାପ ଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ବେହେରା, ଅଜୟ କୁମାର ପତି, ଦୀନବନ୍ଧୁ ପଣ୍ଡା, ଗଣେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ଆଚାର୍ଯ୍ୟ, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁଙ୍କ ସମେତ ଅନେକ ସାମ୍ବାଦିକ ଓ ସାମାଜିକ କର୍ମୀ ଉପସ୍ଥିତ ରହି ନିଜ ମତ ରଖିଥିଲେ । ଚିନ୍ମୟ ମହାରଣା, ପୂର୍ଣ୍ଣଚନ୍ଦ୍ର ଦଳାଇ, ରାକେଶ ହୋତା, ଶଶିଭୂଷଣ ଦାଶ, ହେମନ୍ତ କୁମାର ମଲ୍ଲିକ, ବୁଲୁ ପାତ୍ର, ମଧୁସ୍ମିତା ଦାଶ, ବର୍ଷା ନାୟକ ଓ ସତ୍ୟରଞ୍ଜନ ଦାସ ମହାପାତ୍ର ବୈଠକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ଅମିତ କୁମାର ପରିଜା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପାଣିରେ ବୁଡିଲା ପ୍ରାଣୀ ଚିକିତ୍ସା କେନ୍ଦ୍ର

ବାଲିପାଟଣା, (ସବ୍ୟୁ): ବାଲିପାଟଣା ବ୍ଲକର ୧୭ ଗ୍ରାମ ପଞ୍ଚାୟତର ଗୃହ ପାଳିତ ପଶୁ ସମ୍ପଦକୁ ଚିକିତ୍ସା ଯୋଗାଉଥିବା ବାଲିପାଟଣା ପ୍ରାଣୀ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଅବସ୍ଥା ବେଳକୁ ବେଳ ଖରାପ ହେବାରେ ଲାଗିଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନ୍ୟକୁ ଉପଦେଶ ଦେଉଥିବା ଚିକିତ୍ସା କେନ୍ଦ୍ର ଏବେ ନିଜେ ଚିକିତ୍ସା ପାଇଁ ବ୍ୟାକୁଳ ହେଉଛନ୍ତି । ପ୍ରାଣି ଚିକିତ୍ସା କେନ୍ଦ୍ର ବର୍ଷା ପାଣିରେ ବୁଡି ରହିଛି । କାରଣ ବର୍ଷା ଛାଡ଼ିବାକୁ ପାଞ୍ଚ ଦିନ ବିତିଯାଇଥିଲେ ମଧ୍ୟ ପଚା ଗନ୍ଧ ପାଣି ମଧ୍ୟରେ କର୍ମଚାରୀ ଅହରହ କାମ କରୁଛନ୍ତି । ଆଉ କିଛି ଦିନ ଏପରି ପାଣି ନିଷ୍କାସନ ହୋଇ ନ ପାରିଲେ , ଗୋଟିକ ପରେ ଗୋଟିଏ କର୍ମଚାରୀ ଜର ରୋଗରେ ଆକ୍ରାନ୍ତ ହୋଇ ପଡ଼ିବେ । ବାଲିପାଟଣା ବ୍ଲକ ଅଫିସ ଠାରୁ ମାତ୍ର ୧୦୦ ମିଟର ଦୂର ତଥା ବାଲିପାଟଣା ବଜାରର କେନ୍ଦ୍ରସ୍ଥଳରେ ଥିବା ଗୋଷ୍ଠୀ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଦେଖିଲା ପରେ ଏହି କଥାର ଯଥାର୍ଥତାକୁ ଯେ କେହି ସହଜରେ ହୃଦୟଙ୍ଗମ କରିପାରିବେ ।

ଅସରାଏ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଣ୍ଠୁଏ ପାଣି ଜମୁଛି । ଚିକିତ୍ସା ପାଇଁ କେନ୍ଦ୍ରକୁ ଆସୁଥିବା ପଶୁ ସମ୍ପଦ ଗାଈ, ମଇଁଷିମାନେ ଓଲଟି ଏଠାରେ ଘଣ୍ଟାଏ ଦୁଇଘଣ୍ଟା ରହିଲେ ରୋଗ ତାଙ୍କୁ ମାଡିବସିବ । ମୁଖ୍ୟ ରାସ୍ତା ଠାରୁ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାୟ ୧୦୦ଫୁଟ ରାସ୍ତା ଯାହା ସିମେଣ୍ଟ ଢ଼ଳେଇ ହୋଇଛି । ସେଠାରେ ଆଣ୍ଠୁଏ ପାଣି ଜମା ହୋଇଛି ମେଡିକାଲକୁ ଆସୁଥିବା ଡାକ୍ତର ତଥା ଅନ୍ୟ କର୍ମଚାରୀମାନେ ଆଣ୍ଠୁ ଉପରକୁ ପ୍ୟାଣ୍ଟ ଟେକି ଯିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି ।ମେଡିକାଲ ପରିସରରେରେ ନିର୍ମିତ ହୋଇଥିବା କ୍ୱାର୍ଟର ଘରଗୁଡିକ ମଧ୍ୟରୁ ଡାକ୍ତର କ୍ୱାର୍ଟରରେ ଦୀର୍ଘ ଦିନ ହେଲାଣି ଡାକ୍ତର ବଦଳରେ ଜଣେ କର୍ମଚାରୀ ରହୁଛନ୍ତି । ଅନ୍ୟ କ୍ୱାର୍ଟର ଘରେ ପୂର୍ବରୁ ଯେଉଁ କର୍ମଚାରୀ ପରିବାର ସହିତ ରହୁଥିଲେ ସେ ବଦଳି ହୋଇ ଚାଲିଯିବା ପରେ ସେସବୁ ଭାଙ୍ଗିଯାଇ ଏବେ ଭୂତକୋଠୀ ପାଲଟିଛି । କୋଟି କୋଟି ଟଙ୍କା ବ୍ୟୟରେ ଠିକାଦାର ଏକ କୋଠା ନିର୍ମାଣ କରିଛନ୍ତି,ଦୂରଦୃଷ୍ଟି ଅଭାବରୁ ଏଠି ଆଣ୍ଠୁଏ ପାଣି ଲହଡ଼ି ମାରୁଛି ।ଏହି ନବ ନିର୍ମିତ କୋଠାକୁ ପୁଣି ରାଜ ନେତା ମାନେ ଉଦ୍‌ଘାଟନ କରିଛନ୍ତି । ଗାଈଗୋରୁଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ସେମାନଙ୍କୁ କେବଳ ଭଗବାନ ଭରସା ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି । ପ୍ରକାଶ ଥାଉକି ପୂର୍ବରୁ ବାଲିପାଟଣା ବଜାର ଓ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ର ବର୍ଷା ପାଣି ନିଷ୍କାସନ ନ ହେବାରୁ ୬୮ ଲକ୍ଷ ଟଙ୍କା ବ୍ୟୟରେ ଏକ ଡ୍ରେନ ନିର୍ମାଣ କରାଗଲା ହେଲେ ତାହା ମଧ୍ୟ ଦେଇ ପାଣି ଯାଉନାହିଁ । ବଜାର କିଛି ଦୋକାନି ମଧ୍ୟ ସେହି ଡ୍ରେନ କୁ ଅବରୋଧ କରି ରଖିବାରୁ ପାଣି ଯିବାରେ ବାଧା ସୃଷ୍ଟି ହେଉଛି । ଏଣୁ ତୁରନ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ଜଳ ନିଷ୍କାସନ ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ବିପଦ ସଂକେତ ଉପରେ ପ୍ରବାହିତ ଦୟାନଦୀ

* ଦୂଷିତ ଜଳ ବ୍ୟବହାର କରୁଛନ୍ତି ଲୋକେ
* ଗୃହପାଳିତ ପଶୁଙ୍କ ଖାଦ୍ୟ ସମସ୍ୟା



କଣାସ,(ସବ୍ୟୁ) :ଚଳିତ ବର୍ଷ ଲଗାଣ ବର୍ଷା ଓ ହୀରାକୁଦ ଜଳଭଣ୍ଡାରର ପାଣି ଆସି ବିଭିନ୍ନ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ।ଖବର ନେବାରେ ଜଣାପଡିଛି ଦୟା ନଦୀର ଜଳସ୍ତର ବିପଦ ସଂକେତ ୩.୩୯ କ୍ୟୁସେକ ଥିବା ବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ଏହା ୪.୧୬ କ୍ୟୁସେକ ଜଳ ପ୍ରବାହିତ ହେଉଛି । ବିଭିନ୍ନ ନଦୀବନ୍ଧର ସୁରକ୍ଷା ଢିଲା ।କେତକ ସ୍ଥାନରେ ନଦୀ ବନ୍ଧ ଦାବିବା ସହ ଦୃବଳ ଅବସ୍ଥାରେ ରହିଛି । ବାଲି ବସ୍ତା, ବହ୍ଲା ଓ ଆନୁଷଙ୍ଗିକ ଜିନିଷ ମହଜୁଦ ରହିଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି । କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା,ରାଜୁଆ,ମକରା,ଲୁଣା ନଦୀ ଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ପନିପରିବା ଫସଲ ସମ୍ପୂର୍ଣ୍ଣ ମାତ୍ରାରେ ଉଜୁଡ଼ି ଯାଇଛି । ନଦୀ କୂଳମାନଙ୍କରେ ଥିବା ଗ୍ରାମ ଗୁଡ଼ିକ ଯଥା ଦୋକନ୍ଦା, ବଡ଼ାସ, ତରପଡ଼ା,ବାଲିପାଟଣା, କଖାରୁବସ୍ତ,ସବଳଙ୍ଗ,ନାନକେରା, ପାଣ୍ଡିଆକେରା, ଗଡ଼ମାଟିଆପଡା, ଘରଛିଆ , ବାଙ୍କତଳ ,ସିମିଳି ପାଟନା, ଘରଛିଆ, ବେହେଣ୍ଟା ଓ ଅନନ୍ୟା ନଦୀକୂଳିଆ ଗ୍ରାମର ଚାଷୀମାନେ ବାଇଗଣ, ପୋଟଳ, ଭେଣ୍ଡି, କଲରା, ଲଙ୍କା, କାକୁଡି, ପୋଇ ପ୍ରଭୁତି ପନିପରିବା ଫସଲ କରିଥିଲେ ହେଲେ ବନ୍ୟା ପାଣି ଆସିବା ଯୋଗୁ ସେହି ସବୁ ଫସଲ ପାଣିରେ ବୁଡି ରହିବା ଫଳରେ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ବନ୍ୟା ପାଣି ଆସିବା ଯୋଗୁ ଜମି ବାଡ଼ି ଓ ଚରଣ ଜମିରେ ପାଣି ମାଡିଯାଇଛି । ଫଳରେ ଗୃହପାଳିତ ପଶୁ ଖାଦ୍ୟ ଖାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେପଟେ ବନ୍ୟାପାଣି ଆସିବା ଫଳରେ ପାନୀୟ ଜଳର ସମସ୍ୟା ଦେଖାଦେଉଛି । ବିଭିନ୍ନ ପାନୀୟ ଜଳ ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଏବେ ପିଇବା ଉପଯୋଗୀ ହେଉନଥିବା ଲୋକମାନେ ଅଭିଯୋଗ କରିଛନ୍ତି । ସେମାନେ କହିବା କଥା ପାଣିକୁ ବିଶୋଧନ କରାନଯାଇ ସିଧା ସଳଖ ଲୋକଙ୍କୁ ଯୋଗାଇ ଦିଆଯାଉଛି । ଫଳରେ କଣାସ ଅଞ୍ଚଳରେ ଏହି ସମୟରେ ଦୂଷିତ ଜଳ ବ୍ୟବହାର କରିବା ଦାରା ଝାଡା,ବାନ୍ତି ,ଜର ବ୍ୟାପିଥାଏ । ସାସ୍ଥ୍ୟ ବିଭାଗ ପକ୍ଷରୁ ହାଲଜିନ ବାଟିକା,ବ୍ଲିଚିଂ,ଫିନାଇଲ ଯୋଗାଇ ଦିଆଯାଉ ନାହିଁ । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲୋକମାନଙ୍କୁ ମଧ୍ୟ ସଚେତନତା କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ସମ୍ପାଦକୀୟ

## ଭାରତ ମାତାଙ୍କୁ ଅମର୍ଯ୍ୟାଦା କାହିଁକି?

ଦୁଃଖର କଥା, ରାଜ୍ୟସଭାରେ ଗତ ତା ୨୯/୦୭/ ୨୦୨୬ରେ ଆମର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ' ବୋଲାଯିବା ବେଳେ ବାଧା ସୃଷ୍ଟି କରାଗଲେ, ତିନି ବର୍ଷର ଜେଲ ଦଣ୍ଡ କିମ୍ବା ଜରିମାନା ପ୍ରଭୃତିକୁ ନେଇ ପ୍ରସ୍ତୁତ ବିଧେୟକ ବା ବିଲ୍‌ଟିକୁ ପାରିତ କରାଯାଇଛି । ମାତ୍ର ବିରୋଧୀ ଦଳ ପକ୍ଷରୁ ସେତିକିବେଳେ କକ୍ଷ ତ୍ୟାଗ କରା ଯାଇଥିଲା । କେହି ଜଣେ ହେଲେ ବିରୋଧୀ ସାଂସଦ ରାଜ୍ୟସଭାରେ ଉପସ୍ଥିତ ନଥିବା ମଧ୍ୟ ପରିଲକ୍ଷିତ ହୋଇଥିଲା । ଏହା ଭାରତମାତାଙ୍କ ପ୍ରତି ଘୋର ଅମର୍ଯ୍ୟାଦା ଓ ଅପମାନ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ବିରୋଧୀ ଦଳର ସାଂସଦଙ୍କ ମଧ୍ୟରେ ଦେଶପ୍ରୀତି ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

ଏହି ବିରୋଧୀ ଦଳରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଡି.ଏମ୍.କେ, ଆର୍.ଜେ.ଡି, ବାମ, ଶିବସେନା (ୟୁବିଟି) ସାଂସଦମାନେ କକ୍ଷତ୍ୟାଗ କରିଥିଲେ । ଏହି ସାଂସଦମାନେ ଉତ୍ତେଜିତ ହୋଇ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆନ୍ଦୋଳନକାରୀଙ୍କ ବିରୋଧରେ ପୋଲିସର ମାତ୍ରାଧିକ୍ୟ କାର୍ଯ୍ୟାନୁଷ୍ଠାନ ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିବୃତି ରଖିବାକୁ ଦାବି ଜଣାଇଥିଲେ । ବିରୋଧୀ ଦଳ ପକ୍ଷରୁ ଏ ବିଷୟରେ ଆଲୋଚନା ପାଇଁ ରାଜ୍ୟସଭା ଗୃହର ଅଧ୍ୟକ୍ଷ ବିରୋଧୀ ଦଳର ସାଂସଦମାନଙ୍କୁ ସୂଚନା ଦେଇଥିଲେ ମଧ୍ୟ ବିରୋଧୀ ଦଳର ସାଂସଦମାନେ ଅଧ୍ୟକ୍ଷଙ୍କୁ ବେଖାତିର କରିଥିଲେ । ଡି.ଏମ୍.କେ ଦଳର ସାଂସଦ ତିରୁଚ ଶିବା, ତୃଣମୂଳ କଂଗ୍ରେସର ସାଂସଦ ସାଗରିକା ଘୋଷ, ଆର୍‌ଜେଡି ସାଂସଦ ମନୋଜ ଝା ପ୍ରଭୃତି ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ଅତ୍ୟାଚାର ଉପରେ ପ୍ରଥମେ ଆଲୋଚନା ହେଉ ବୋଲି ଦାବି କରିଥିଲେ । ଯେଉଁ ଘଟଣା ଘଟିଯାଇଛି, ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ଶିକ୍ଷାମନ୍ତ୍ରୀଙ୍କୁ ତାଙ୍କ ବିଭାଗରୁ ଅବ୍ୟାହତି ଦିଆ ଯାଇଛି ଓ କେନ୍ଦ୍ର ସରକାର, ରାଷ୍ଟ୍ରୀୟ ମର୍ଯ୍ୟାଦାର ଅବମାନନା ଉପରେ ପ୍ରତିକାର ଲାଗି ବିଧେୟକ ଆଣି ଆଇନରେ ପରିଣତ କରିବାକୁ ଯାଉଛନ୍ତି, ତା' ଛଡା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ସଂକ୍ରାନ୍ତରେ ଏକ ବିଧେୟକ ମଧ୍ୟ ଲୋକସଭାରେ ଆଗତ ହୋଇ ସାରିଛି । ଏପରିସ୍ଥଳେ ଛାତ୍ରମାନଙ୍କ ଆନ୍ଦୋଳନ ଉପରେ ଗୃହରେ ଆଲୋଚନା କରାଯିବ। ଯଥାର୍ଥ କି ? ଛାତ୍ର ନେତାମାନେ ତ ସରକାରଙ୍କ କଥା ମାନି ଆନ୍ଦୋଳନ ପ୍ରତ୍ୟାହାର କରି ସାରିଛନ୍ତି । ତେଣୁ ଅଯଥାରେ ବିରୋଧୀ ମେଣ୍ଟ ଗଣ୍ଡଗୋଳ କରି ସଂସଦର ଅଧିବେଶନକୁ ସମ୍ଭବତଃ ସୁରୁଖୁରୁରେ ଚଳାଇବାକୁ ଚାହୁଁ ନାହାନ୍ତି । କିନ୍ତୁ ଦେଶବାସୀ ବିରୋଧୀ ମେଣ୍ଟର ଏପରି ଘଟଣାକୁ କେବେ ହେଲେ ସହଜରେ ଗ୍ରହଣ କରିବେ ନାହିଁ ।

**ଆମର ସୌଭାଗ୍ୟ ଯେ ଗତ ନଭେମ୍ବର ୭ (୨୦୨୫)ରେ ଏହି ଜାତୀୟ ଗାନ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷ ସାରା ଏହି ଗୀତଟି ଗାନ ପାଇଁ ଉତ୍ସବମାନ ପାଳନ କରିବାକୁ ମୋଦି ସରକାର ଚାହିଁଥିଲେ । କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରା ଯାଇଥିଲା ଯେ 'ବନ୍ଦେ ମାତରମ'ର ଛଅଟି ଯାକ ପଦ ରାଷ୍ଟ୍ରୀୟ ସଙ୍ଗୀତ 'ଜନଗଣ ମନ ଅଧିନାୟକ' (ରବୀନ୍ଦ୍ରନାଥ ଠାକୁରଙ୍କଦ୍ୱାରା ରଚିତ) ପୂର୍ବରୁ ଗାନ କରାଯିବ ଏବଂ ଏହି ଦୁଇଟି ସଙ୍ଗୀତ ଗାନ ସମୟରେ ସମସ୍ତେ ସାବଧାନ ମୁଦ୍ରାରେ ଦଣ୍ଡାୟମାନ ରହିବେ । ଏପରି ଏକ ସଙ୍ଗୀତ ଗାନର ଅମର୍ଯ୍ୟାଦା ବିରୋଧୀ ଦଳ କରୁଥିବାରୁ ଦେଶବାସୀ ସେମାନଙ୍କୁ ଭଲ ଦୃଷ୍ଟିରେ ଦେଖୁ ନାହାନ୍ତି । ଆମ ରାଜ୍ୟ ଓଡ଼ିଶାର ପ୍ରାଦେଶିକ ସଙ୍ଗୀତ କାନ୍ତକବିଙ୍କ 'ବନ୍ଦେ ଉତ୍କଳ ଜନନୀ' ପାଇଁ ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସ୍ୱତନ୍ତ୍ର ଆଇନ ଓ ନିୟମାବଳିର ପ୍ରସ୍ତୁତି ପାଇଁ ଯତ୍ନବାନ ହେବାକୁ ଓଡ଼ିଆମାନେ ଚାହୁଁଛନ୍ତି ।**

ଉଲ୍ଲେଖନୀୟ ଯେ ସ୍ୱର୍ଗୀୟ ବଙ୍କିମଚନ୍ଦ୍ର ଚାଟାର୍ଜୀ 'ବନ୍ଦେ ମାତରମ' ରଚନା କରିବାର ୧୫୦ ବର୍ଷ ପୂର୍ତ୍ତି ହେବା ପରେ ଏବର ଭାରତ ସରକାର ଏହି ସଙ୍ଗୀତଟିକୁ ଉଚିତ ମର୍ଯ୍ୟାଦା ପ୍ରଦାନ କରି ଏପରି ସଙ୍ଗୀତ ଗାନ ପାଇଁ ଗତ ଫେବୃଆରୀ ୧୧ (୨୦୨୬) ତାରିଖରେ ଆଇନ ଓ ନିୟମାବଳି ପ୍ରସ୍ତୁତ କରିଥିଲେ, ଯଦ୍ୱାରା ଏହି ପ୍ରସିଦ୍ଧ ଐତିହାସିକ ସଙ୍ଗୀତ ପରିବେଷଣ ଲାଗି ଦେଶବାସୀ ଉଲ୍ଲସିତ ହୋଇ ଉଠିଥିଲେ । ଦେଶର ସ୍ୱାଧୀନତା ଲାଗି ସେତେବେଳେ ଅହିଂସା ଉପାୟରେ ତତ୍କାଳୀନ କଂଗ୍ରେସ ଆନ୍ଦୋଳନ ଜାରି ରଖିଥିଲା. (କଂଗ୍ରେସ ସେତେବେଳେ ଏକ ରାଜନୀତିକ ଦଳ ହୋଇ ନଥିଲା ଏବଂ ବିଭିନ୍ନ ରାଜନୀତିକ ଦଳ କଂଗ୍ରେସ ଜରିଆରେ ସ୍ୱାଧୀନତା ଆନ୍ଦୋଳନରେ ସେତେବେଳେ ସାମିଲ ହୋଇ ଆସୁଥିଲେ ।) ସେହି ସମୟରେ ୧୮୯୬ରେ ଏବର କଲକାତା (ସେବର କଲିକତା)ରେ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଅଧିବେଶନ ଆରମ୍ଭ ପୂର୍ବରୁ ରବିନ୍ଦ୍ର ନାଥ ଠାକୁର ସର୍ବ ପ୍ରଥମେ ଆନୁଷ୍ଠାନିକ ଭାବେ 'ବନ୍ଦେ ମାତରମ' ଗୀତଟି ଗାନ କରିଥିଲେ । ସ୍ୱାଧୀନତାର ପ୍ରାକ୍ କାଳରେ ଏହି ଗୀତଟି ୧୯୦୫ ଅଗଷ୍ଟ ୭ ତାରିଖରୁ ସ୍ୱାଧୀନତା ସଂଗ୍ରାମୀମାନେ ନିୟମିତ ବୋଲି ଭାରତୀୟମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିଥିଲେ । ବଙ୍କିମ ଚନ୍ଦ୍ର ତାଙ୍କ ରଚିତ 'ଆନନ୍ଦ ମଠ' (୧୮୮୨) ଉପନ୍ୟାସରେ ଏହି ଗୀତଟିକୁ ସଂଯୁକ୍ତ କରିଥିଲେ ।

ଆମର ସୌଭାଗ୍ୟ ଯେ ଗତ ନଭେମ୍ବର ୭ (୨୦୨୫)ରେ ଏହି ଜାତୀୟ ଗାନ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷ ସାରା ଏହି ଗୀତଟି ଗାନ ପାଇଁ ଉତ୍ସବମାନ ପାଳନ କରିବାକୁ ମୋଦି ସରକାର ଚାହିଁଥିଲେ । କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରା ଯାଇଥିଲା ଯେ 'ବନ୍ଦେ ମାତରମ'ର ଛଅଟି ଯାକ ପଦ ରାଷ୍ଟ୍ରୀୟ ସଙ୍ଗୀତ 'ଜନଗଣ ମନ ଅଧିନାୟକ' (ରବୀନ୍ଦ୍ରନାଥ ଠାକୁରଙ୍କଦ୍ୱାରା ରଚିତ) ପୂର୍ବରୁ ଗାନ କରାଯିବ ଏବଂ ଏହି ଦୁଇଟି ସଙ୍ଗୀତ ଗାନ ସମୟରେ ସମସ୍ତେ ସାବଧାନ ମୁଦ୍ରାରେ ଦଣ୍ଡାୟମାନ ରହିବେ । ଏପରି ଏକ ସଙ୍ଗୀତ ଗାନର ଅମର୍ଯ୍ୟାଦା ବିରୋଧୀ ଦଳ କରୁଥିବାରୁ ଦେଶବାସୀ ସେମାନଙ୍କୁ ଭଲ ଦୃଷ୍ଟିରେ ଦେଖୁ ନାହାନ୍ତି । ଆମ ରାଜ୍ୟ ଓଡ଼ିଶାର ପ୍ରାଦେଶିକ ସଙ୍ଗୀତ କାନ୍ତକବିଙ୍କ 'ବନ୍ଦେ ଉତ୍କଳ ଜନନୀ' ପାଇଁ ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସ୍ୱତନ୍ତ୍ର ଆଇନ ଓ ନିୟମାବଳିର ପ୍ରସ୍ତୁତି ପାଇଁ ଯତ୍ନବାନ ହେବାକୁ ଓଡ଼ିଆମାନେ ଚାହୁଁଛନ୍ତି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗାଡ଼ି କିଣୁଥିବା ଗ୍ରାହକମାନଙ୍କ ପସନ୍ଦ କିପରି



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ପୂର୍ବରୁ ଗାଡି କିଣିବା ଟିକେ ସହଜ ଥିଲା । ବଜେଟ୍ ଦେଖନ୍ତୁ, ମଡେଲ୍ ବାଛନ୍ତୁ ଏବଂ ଜରୁରୀ ଆର୍ଥିକ ପ୍ରକ୍ରିୟା (ଫାଇନାନ୍ସିଆଲ୍ ପ୍ରୋସେସ୍) ସାରି ଗାଡ଼ିର ଚାବି ଧରି ଘରକୁ ଆସନ୍ତୁ । କିନ୍ତୁ ଏବେ କାହାଣୀ ବଦଳି ଯାଇଛି । ଏବେ କାର୍ କିଣିବା ପାଇଁ ଯଦି ଆପଣ କୌଣସି ଶୋ'ରୁମକୁ ଯାଇ ପଚାରିବେ ଯେ କେଉଁ ଗାଡ଼ି ନେବେ, ତେବେ ସେଲ୍ସମ୍ୟାନ୍ ହୁଏତ କାର୍ ଅପେକ୍ଷା ଇନ୍ଧନ ଉପରେ ଅଧିକ ଜ୍ଞାନ ଦେବାକୁ ଲାଗିବେ ।

ପେଟ୍ରୋଲ୍ ମହଙ୍ଗା ଅଛି, ଡିଜେଲର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି, ସିଏନଜିର ଦାମ୍ ବଢିବାରେ ଲାଗିଛି, ଇଲେକ୍ଟ୍ରିକ ଗାଡ଼ିର ଦୂରତାର ଚିନ୍ତା ରହିଛି । ଏହା ଦେଖିଲେ ମନେହେଉଛି ଗ୍ରାହକ କାର୍ କିଣିବାକୁ ନୁହେଁ ବରଂ ଇନ୍ଧନର ଗଣିତ ବୁଝିବାକୁ ବାହାରିଛନ୍ତି । କଥା ହେଉଛି, ଏହି ପ୍ରଶ୍ନର ସମାନ ଉତ୍ତର ସରକାର, କମ୍ପାନୀ ଏବଂ ବିଶେଷଜ୍ଞ କାହା ପାଖରେ ବି ନାହିଁ ।

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ଦ୍ୱାରା ନିକଟରେ ଇ-୧୦୦ (E୧୦୦) ବା ଶତପ୍ରତିଶତ ଇଥାନଲ୍ ଇନ୍ଧନର ନିୟମାବଳୀକୁ ମଞ୍ଜୁରୀ ମିଳିବା ପରେ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ନୂଆ ବିତର୍କ ଆରମ୍ଭ ହୋଇଛି । କୃଷିଜାତ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଏହି ସ୍ୱଦେଶୀ ସବୁଜ ଇନ୍ଧନ କ'ଣ ସତରେ ପେଟ୍ରୋଲର ସ୍ଥାନ ନେଇପାରିବ? ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ।

ସାଧାରଣ ଭାବେ ଇ-୧୦୦ ହେଉଛି ଏମିତି ଏକ ବାୟୋ-ଫ୍ୟୁଏଲ୍ (ଉଦ୍‌ଭିଦର ଇନ୍ଧନ), ଯେଉଁଥିରେ ପାରମ୍ପରିକ ପେଟ୍ରୋଲର ମିଶ୍ରଣ ନଥାଇ ୧୦୦ ପ୍ରତିଶତ ଶୁଦ୍ଧ ଇଥାନଲ୍ ଥାଏ । ଏହାକୁ ଆଖୁ, ମକା, ଚାଉଳ ଏବଂ ବିଭିନ୍ନ କୃଷି ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ କରାଯାଏ । ବର୍ତ୍ତମାନ ଭାରତରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଇ୨୦ ବ୍ୟବହାର ହେଉଥିବା ବେଳେ ଇ୧୦୦ ହେଉଛି ଏହି ଦିଗରେ ଚୂଡ଼ାନ୍ତ ପଦକ୍ଷେପ ।

ଏହି କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଲାଭ ହେଉଛି ଭାରତର ବୈଦେଶିକ ମୁଦ୍ରା ସଞ୍ଚୟ ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ । ସରକାରୀ ତଥ୍ୟ ଅନୁସାରେ, ଏହି ଇନ୍ଧନ ଯୋଗୁଁ ଦେଶ ଏପର୍ଯ୍ୟନ୍ତ ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ଅଶୋଧିତ ତୈଳ ଆମଦାନୀ ଖର୍ଚ୍ଚ ବଞ୍ଚାଇ ପାରିଛି ଏବଂ ଚାଷୀମାନଙ୍କର ପ୍ରାୟ ୮୦,୦୦୦ କୋଟି ଟଙ୍କାର ଅତିରିକ୍ତ ଆୟ ହୋଇ ପାରିଛି । ପରିବେଶ ଦୃଷ୍ଟିକୋଣରୁ ମଧ୍ୟ ଏହା ଜୀବାଶ୍ମ ଇନ୍ଧନ ତୁଳନାରେ ଯଥେଷ୍ଟ କମ୍ ଅଙ୍ଗାରକାମ୍ଳ ନିର୍ଗମନ କରିଥାଏ ।

ବାସ୍ତବ କ୍ଷେତ୍ରରେ ଦେଖିଲେ ଇ-୧୦୦ ପେଟ୍ରୋଲର ବିକଳ୍ପ ସାଜିପାରେ, କିନ୍ତୁ ଭୂମିରେ ଏହାର ପ୍ରୟୋଗ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ।

ସରକାରୀ ସ୍ୱୀକାରୋକ୍ତି ଅନୁସାରେ, ଇ-୨୦ ବ୍ୟବହାର ଦ୍ୱାରା ଗାଡ଼ିର ମାଇଲେଜ୍ ପ୍ରାୟ ୧ରୁ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଉଛି । ଯଦି ଇ-୧୦୦ ଲାଗୁ ହୁଏ, ତେବେ ମାଇଲେଜ୍ ଆହୁରି କମିବା ସହ ଗାଡ଼ିର ମେଣ୍ଟେନାନ୍ସ ଖର୍ଚ୍ଚ ବଢ଼ିବାର ଆଶଙ୍କା ରହିଛି । ଭାରତୀୟ ସଡ଼କରେ ଚାଲୁଥିବା କୋଟି କୋଟି ପୁରୁଣା ଗାଡ଼ି ଇ-୧୦୦ ଇନ୍ଧନ ପାଇଁ ଉପଯୁକ୍ତ ନୁହଁନ୍ତି । ଏଥିପାଇଁ କେବଳ ସ୍ୱତନ୍ତ୍ର ଫ୍ଲେକ୍ସ-ଫ୍ୟୁଏଲ୍ ପ୍ରଯୁକ୍ତି ସମ୍ପନ୍ନ ଗାଡ଼ିର ଆବଶ୍ୟକତା ରହିଛି ।

ମାରୁତି ସୁଜୁକି, ଟୟୋଟା, ହିରୋ ଓ ଟିଭିଏସ୍ ଭଳି କମ୍ପାନୀଗୁଡ଼ିକ ଫ୍ଲେକ୍ସ-ଫ୍ୟୁଏଲ୍ ପ୍ରୋଟୋଟାଇପ୍ ଆଣୁଥିଲେ ମଧ, ଏହି ଗାଡ଼ିଗୁଡ଼ିକ ସାଧାରଣ ଗାଡ଼ି ଅପେକ୍ଷା ଅଧିକ ମହଙ୍ଗା ହେବେ । ନିକଟରେ ନୂଆ ଗାଡ଼ି କିଣିଥିବା ଗ୍ରାହକ ପୁଣି ଏକ ବଡ଼ ନିବେଶ କରିବାକୁ ସହଜରେ ରାଜି ହେବେ ନାହିଁ ।

ଇ-୧୦୦ ର ସଫଳତା କେବଳ ନିୟମ ପ୍ରଣୟନରେ ନୁହେଁ, ଏକ ଦୃଢ଼ ଭିତ୍ତିଭୂମି ଉପରେ ନିର୍ଭର କରେ । ରାତାରାତି ସମଗ୍ର ଦେଶରେ ଇଥାନଲ୍ ଷ୍ଟେସନ ପ୍ରତିଷ୍ଠା କରିବା ଅସମ୍ଭବ । ସରକାରଙ୍କୁ ପେଟ୍ରୋଲ ପମ୍ପଗୁଡ଼ିକରେ E୨୦ ଠାରୁ ଆରମ୍ଭ କରି E୧୦୦ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ବିକଳ୍ପ ରଖିବାକୁ ହେବ । ଗ୍ରାହକ ଯେମିତି ସହଜରେ ଚିହ୍ନିପାରିବେ, ସେଥିପାଇଁ ଭିନ୍ନ ରଙ୍ଗର ଡିସପେନସର ବ୍ୟବହାର କରିବା ସହ ପମ୍ପ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ଜରୁରୀ । ଆଜି ବି ଭାରତରେ ସବୁଠାରୁ ଅଧିକ ବିକ୍ରି ହେଉଥିବା କାର୍‌ଗୁଡ଼ିକ ପେଟ୍ରୋଲ୍ ଇଞ୍ଜିନ୍ ଦ୍ୱାରା ଚାଲିଥାଏ । ଏଗୁଡ଼ିକର ଦାମ୍ ଅପେକ୍ଷାକୃତ କମ୍ ଏବଂ ଏହାର ରକ୍ଷଣାବେକ୍ଷଣ ସହଜ ଓ ଅପେକ୍ଷାକୃତ ଶସ୍ତା ।

୨୦୨୬ର ଭାରତୀୟ ଅଟୋ ବଜାରରେ ଏବେ ପ୍ରଶ୍ନ କାରର ରଙ୍ଗ କିମ୍ବା ଲକ୍ଷଣ ନୁହେଁ, ବରଂ ତାର ଇନ୍ଧନ । ପେଟ୍ରୋଲ, ଡିଜେଲ, ସିଏନଜି, ହାଇବ୍ରିଡ, ଷ୍ଟ୍ରଙ୍ଗ ହାଇବ୍ରିଡ, ଇଭି କିମ୍ବା ଫ୍ଲେକ୍ସ-ଫ୍ୟୁଏଲ୍ । ବିକଳ୍ପ ଏତେ ଅଧିକ ଯେ ସାଧାରଣ ଗ୍ରାହକ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି ।

ଆଶ୍ଚର୍ଯ୍ୟର କଥା ହେଉଛି, ଏହି ସବୁର ନିଜ ନିଜ ହିସାବରେ ଅଲଗା ଅଲଗା ଲାଭ ଏବଂ କ୍ଷତି ମଧ୍ୟ ରହିଛି । ଗ୍ରାହକଙ୍କ ସାମ୍ନାରେ ଆଜି ବି କୌଣସି ଗୋଟିଏ ସ୍ପଷ୍ଟ ରାସ୍ତା ନାହିଁ । ଏହି କାରଣରୁ ଏକ ବଡ଼ ସଂଖ୍ୟକ ଲୋକ ନୂଆ କାର୍ କିଣିବା ନିଷ୍ପତ୍ତିକୁ ସ୍ଥଗିତ ରଖୁଛନ୍ତି । ସମ୍ପ୍ରତି ଏକ ସର୍ଭେରୁ ଜଣାପଡ଼ିଛି, ଅନିଶ୍ଚିତତା ହେତୁ ପ୍ରାୟ ୪୩ ପ୍ରତିଶତ ଲୋକ ନୂଆ କାର୍ କିଣିବାକୁ ମନା କରିଛନ୍ତି ।

ଅନ୍ୟପଟେ ଇ୨୦ ଏବଂ ଭବିଷ୍ୟତରେ ଆସିବାକୁ ଥିବା ଇ୧୦୦ ଇନ୍ଧନକୁ ନେଇ ଲୋକେ ବୁଝିପାରୁନାହାନ୍ତି ଯେ ଆଜି କିଣାଯାଉଥିବା କାର୍ ଆଗାମୀ ବର୍ଷଗୁଡ଼ିକରେ ନୂଆ ଇନ୍ଧନର ମାନକ ପାଇଁ କେତେ ପ୍ରସ୍ତୁତ ରହିବ । ଅଟୋ କମ୍ପାନୀଗୁଡ଼ିକ ଭରସା ଦେଉଥିଲେ ମଧ୍ୟ ଗ୍ରାହକଙ୍କ ମନରୁ ସନ୍ଦେହ ଦୂର ହେଉନାହିଁ ।

**ସମ୍ପ୍ରତି ସରକାର ଦେଶରେ ଇ୮୫ ଇନ୍ଧନ ଆରମ୍ଭ କରିଛନ୍ତି । କିନ୍ତୁ ସାଧାରଣ ଲୋକଙ୍କ ସମସ୍ୟା ସମୟ ସହିତ ବଢିବାରେ ଲାଗିଛି । କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଲମ୍ବା ଦୂରତା ଯାତ୍ରା କରୁଥିବା ଲୋକଙ୍କ ପ୍ରଥମ ପସନ୍ଦ ଥିଲା ଡିଜେଲ୍ କାର୍ । ଚମତ୍କାର ମାଇଲେଜ୍ ଏବଂ ଶକ୍ତିଶାଳୀ କାରଣରୁ ଏହାର ଚାହିଦା ବହୁତ ଥିଲା । କିନ୍ତୁ ବଢୁଥିବା ନିର୍ଗମନ ମାନକ ଏବଂ ଅନେକ ସହରରେ ଡିଜେଲ୍ ଗାଡ଼ି ପ୍ରତି କଠୋର ଆଭିମୁଖ୍ୟ ଗ୍ରାହକଙ୍କୁ ଚିନ୍ତା କରିବାକୁ ବାଧ କଲା । ନୂଆ ଡିଜେଲ୍ କାର୍‌ଗୁଡ଼ିକ ପୂର୍ବ ଅପେକ୍ଷା ବହୁତ ମହଙ୍ଗା ହୋଇଯାଇଛି ଏବଂ ସେଗୁଡ଼ିକର ମେଣ୍ଟେନାନ୍ସ ଖର୍ଚ୍ଚ ମଧ୍ୟ ବଢିଯାଇଛି ।**

ସମ୍ପ୍ରତି ସରକାର ଦେଶରେ ଇ୮୫ ଇନ୍ଧନ ଆରମ୍ଭ କରିଛନ୍ତି । କିନ୍ତୁ ସାଧାରଣ ଲୋକଙ୍କ ସମସ୍ୟା ସମୟ ସହିତ ବଢିବାରେ ଲାଗିଛି । କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଲମ୍ବା ଦୂରତା ଯାତ୍ରା କରୁଥିବା ଲୋକଙ୍କ ପ୍ରଥମ ପସନ୍ଦ ଥିଲା ଡିଜେଲ୍ କାର୍ ।

ଚମତ୍କାର ମାଇଲେଜ୍ ଏବଂ ଶକ୍ତିଶାଳୀ କାରଣରୁ ଏହାର ଚାହିଦା ବହୁତ ଥିଲା । କିନ୍ତୁ ବଢୁଥିବା ନିର୍ଗମନ ମାନକ ଏବଂ ଅନେକ ସହରରେ ଡିଜେଲ୍ ଗାଡ଼ି ପ୍ରତି କଠୋର ଆଭିମୁଖ୍ୟ ଗ୍ରାହକଙ୍କୁ ଚିନ୍ତା କରିବାକୁ ବାଧ କଲା । ନୂଆ ଡିଜେଲ୍ କାର୍‌ଗୁଡ଼ିକ ପୂର୍ବ ଅପେକ୍ଷା ବହୁତ ମହଙ୍ଗା ହୋଇଯାଇଛି ଏବଂ ସେଗୁଡ଼ିକର ମେଣ୍ଟେନାନ୍ସ ଖର୍ଚ୍ଚ ମଧ୍ୟ ବଢିଯାଇଛି ।

ଅବସ୍ଥା ଏପରି ଯେ, ଦେଶର ସବୁଠାରୁ ବଡ଼ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଏପ୍ରିଲ୍ ୨୦୨୦ରୁ ଡିଜେଲ୍ କାର୍ ତିଆରି କରିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି । ଏଭଳି ପରିସ୍ଥିତିରେ ଦେଶର ଏକ ବଡ଼ ଗୋଷ୍ଠୀ ଯିଏ ମାରୁତିର ଶସ୍ତା କାର୍ କିଣିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଡିଜେଲର ବିକଳ୍ପ ହିଁ ନାହିଁ ।

ଗତ କିଛି ବର୍ଷ ମଧ୍ୟରେ ସିଏନଜି କାରର ଲୋକପ୍ରିୟତା ଦ୍ରୁତ ଗତିରେ ବଢିଥିଲା । ଭଲ ମାଇଲେଜ୍ କାରଣରୁ ମଧ୍ୟମ ବର୍ଗ ଏହାକୁ ଆଦରି ନେଇଥିଲେ । କିନ୍ତୁ ଏବେ ସିଏନଜିର ଦାମ୍ ମଧ୍ୟ କ୍ରମାଗତ ଭାବେ ବଢିବାରେ ଲାଗିଛି । କେତେକ ସହରରେ ଗ୍ୟାସର ମୂଲ୍ୟ ପ୍ରାୟ ପେଟ୍ରୋଲ ପାଖାପାଖି ପହଞ୍ଚି ଗଲାଣି । ଅନ୍ୟପଟେ, ପେଟ୍ରୋଲ କାର୍ ତୁଳନାରେ ସିଏନଜି କାର୍‌ଗୁଡ଼ିକ ପ୍ରାୟ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଥାଏ । ବର୍ତ୍ତମାନ ଇଲେକ୍ଟ୍ରିକ୍ ଗାଡ଼ିକୁ ଭାରତର ଭବିଷ୍ୟତ ବୋଲି କୁହାଯାଉଛି । ସରକାରଙ୍କ ଠାରୁ ଆରମ୍ଭ କରି ଅଟୋ କମ୍ପାନୀଗୁଡ଼ିକ ଇଭିକୁ ପ୍ରୋତ୍ସାହନ ଦେଉଛନ୍ତି । କିନ୍ତୁ ଇଲେକ୍ଟ୍ରିକ୍ କାର୍‌ଗୁଡ଼ିକ ଏବେ ମଧ୍ୟ ପେଟ୍ରୋଲ ଏବଂ ସିଏନଜି ମଡେଲ୍ ତୁଳନାରେ ବହୁତ ମହଙ୍ଗା । ତେଣୁ ଏକ ବଡ଼ ଜନସଂଖ୍ୟା ଏବେ ବି ଇଭିକୁ ନେଇ ସମ୍ପୂର୍ଣ୍ଣ ଆଶ୍ୱସ୍ତ ଦେଖାଯାଉନାହାନ୍ତି । ଯଦିଓ ବଡ଼ ବଡ଼ ସହରରେ ଇଭିର ଚାହିଦା ବଢିଛି, କିନ୍ତୁ ସେମାନଙ୍କୁ ପ୍ରତିଦିନ ନୂଆ ସମସ୍ୟାର ସାମ୍ନା କରିବାକୁ ପଡୁଛି । କିଛି ବଡ଼ ସୋସାଇଟିରେ ରହୁଥିବା ଲୋକଙ୍କୁ ଇଲେକ୍ଟ୍ରିକ୍ କାର୍ ପାଇଁ ଚାର୍ଜିଂ ପଏଣ୍ଟ ଲଗାଇବାକୁ ଅନୁମତି ମିଳୁନାହିଁ ।

ଭାରତୀୟ ଗ୍ରାହକ ନୂଆ ଟେକ୍ନୋଲୋଜି ଆପଣାଇବାକୁ ଆଦୌ ଡରନ୍ତି ନାହିଁ । ସେମାନେ ସିଏନଜି ଆପଣାଇଲେ, ଅଟୋମେଟିକ୍ ଟ୍ରାନ୍ସମିସନ୍ ଆପଣାଇଲେ ଏବଂ ଏବେ ଇଭି ଆଡ଼କୁ ମଧ୍ୟ ବଢୁଛନ୍ତି । କିନ୍ତୁ ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଅନିଶ୍ଚିତତା । ଗ୍ରାହକ ଜାଣିବାକୁ ଚାହୁଁଛନ୍ତି ଯେ ଆଗାମୀ ୮ ରୁ ୧୦ ବର୍ଷ ମଧ୍ୟରେ କେଉଁ ଟେକ୍ନୋଲୋଜି ତିଷ୍ଠି ରହିବ, କେଉଁ ଇନ୍ଧନ ସବୁଠାରୁ ଶସ୍ତା ହେବ, କେଉଁ ଗାଡ଼ିର ରିସେଲ୍ ଭାଲ୍ୟୁ ଭଲ ମିଳିବ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାରଙ୍କ ନୀତି କେଉଁ ଦିଗକୁ ଯିବ । ଯେତେବେଳ ପର୍ଯ୍ୟନ୍ତ ଏହି ସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ମିଳେନାହିଁ, ଗ୍ରାହକ ନିଜର ନିଷ୍ପତ୍ତିକୁ ସ୍ଥଗିତ ରଖିଥିବେ । ଇ-୧୦୦ ଇନ୍ଧନ ଭାରତ ପାଇଁ କେବଳ ଏକ ବିକଳ୍ପ ଶକ୍ତି ନୁହେଁ, ବରଂ ଆତ୍ମନିର୍ଭରଶୀଳତାର ଏକ ବଡ଼ ସ୍ୱପ ।

ଏହା କୃଷକଙ୍କ ଭାଗ୍ୟ ବଦଳାଇବା ସହ ବୈଦେଶିକ ଋଣଭାର କମାଇବାର କ୍ଷମତା ରଖେ । ମାତ୍ର ଅଟୋମୋବାଇଲ୍ ପ୍ରଯୁକ୍ତିବିଦ୍ୟାର ସହଯୋଗ, ବ୍ୟାପକ ଭିତ୍ତିଭୂମିର ନିର୍ମାଣ ଏବଂ ସର୍ବୋପରି ସାଧାରଣ ଗ୍ରାହକଙ୍କ ସୁବିଧାକୁ ପ୍ରାଥମିକତା ନଦେଲେ, ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କେବଳ ଏକ ସରକାରୀ ଦସ୍ତାବିଜ୍ ବା ଲମ୍ବା ପରୀକ୍ଷା ନିରୀକ୍ଷା ଭିତରେ ସୀମିତ ରହିଯିବ ।

**ନୟାଗଡ଼,**
**ମୋ- ୯୪୩୭୬୪୨୯୪୭**

# ବର୍ଷାକୁ ଉପଭୋଗ କରୁଥିବା ଆମେମାନେ


**ବୈଷ୍ଣବ ମେହେର**

ବର୍ଷା ଏକ ପ୍ରାକୃତିକ ପ୍ରକ୍ରିୟା । ମେଘରେ ଥିବା ଜଳକଣା ଘନୀଭୂତ ହୋଇ ତରଳ ହେଲେ ଏହା ଜଳ ଆକାରରେ ଭୂପୃଷ୍ଠରେ ପଡିଥାଏ । ତାହାକୁ ସାଧାରଣତଃ ବର୍ଷା ବୋଲି କୁହାଯାଉଥିବା ବେଳେ ଏହି ବର୍ଷା ଜୀବଜଗତ ବିକାଶର ମୂଳ ଆଧାର ହୋଇଥାଏ । କେବଳ ଜୀବଜଗତଙ୍କ ଶାରୀରିକ, ସାମାଜିକ, ଅର୍ଥନୈତିକ ବିକାଶ କରିବାରେ ବର୍ଷାର ଭୂମିକା ସୀମିତ ନୁହେଁ ବରଂ ବର୍ଷା ଯେତେବେଳେ ଭୂପୃଷ୍ଠରେ ତାର ପ୍ରଥମ ପାଦ ଥାପେ ସେତେବେଳେ ହିଁ ସମଗ୍ର ଜୀବସତ୍ତା ଭିତରେ ଏକ ନବଜୀବନର ସଂଚାର ଘଟେ । କେବଳ ସଜୀବ କାହିଁକି ନିର୍ଜୀବମାନେ ମଧ୍ୟ ପୂର୍ବାପେକ୍ଷା ଅଧିକ ସ୍ୱଚ୍ଛ, ସତେଜ ଓ ସ୍ୱଷ୍ଟ ମନେ ହୁଅନ୍ତି । ବର୍ଷା ଆଗମନେ ଚାତକର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟେ । ବସୁଧା ହୁଏ ରଜସ୍ୱଳା, ନଈ ମାଟି ଉପରକୁ ଉଇଁ ଆସେ ସାଧବବୋହୂ, ମେଘକୁ ଦେଖି ମୟୂରପୁଚ୍ଛ ମେଲି ମୟୂରୀକୁ କରେ ଆକର୍ଷିତ, ସାରୁ ବୁଦା ମୂଳେ ଫୁସୁରଫାସୁର ହୁଅନ୍ତି ବେଙ୍ଗ ଦମ୍ପତି ।

**ମଣିଷଙ୍କ କଥା ତ ନିଆରା । ମୌସୁମୀର ପ୍ରାକ୍ ଆଗମନ ଯୋଗୁଁ ଯେତେବେଳେ ଦୂର ଦିଗ୍‌ବଳୟରେ କଳାମେଘ ଚକାଭଉଁରୀ ଖେଳେ, ସେତେବେଳେ ମଣିଷର ମନ ଆପେ ଆପେ ପୁଲକିତ ହୋଇଉଠେ । ଭୀଷଣ ଝାଞ୍ଜିରେ ଶୁଖି ଯାଇଥିବା ପବନକୁ ଛୁଇଁ ଝାଉଁଳି ପଡ଼ିଥିବା ବୃକ୍ଷରାଜି ଉପର ଦେଇ ଧୂସର ମାଟି ଉପରେ ଯେତେବେଳେ ପ୍ରଥମ ବର୍ଷା ବୁନ୍ଦା ପଡେ, ତାର ସେହି ସୁଗନ୍ଧ ମନ ପ୍ରାଣ ସହ ସମଗ୍ର ସତ୍ତାକୁ କରେ ବିମୋହିତ ।**

ମଣିଷଙ୍କ କଥା ତ ନିଆରା । ମୌସୁମୀର ପ୍ରାକ୍ ଆଗମନ ଯୋଗୁଁ ଯେତେବେଳେ ଦୂର ଦିଗ୍‌ବଳୟରେ କଳାମେଘ ଚକାଭଉଁରୀ ଖେଳେ, ସେତେବେଳେ ମଣିଷର ମନ ଆପେ ଆପେ ପୁଲକିତ ହୋଇଉଠେ । ଭୀଷଣ ଝାଞ୍ଜିରେ ଶୁଖି ଯାଇଥିବା ପବନକୁ ଛୁଇଁ ଝାଉଁଳି ପଡ଼ିଥିବା ବୃକ୍ଷରାଜି ଉପର ଦେଇ ଧୂସର ମାଟି ଉପରେ ଯେତେବେଳେ ପ୍ରଥମ ବର୍ଷା ବୁନ୍ଦା ପଡେ, ତାର ସେହି ସୁଗନ୍ଧ ମନ ପ୍ରାଣ ସହ ସମଗ୍ର ସତ୍ତାକୁ କରେ ବିମୋହିତ ।

ବର୍ଷା ଆସିଲେ ବାପାଙ୍କ ଛାତିରେ ଦମ ପଶେ । ମାଆ ମାନେ ବଡି ଭୋରରୁ ଚଳଚଞ୍ଚଳ ହୋଇଉଠନ୍ତି । ଅଣ୍ଟା ନଇଁ ଯାଇଥିବା ଜେଜେମାଆର ସ୍ମୃତିରେ ଫେରି ଆସେ ତାର ଯୌବନ । ଛୋଟ ପିଲାଟିଏ କୁରୁଳି ଉଠେ ଗାଁ ଦାଣ୍ଡରେ କାଗଜ ଡ଼ଙ୍ଗାଟିଏ ଭସାଇ ଦେଉ ଦେଉ । ଏ ବର୍ଷା ବି କବି ଲେଖକଙ୍କୁ କରେ ଆନମନା । ଆକାଶରେ ମେଘ ଘୋଟିବା କ୍ଷଣି ଏମାନଙ୍କ ଛାତି ତଳ କେମିତି ଓଦା ହୋଇଯାଏ ।



ଚଳିତ ବର୍ଷ ସୁପର ଏଲିନୋର ପ୍ରଭାବ ଯୋଗୁଁ ଗତ ଜୁନ୍ ମାସରେ ସ୍ୱାଭାବିକ ଠାରୁ ଚାଳିଶି ପ୍ରତିଶତ କମ୍ ବର୍ଷା ହେବା ପରେ ଜୁଲାଇର ପ୍ରାରମ୍ଭରେ ସକ୍ରିୟ ମୌସୁମୀ ସହ ଲଘୁଚାପର ମିଳନ ଘଟି ଆଣିଥିବା ଲଗାଣ ବର୍ଷା ଅନେକ ବୟସ୍କଙ୍କୁ ସେମାନଙ୍କ ପିଲା ବେଳର ଅନୁଭୂତିକୁ ସତେଜ କରିଦେଇଛି । ବର୍ଷା ସହ ସତେ କି ପୁଣି ଫେରିଆସେ ହଜିଲା ଦିନ । ଓଦା ମାଟିର ସୁଗନ୍ଧ ମନକୁ ପ୍ରଫୁଲ୍ଲିତ କରେ । ଛାତ ଉପରେ ଟୁପଟାପ ବର୍ଷାର ନୃତ୍ୟ ପୁରା ଦେହକୁ ଚହଲେଇ ଦିଏ । ବର୍ଷା ପରେ ଚାରିଆଡେ ସବୁଜିମା ଏବଂ ନଦୀ ନାଳ ପୋଖରୀର ପୂର୍ଣ୍ଣରୂପ ଆଖିରେ ଭରି ଦିଏ ଅପୂର୍ବ ତୃପ୍ତି । ଏ ଲଗାଣ ବର୍ଷାରେ ବିଦ୍ୟାଳୟ, ଦପ୍ତର ଆଦି ଯଦି ଛୁଟି ହୋଇଯାଏ ତେବେ ପିଲାମାନଙ୍କର ଆନନ୍ଦ ନିହାତି ଦ୍ୱିଗୁଣିତ ହୁଏ । କାରଣ ବର୍ଷାରେ ଘରେ ରହିବାର ମଜା ସର୍ବଦା ନିଆରା ।

ଗୋଟିଏ ହାତରେ ବହି ଏବଂ ଅନ୍ୟ ହାତରେ ଗରମ ଚା ସହ ପକୋଡ଼ି କିମ୍ବା ମୁଢିମିକ୍ସଚର । ଏ ବର୍ଷା ମାଟିରୁ ସୁନା ଫଳାଏ । ଆମ ଦେଶର ପ୍ରାୟ ସତୁରୀ ପ୍ରତିଶତ ଲୋକଙ୍କ ଜୀବନଧାରଣର ମୁଖ୍ୟମାଧ୍ୟମ ସାଜେ ବର୍ଷା । ଏଥିପାଇଁ ତ ବର୍ଷା ସାଧାରଣ ପାଣି ନୁହେଁ ସେ ତ ଗରିବ ଥାଳିର ଭାତ ହୋଇ ଆସେ ।

ଗାଁର ହାଟ ହେଉଛି ତାର ସାମାଜିକ ଚଳଣିର ଜୀବନ୍ତ ପ୍ରତିରୂପ । ବର୍ଷା ଆସିଲେ ଏ ହାଟର ରୂପ ବଦଳିଯାଏ । ଏଠି ଛତୁ ଓ କରଡ଼ି, ଭଳି ଦେଶୀ ଓ ପାରମ୍ପରିକ ପରିବାର ପସରା ବସେ । ସନ୍ଧ୍ୟା ଆଗମନରେ ହୁଲୁହୁଲିଆ ପୋକଙ୍କ ଚିକଚିକ ରୂପ, ବେଙ୍ଗଙ୍କ କେଁକଟର ରଡି, ଝିଙ୍କାରୀର ଝିଁଝିଁ ଶବ୍ଦ ସହ ଟୁପଟାପ ବର୍ଷା ସଂଗୀତ ଗାଁ ପରିବେଶକୁ ମତୁଆଲା କରେ । ଆଷାଢର ପହିଲି ବର୍ଷା ଏକ ନୂତନ ଆଶା ସଂଚରିତ କରିଦିଏ । ଶୁଖିଲା ନଦୀଶଯ୍ୟା, ଧୂସର ଚାଷଜମି ଏବଂ ତୃଷାର୍ତ୍ତ ପାହାଡ଼କୁ ଏ ବର୍ଷା ନୂଆ ଜନ୍ମ ଦିଏ । ବର୍ଷା ଆମ ଠାରୁ ବର୍ତ୍ତମାନକୁ ଚୋରି କରି ଅତୀତକୁ ଫେରାଇଦିଏ । ହୁଏତ ବର୍ଷାର କୌଣସି ଭାଷା ନାହିଁ । ତଥାପି ବର୍ଷା ଅନେକ କଥା କହେ । ଉଦାସ ଚାଷୀର ପିଠି ଥାପୁଡାଇ ଦିଏ, ବିରହ ପ୍ରେମିକାର ମନରେ ଆଶାର ଶକ୍ତି ଦିଏ । ବର୍ଷାର ରଙ୍ଗ ନାହିଁ, କିନ୍ତୁ ସେ ସାରା ଦୁନିଆକୁ ରଙ୍ଗୀନ କରିଦିଏ । ଶୁଖିଲା ଗଛକୁ ସବୁଜ କରେ । ଶ୍ରୀହୀନ ଆକାଶକୁ ଇନ୍ଦ୍ରଧନୁର ସାତରଙ୍ଗରେ ସଜେଇ ଦିଏ । ଖାଁ ଖାଁ ପଡିଆ ଭିତରେ ଲାଲ ଟହଟହ ସାଧବ ବୋହୂର ଲାଲ ହିରା ଖଚିତ କରେ । ଶୁଖି ଯାଇଥିବା ସ୍ୱପ୍ନ ସବୁ ପହିଲି ବର୍ଷାରେ ହିଁ ତ ପୁଣି ଗଜା ଧରିବା ଆରମ୍ଭ କରେ । ଆଉ ମାସ ମାସ ଧରି ପେଟ ପାଟଣାର ଦ୍ୱାହିରେ ଭିଟାମାଟି ଛାଡି ବିଦେଶରେ ଖଟୁଥିବା ମାଟିର ମଣିଷମାନେ କେବେ କେବେ ବର୍ଷାର ଆଗମନରେ ହିଁ ଘରକୁ ଫେରନ୍ତି । ପରିବାର, ଗାଁ ଦାଣ୍ଡ ଏବେ ପୁରିଲା ପୁରିଲା ଲାଗେ । କବିଙ୍କ ପାଇଁ ତ ବର୍ଷା ଜଳ ଟୋପା ନୁହଁ ଶବ୍ଦର ପସରା । ବର୍ଷାର ଗୋଟିଏ ଗୋଟିଏ ବୁନ୍ଦା ଏମିତି ଶହ ଶହ ଅର୍ଥ ବଖାଣେ ।

କହିବାକୁ ଗଲେ ବର୍ଷା କେବଳ ଜଳ ନୁହେଁ । ଏହା ଜୀବନ, ଏହା ପ୍ରକୃତିର ସଂଗୀତ, ଏହା ଜୀବଜଗତର ସବୁଜତା । ମନକୁ ପ୍ରାଣକୁ ପୁଲକିତ କରୁଥୁବା ଏକ ଅପୂର୍ବ ଶିହରଣ ହିଁ ତ ବର୍ଷା ।

**ସିନାପାଲି, ନୂଆପଡା**
**ମୋ- ୯୭୭୭୭୫୩୯୩୫**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଛାଡ଼ିଲା...

ଅପରାହ୍ନ ୩ଟା ସୁଦ୍ଧା ମହାନଦୀର ନରାଜଠାରେ ବିପଦ ସଙ୍କେତ ୨୬.୪୧ ମିଟର ଥିବାବେଳେ ୨୬.୩୬ ମିଟର ଜଳ ପ୍ରବାହିତ ହେଉଛି । ସେହିପରି ବ୍ରାହ୍ମଣୀ ନଦୀର ପାନପୋଷ ଓ ଜେନାପୁରଠାରେ ବିପଦ ସଙ୍କେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଛି । ତେବେ ବୈତରଣୀ ନଦୀର ଆକ୍ସାପଦାଠାରେ ବିପଦ ସଙ୍କେତ ୧୮.୩୩ମିଟର ଥିବାବେଳେ ୧୮.୦୮ ମିଟର ଜଳ ପ୍ରବାହିତ ହେଉଥିବାବେଳେ ଆନନ୍ଦପୁରରେ ବିପଦ ସଙ୍କେତ ତଳେ ଜଳ ପ୍ରବାହିତ ହେଉଛି । ବୁଢ଼ାବଳଙ୍ଗ ନଦୀରେ ଏନ୍‌ଏଚ୍-୫ରେ ବିପଦ ସଙ୍କେତ ତଳେ ଜଳ ପ୍ରବାହିତ ହେଉଥିବା ବେଳେ ଜଳକା ନଦୀର ମଥାନିଠାରେ ବନ୍ୟା ଜଳ ହ୍ରାସ ପାଉଛି ।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ୧୦ଟି ବ୍ଲକ୍‌ର ୧୪୧ ପଞ୍ଚାୟତ ଏବଂ ୪୪୯ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ଏଥିସହ ୫ଟି ପୌରାଞ୍ଚଳକୁ ମଧ୍ୟ ବନ୍ୟା କବଳିତ କରିଛି । ମୟୂରଭଞ୍ଜ ଜିଲ୍ଲାର ୨୩ ବ୍ଲକ୍, ୫୪ ପଞ୍ଚାୟତ, ୭୪ ଗାଁ ଓ ଗୋଟିଏ ପୌରାଞ୍ଚଳ, ଭଦ୍ରକର ୫ ବ୍ଲକ୍, ୬୨ ପଞ୍ଚାୟତ, ୪୦୦ ଗାଁ ଓ ୩ଟି ପୌରାଞ୍ଚଳ, ଯାଜପୁର ଜିଲ୍ଲାର ୮ ବ୍ଲକ୍, ୯୭ ପଞ୍ଚାୟତ, ୨୭୫ ଗାଁ ଏବଂ ଗୋଟିଏ ପୌରାଞ୍ଚଳ, କେନ୍ଦୁଝର ଜିଲ୍ଲାର ୭ ବ୍ଲକ୍, ୨୭ ପଞ୍ଚାୟତ ଓ ୪୧ ଗାଁ ଏବଂ ଗୋଟିଏ ପୌରାଞ୍ଚଳ, କେନ୍ଦ୍ରାପଡ଼ା ଜିଲ୍ଲାର ୨ ବ୍ଲକ୍, ୫ ପଞ୍ଚାୟତ, ୧୨ ଗାଁ ଏବଂ ଗୋଟିଏ ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ।

ସେହିପରି ବଲାଙ୍ଗୀର ଜିଲ୍ଲାର ୨ଟି ବ୍ଲକ୍, ୩ଟି ପଞ୍ଚାୟତ, ୩ଟି ଗାଁ, ବରଗଡ଼ ଜିଲ୍ଲାର ୧୦ଟି ବ୍ଲକ୍, ୨୯ଟି ପଞ୍ଚାୟତ, ୪୪ଟି ଗାଁ, ନୂଆପଡ଼ା ଜିଲ୍ଲାର ୪ଟି ବ୍ଲକ୍, ୯ଟି ପଞ୍ଚାୟତ, ୧୩ଟି ଗାଁ ଓ ଗୋଟିଏ ପୌରାଞ୍ଚଳ, ଢେଙ୍କାନାଳ ଜିଲ୍ଲାର ଗୋଟିଏ ବ୍ଲକ୍, ଗୋଟିଏ ପଞ୍ଚାୟତ, ଗୋଟିଏ ଗାଁ, ଅନୁଗୋଳ ଜିଲ୍ଲାର ଗୋଟିଏ ବ୍ଲକ୍, ୨ଟି ପଞ୍ଚାୟତ, ୨ଟି ଗାଁ, ବୌଦ୍ଧ ଜିଲ୍ଲାର ୨ଟି ବ୍ଲକ୍, ୨ଟି ପଞ୍ଚାୟତ, ୨ଟି ଗାଁ, ଜଗତସିଂହପୁର ଜିଲ୍ଲାର ୫ଟି ବ୍ଲକ୍, ୧୩ଟି ପଞ୍ଚାୟତ, ୧୪ଟି ଗାଁ, କଳାହାଣ୍ଡି ଜିଲ୍ଲାର ୪ଟି ବ୍ଲକ, ୨୨ଟି ପଞ୍ଚାୟତ, ୯୦ଟି ଗାଁ, କନ୍ଧମାଳ ଜିଲ୍ଲାର ଗୋଟିଏ ବ୍ଲକ୍, ୪ଟି ପଞ୍ଚାୟତ, ୪ଟି ଗାଁ, ସୁବର୍ଣ୍ଣପୁର ଜିଲ୍ଲାର ୪ଟି ବ୍ଲକ୍, ୭ଟି ପଞ୍ଚାୟତ, ୨୧ଟି ଗାଁ ଓ ଗୋଟିଏ ପୌରାଞ୍ଚଳ, ରାୟଗଡ଼ା ଜିଲ୍ଲାର ଗୋଟିଏ ବ୍ଲକ୍, ଗୋଟିଏ ପଞ୍ଚାୟତ, ଗୋଟିଏ ଗାଁ, କୋରାପୁଟ ଜିଲ୍ଲାର ୭ଟି ବ୍ଲକ୍, ୧୩ଟି ପଞ୍ଚାୟତ, ୧୩ଟି ଗାଁ ଏବଂ ମାଲକାନଗିରି ଜିଲ୍ଲାର ଗୋଟିଏ ବ୍ଲକ୍, ଗୋଟିଏ ପଞ୍ଚାୟତ ଓ ଗୋଟିଏ ଗାଁ ବନ୍ୟା ଯୋଗୁ ପ୍ରଭାବିତ ହୋଇଛି । ମୋଟ ୭ଲକ୍ଷ ୫ହଜାର ୨୩୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ୨୪ଟି ଓଡ୍ରାଫ୍ ଟିମ୍, ୬ଟି ଏନ୍‌ଡିଆରଏଫ୍ ଟିମ୍ ଓ ୪୬ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ଅଛନ୍ତି । ବନ୍ୟା ନିୟନ୍ତ୍ରଣ ପାଇଁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ୩ଟି ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବନ୍ୟା ପ୍ରପୀଡ଼ିତଙ୍କୁ ସୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଛି ।

## କ୍ଷେତ-ପଥ...

ରାଧାବଲ୍ଲଭପୁରର ଜଣେ କୁକୁଡ଼ା ଓ ରାମେଶ୍ୱରପୁରର ଜଣେ ଛେଳି ଚାଷୀଙ୍କ ବ୍ୟାପକ କ୍ଷତି ଘଟିଛି । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ,ଡିଆଇଜି ପିନାକ ମିଶ୍ର,ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ଏସପି ମନୋଜ ରାଉତଙ୍କ ସମେତ ଜଳସେଚନ,ପଶୁସମ୍ପଦ,ପାନୀୟଜଳ ଯୋଗାଣ,ପଂଚାୟତିରାଜ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ବନ୍ୟା ବିପନ୍ନଙ୍କ ଉଦ୍ଧାର,ଥଇଥାନ ଓ ଖାଦ୍ୟ,ଔଷଧ ଯୋଗାଣ ଆଦି କାର୍ଯ୍ୟ ଚାଲୁ ରଖିଥିବାବେଳେ ଏପର୍ଯ୍ୟନ୍ତ ବହୁ ଦୁର୍ଗମ ଅଞ୍ଚଳକୁ ସାହାର୍ଯ୍ୟ ପହଁଚି ନଥିବା ଜଣାପଡ଼ିଛି । ଦୋବଲ ପ୍ରତିନଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାଇ,ଦୋବଲ ଜୋନର ୮ଟି ପଞ୍ଚାୟତ ଦୋବଲ ଆନନ୍ଦପୁର,ଖଡ଼ିପଦା,ଶୋହଡା,ପଧାନି,କରଦା,ଦଳାଙ୍ଗ ଓ ମୁସ୍ତାଫାପୁର ଅଞ୍ଚଳକୁ ବନ୍ୟା ଜଳ ପ୍ରବେଶ କରି ସମସ୍ତ ଗ୍ରାମକୁ ଜଳବନ୍ଦୀ କରିବା ସହ ଅଧିକାଂଶ ଲୋକଙ୍କ ଘରେ ବନ୍ୟା ଜଳ ପ୍ରବେଶ କରି ନାହିଁ ନଥିବା ସମସ୍ୟା ସୃଷ୍ଟି କରିଛି ସେହିପରି ଦୋବଲ ସେଣ୍ଡପୁର,ଧାମନଗର ଫଳପୁର,ଖଡ଼ିପଦା ଆନନ୍ଦପୁର,ବେଦପୁର ପଧାନି ଆଦି ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହୋଇନାହିଁ ନଥିବା ସମସ୍ୟା ସୃଷ୍ଟି କରିଛି । ବିଜେଡି ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ,ଜିଲ୍ଲାପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ,ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ,ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ,ମୁକୁନ୍ଦଦେବ ମଣ୍ଡଳ,ସଭାପତି ପ୍ରମୋଦ ସୁତାର ବନ୍ୟୋଞ୍ଚD଼ଛ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝୁଛନ୍ତି । ପ୍ରସାଶନ ପକ୍ଷରୁ ଷେ଼,ପୁର ଠାରେ ଓଡ୍ରାଫ୍‌ଟିମ୍ ଓ ଦମକଳ ବାହିନୀକୁ ମୂତୟନ କରାଯାଇଛି । ପ୍ରତି ପଂଚାୟତରେ ଜଣେ ଜଣେ ଅଫିସରଙ୍କୁ ମୂତୟନ କରାଯାଇଛି । ସର୍ବୋପରି ଜିଲ୍ଲା ଓ ବ୍ଲକ ପ୍ରସାଶନ ସଜାଗ ରହି ବନ୍ୟା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି କହୁଥିବାବେଳେ ବାସ୍ତବରେ ତାହା ଦେଖିବାକୁ ମିଳିନାହିଁ । ଏପରିକି ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ଦଳାଙ୍ଗ ପଂଚାୟତ ମଳିକସାହିରେ ଶତାଧିକ ଗୋରୁ ଗାଈ ବନ୍ଧ ଉପରେ ଆଶ୍ରୟ ନେଉଛନ୍ତି ସର୍ବୋପରି ଏବେ ବି ଧାମନଗର ବ୍ଲକରେ ବନ୍ୟା ପରିସ୍ଥିତି ଅସମ୍ଭାଳ ହୋଇ ପଡିଛି । ଆଜି ଅପରାହ୍ଣରେ ଭଦ୍ରକ ଏସପି ମନୋଜ ରାଉତ,ତହସିଲଦାର ଜ୍ଞାନ ରଞ୍ଜନ ସାହୁ ଓ ଥାନା ଅଧିକାରୀ ସବ୍ରଜିତ ଦାସ ପ୍ରମୁଖ ଦୋବଲ ଜୋନ ବନ୍ୟାଂଚଳର ବିଭିନ୍ନ ସ୍ଥାନ ବୁଲି ପରିଦର୍ଶନ କରିଛନ୍ତି । ତିହିଡି ପ୍ରତିନିଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାଇ,ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ୭ ପଂଚାୟତରେ ବନ୍ୟା ସ୍ଥିତି ଧୀରେ ଧୀରେ ଗମ୍ଭୀର ହେବାରେ ଲାଗିଛି । ସାଳନ୍ଦୀ ଓ ବୈତରଣୀ ତଥା ଏହାର ଶାଖା ନଦୀରେ ବଡ଼ ଧରଣର ବନ୍ୟା ଜଳ ଆସିବା ଫଳରେ ବାରୋ, ବିଲଣା,ବୋଡ଼କ,କୁବେରା,ତଳଗୋପବିନ୍ଧା,କାଁପଡ଼ା,ଶ୍ୟାମସୁନ୍ଦରପୁର,ବାରସର ଓ ଗୋବିନ୍ଦପୁର ଆଦି ପଂଚାୟତର ଗାଁ ଗଣ୍ଡା,ରାସ୍ତାଘାଟ ପାଣିଘେରରେ ରହିବା ସହିତ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ବନ୍ୟାଂଚଳ ପରିଦର୍ଶନ କରିବା ସହିତ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି । ୭ରୁ ଅଧିକ ପଂଚାୟତର ହଜାର ହଜାର ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ କଣ୍ଟ୍ରୋଲ ରୁମ ଖୋଲାଯାଇ ବନ୍ୟା ସ୍ଥିତି ଉପରେ ସଜାଗ ଦୃଷ୍ଟି ରଖା ଯାଇଛି । ଚାଷ ଜମି ଜଳମଗ୍ନ ହୋଇ ରହିଥିବାରୁ ସେହିସବୁ ପଂଚାୟତରେ ଧାନ ଫସଲ ଉଜୁଡ଼ି ଯିବା ନିଶ୍ଚିତ ହୋଇଛି । ତହସିଲଦାର ସୁବାଶିଷ ସାହୁ,ବିଡିଓ ନିରଞ୍ଜନ ବାରିକ ବନ୍ୟାଂଚଳ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଆଇଏଏସ୍ ଅଧିକାରୀ ସୋମେଶ ଉପାଧ୍ୟାୟ ମଧ୍ୟ ଗତକାଲି ତିହିଡି ଗସ୍ତ କରି ସାମ୍ପ୍ରତିକ ବନ୍ୟାଞ୍ଚଳ ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଭଣ୍ଡାରିପୋଖରି ପ୍ରତିନିଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାଇ,ଚଳିତ ବନ୍ୟାରେ ୩୫ରୁ ଅଧିକ ଗ୍ରାମ ଓ ନଦୀ ଏକାକାର ହୋଇଥିଲା । ଚଳିତ ବନ୍ୟା ଯୋଗୁଁ ବ୍ଲକର ଷୋଳମପୁର,ମାଳଦା,ରହଣିଆ,ନପଙ୍ଗ,କୁରିଗାଁ,ବନ୍ଧାଳୋ-ମଢିଆଳି,ଝୁଟୁଣା ଆଦି ପଞ୍ଚାୟତ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇ ଚାଷବାସ ବିପର୍ଯ୍ୟସ୍ତ ହୋଇଛି । କଣ୍ଟିଘାଇ ବନ୍ୟାଜଳ ବ୍ୟାପକ ମାତ୍ରାରେ ପ୍ରବେଶ ଯୋଗୁଁ ୩୦ରୁ ଅଧିକ ଗ୍ରାମଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଲାଗି ରହିଛି । ବନ୍ଧାଳୋ-ବରୁଣ୍ଡେଇ ବିଜୁ ସେତୁର ସଂଯୋଗୀକରଣ ରାସ୍ତା ବନ୍ୟା ଯୋଗୁଁ ଧୋଇଯାଇଛି । ବେଆଇନ ବାଲି ଉଠାଣ ଯୋଗୁଁ ଗେଙ୍ଗୁଟି ନଦୀରେ ଷୋଳମପୁର ପଞ୍ଚାୟତର କୂଳସାହି-ମୁଢାପଦା ସେତୁର ଗୋଟିଏ ଭାଗ ଏକଫୁଟ ଦବିଯାଇ ଯାତାୟତ ଅନୁପଯୋଗୀ ହୋଇଛି । ସେହିପରି ତିଖିଲିଆ ଗେଙ୍ଗୁଟି ସେତୁର ଦାଣ୍ଡକୂଳ ପାର୍ଶ୍ୱରେ ସଂଯୋଗୀକରଣ ଧୋଇଯାଇଛି । ବାଲି ଉଠାଣ ଯୋଗୁଁ ଏହି ୨ସେତୁ ଭଗ୍ନ ଅବସ୍ଥାକୁ ଆସିଯାଇଛି ।

## ଆକାଶମାର୍ଗରୁ...

ଆହୁରି ଜୋରଦାର କରାଯାଇଛି । ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟରତ ଥିବାବେଳେ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନିରନ୍ତର ନଜର ରଖିବା ଓ ଆବଶ୍ୟକ ସ୍ଥଳରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅତିରିକ୍ତ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି । ବରିଷ୍ଠ କ୍ଷେତ୍ର ଯନ୍ତ୍ରୀମାନେ ନଦୀ, ବନ୍ଧ ଏବଂ ଅନ୍ୟାନ୍ୟ ବନ୍ୟା ସୁରକ୍ଷା ଭିତ୍ତିଭୂମି ଉପରେ ନିରନ୍ତର ନଜର ରଖିଛନ୍ତି ।

ଏହି ପରିପ୍ରେକ୍ଷୀରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ବେସିନ୍ ସିଷ୍ଟମ୍‌ର ମୁଖ୍ୟ ଯନ୍ତ୍ରୀ ଆଳି ବ୍ଲକ ଅଧୀନ ଗୋବିନ୍ଦପୁର ମହାଦେବ ମନ୍ଦିର ନିକଟସ୍ଥ ଖରସୁଆଁ ନଦୀର ଓଏଇ-୯ବି ପାଣି ଉଛୁଳିଥିବା ସ୍ଥାନର ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ । ସେହି ପାଣି ଉଛୁଳିଥିବା ସ୍ଥାନରେ ବାଲିବସ୍ତା ବ୍ୟବହାର କରି ପାଣି ପ୍ରବାହକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇଥିବା ବେଳେ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକସ୍ଥଳେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଯନ୍ତ୍ରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ୩ ମାସ...

ଆରୋପ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଉଭୟ ରାଜ୍ୟ ମଧ୍ୟରେ ସହଯୋଗ, ସମନ୍ୱୟ ଓ ଗଠନମୂଳକ ଆଲୋଚନା ଜରିଆରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ କରିବା ପାଇଁ ଏହି ବୈଠକରେ ଉଭୟ ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। କେନ୍ଦ୍ର ଜଳ କମିଶନ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ୩ ମାସ ମଧ୍ୟରେ ଏହାର ରିପୋର୍ଟ ମହାନଦୀ ଟ୍ରିବ୍ୟୁନାଲକୁ ପ୍ରଦାନ କରିବ। ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ସହିତ ସମସ୍ତଙ୍କ ସହଯୋଗରେ ଏହାର ସମାଧାନ ଖୁବ୍ ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ପ୍ରକାଶ କରିଛନ୍ତି।

## ପ୍ରତିବାଦକାରୀଙ୍କ...

ସଂଘର୍ଷ ହୋଇଥିଲା। ପୋଲିସ ପକ୍ଷରୁ ଗିରଫଦାରୀ କରାଯାଇଥିଲା ଓ ସିସିଟିଭି ଫୁଟେଜ ଆଧାରରେ ମାମଲା ରୁଜୁ କରାଯାଇଥିଲା। ପ୍ରତିବାଦକାରୀଙ୍କ ଉପରେ ପେଲେଟଗନ ବ୍ୟବହାର ହୋଇଥିଲା। ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ଅପରାଧିକ ରେକର୍ଡ ନଥିବା ପ୍ରତିବାଦକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ଦିଲ୍ଲୀ ସରକାରଙ୍କ ପକ୍ଷରୁ ସେହି ନିର୍ଦ୍ଦେଶ ଅନୁଯାୟୀ ଆଜି ନିର୍ଦ୍ଦେଶ ପ୍ରକାଶ ପାଇଛି।

## ମହାନଦୀରେ...

ମଧ୍ୟ ଜଳସ୍ତର ବଢ଼ିବ । ବନ୍ୟାରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାବିତ ହେବ । କଟକ ଜିଲ୍ଲାର ବାଙ୍କୀ ଓ ଆଠଗଡ଼ ଅଞ୍ଚଳ ମଧ୍ୟ ମହାନଦୀ ପାଇଁ ପ୍ରଭାବିତ ହୋଇଛି ।

ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ କୋପ ଆହୁରି ବଢୁଛି । ଜଳମଗ୍ନ ସାରା ସୁବର୍ଣ୍ଣପୁର । ବୀରମହାରାଜପୁର-ସୋନପୁର ରାସ୍ତା ଧର୍ମଶାଳା ନିକଟରେ କୁଲୁଥି ଜୋର ଉପରେ ୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ତଳିଆ ଅଞ୍ଚଳରେ ନଦୀ-ରାସ୍ତାଘାଟ ଏକାକାର । ମୁଖ୍ୟ ରାସ୍ତାରେ ବନ୍ୟା ପାଣି ଛୁଟୁଥିବାରୁ ବିଚ୍ଛିନ୍ନ ହୋଇଯାଇଛି ଯୋଗାଯୋଗ । ତେଲ୍ ନଦୀ ସହ ଅନ୍ୟ ଛୋଟ ନଦୀରେ ବି କୂଳଖାଇ ପ୍ରବାହିତ ହେଉଛି ପାଣି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ବନ୍ୟା ବିଭୀଷିକାର ସ୍ଥିତି ଦେଖିବାକୁ ମିଳିଛି । ମନ୍ଦିର ବୁଡିଛି, ଘରଦ୍ୱାର ବିଚ୍ଛିନ୍ନ । ମୁଖ୍ୟ ରାସ୍ତାରେ ଠପ୍ ହୋଇଯାଇଛି ଯାତାୟତ । ବ୍ଲକର ଘଣ୍ଟାପଡ଼ା ନିକଟ ଅଡାଗୁଡ଼ି ନାଳରେ ସେତୁ ଉପରେ ୩ ଫୁଟ୍ ଉଚ୍ଚର ପାଣି ଚାଲିଛି । ଜିଲ୍ଲାର ହରଭଙ୍ଗା ବ୍ଲକର ୧୦ରୁ ଅଧିକ ପଞ୍ଚାୟତ ପାଣି ଘେରରେ । ବିନିକାରେ ଲଗାଣ ବର୍ଷାରେ ଭାଙ୍ଗିଯାଇଛି ଘର । ଭୁଶୁଡିଯାଇଛି ମାଟି କାନ୍ଥ । ଘର ଭିତରେ ଲହଡି ମାରୁଛି ଆଣ୍ଠୁଏ ପାଣି ।

ବାଙ୍କୀରେ ପଶିଛି ମହାନଦୀର ବନ୍ୟା ଜଳ । ବ୍ଲକର ସୁବର୍ଣ୍ଣପୁର ପଞ୍ଚାୟତର ଘୋଡାବର୍ ଠାରେ ଥିବା ହୁଲୁହୁଲା ପୋଲ ଉପରେ ୪ ଫୁଟର ପାଣି । ଫଳରେ ବାଙ୍କୀ ବ୍ଲକ୍ ସହ ୬ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ତିଗିରିଆ ବ୍ଲକର ଅନେକ ପଞ୍ଚାୟତ ସହ ବିଚ୍ଛିନ୍ନ ହୋଇଛି ଯୋଗାଯୋଗ । ସେପଟେ ରଣ ନଦୀରେ ପାଣି ବଢିବାରୁ ବିଲିପଡ଼ା ଗାଁ ଭିତରକୁ ମାଡ଼ି ଯାଇଛ । ବନ୍ୟାଜଳ ଘେରରେ ରହିଛି ଦେବୀ ଦ୍ୱାର ।

ଗତକାଲି ରାତିରୁ ହିଁ ନଦୀ ଫୁଲି ଉଠିଥିବା ବେଳେ କୂଳରେ ଥିବା ତଳିଆ ଅଞ୍ଚଳରେ ପାଣି ପଶିବା ଆରମ୍ଭ ହୋଇଛି । ବନ୍ୟା ଜଳରେ ବୁଡ଼ିଛି ମାଆ ବଡ଼ବନ୍ଧିଆଣିଙ୍କ ମନ୍ଦିର । ତିଗିରିଆ ସୋମାପଡ଼ାରୁ ନଦୀକୂଳ ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଏବେ ୫ ଫୁଟ୍‌ର ପାଣି ସେପଟେ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମାଆ ଭଟ୍ଟାରିକାଙ୍କ ଗର୍ଭଗୃହକୁ ବି ପଶିଛି ବନ୍ୟା ଜଳ । ମନ୍ଦିର ଭିତରେ ୫ ଫୁଟର ପାଣି ଚାଲିଛି । ଫଳରେ ରନିଗିରି ପାହାଡ଼ ଉପର ରୋଷଘରକୁ ମା'ଭଟ୍ଟାରିକାଙ୍କୁ ସ୍ଥାନାନ୍ତର କରାଯାଇଛି । ମହାନଦୀ ଜଳସ୍ତର ବଢୁଥିବାରୁ ସିଂହନାଥ ଓ ଭଟ୍ଟାରିକା ପୀଠରେ ୧୬୩ ଧାରା ଲାଗୁ ହୋଇଛି । ଧବଳେଶ୍ୱର ଯିବା ପାଇଁ ୨୪ ଘଣ୍ଟା ବାରଣ କରାଯାଇଛି ।

# ପାଣି ନିଷ୍କାସନ ବେଳେ ଜେସିବି ଉପରେ ଚଢିଲେ ମହିଳା

ସୋର, (ସବ୍ୟୁ) : ଚଳିତ ଲଗାଣ ବର୍ଷା ଫଳରେ ସୋରରେ ବନ୍ୟା ପରିସ୍ଥିତି ଉପୁଜିଛି । କିନ୍ତୁ ପୌରପାଳିକା ଅନ୍ତର୍ଗତ କଲେଜ ଛକରେ ବିନା ଅନୁମତିରେ ପୋଲ ନିର୍ମାଣ ଦ୍ୱାରା ପାଣି ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି । ଏପରି ସ୍ଥଳେ ପ୍ରଶାସନ ତରଫରୁ ବେଆଇନ ପୋଲକୁ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ କରାଯାଉଛି । ମାତ୍ର କେତେକ ମୁଷ୍ଟିମେୟ ଲୋକଙ୍କ ମନମାନି ପାଇଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି । ଆଜି ସୋର କଲେଜ ଛକ ସ୍ଥିତ ଗଳା ପୋଲ ନିକଟରେ ବର୍ଷା ଜଳ ନିଷ୍କାସନରେ ବାଧା ଉପୁଜିବାରୁ ତହସିଲ ପକ୍ଷରୁ ସେଠାରେ ବେଆଇନ ଓ ଅବୈଧ ପୋଲକୁ ଉଚ୍ଛେଦ କରାଯାଇଛି । ଏହି ସମୟରେ କଲେଜ ଛକରେ ଥିବା ଏକ ବହୁତଳ ଅଟ୍ଟାଳିକାରେ କାର୍ଯ୍ୟରତ କିଛି ମହିଳା ଉଚ୍ଛେଦକୁ ବିରୋଧ କରି ଜେସିବି ଉପରକୁ ଚଢି ଯାଇଥିଲେ । ଫଳରେ ଉଚ୍ଛେଦ କାର୍ଯ୍ୟରେ ବାଧା ଉପୁଜିବାରୁ ଜଳ ନିଷ୍କାସନ ହୋଇ ପାରି ନ ଥିଲା । ପରେ ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର ସୋର ପୋଲିସ ସହାୟତାରେ ସେମାନଙ୍କୁ ହଟାଇବା ପରେ ଜେସିବି ସହାୟତା ରେ ଅବରୋଧ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ କରାଯାଇଥିଲା ।

ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ଆସନ୍ତାକାଲି(ଶୁକ୍ରବାର) ଅର୍ଥାତ ୩୧ ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି । ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ । ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ବିଦ୍ୟାଳୟ କୋଠା ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ ଗୁଡ଼ିକ ୨୪ ଘଣ୍ଟା ଖୋଲା ରଖିବା ପାଇଁ ରୋଷ୍ଟର ଡ୍ୟୁଟି ପ୍ରଚଳନ ପାଇଁ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ତୁରନ୍ତ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛ । ଏଥିସହ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ।

## ମେଡିକାଲ...

ସର୍ଜରୀ ପ୍ରଶ୍ନପତ୍ର ସହ ସମ୍ପର୍କିତ ଘଟଣା ପ୍ରକାଶ ପାଇବା ପରେ ପରୀକ୍ଷା କେନ୍ଦ୍ରଗୁଡିକରେ ସୋମବାର ଫୋନ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ସ ଡିଭାଇସ୍ ବ୍ୟବହାର ଉପରେ କଡା କଟକଣା ଲାଗୁ କରାଯାଇଛି । କିଏ ସେହି ହ୍ୱାଟ୍‌ସଆପ୍ ଗ୍ରୁପ୍ ସୃଷ୍ଟି କରିଥିଲା, କିଏ ସେଥିରେ ସାମିଲ ଥିଲେ ଏବଂ ପ୍ରଶ୍ନପତ୍ର କିପରି ସେଠାରେ ପହଞ୍ଚିଲା ସେନେଇ ଛାନ୍‌ଭିନ୍ ଆରମ୍ଭ ହୋଇଛି । ହ୍ୱାଟସ୍‌ଆପ୍ ଗ୍ରୁପ୍‌କୁ ନେଇ ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ମିଳିଛି । ହେଲେ ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଉପରେ କିଛି କୁହାଯାଇନାହିଁ । ତଦନ୍ତ ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି ।

### ବନ୍ୟା ଅଞ୍ଚଳରେ ଖାଦ୍ୟ ବଣ୍ଟନ

ଭଦ୍ରକ, (ସବ୍ୟୁ) : ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତିହିଡ଼ି ବ୍ଲକର ବାରୋ ଦହପାଣିଆ ସାଇକ୍ଲୋନ୍ ଶେଲଟରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ଆଶ୍ରୟସ୍ଥଳୀରେ ରହୁଥିବା ପ୍ରତ୍ୟେକ ପରିବାରଙ୍କୁ ନିୟମିତ ଭାବେ ଖାଦ୍ୟ ଓ ଆବଶ୍ୟକୀୟ ସହାୟତା ସାମଗ୍ରୀ ଯୋଗାଇ ଦିଆଯାଉଛି । ସେହିପରି ପ୍ରଶାସନ ପକ୍ଷରୁ ଆଶ୍ରିତମାନଙ୍କ ସ୍ୱାସ୍ଥ୍ୟ,ପାନୀୟ ଜଳ,ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପରେ ନିରନ୍ତର ନଜର ରଖାଯାଉଛି । ବନ୍ୟା ପ୍ରଭାବିତ ଅଂଚଳର ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ପହଂଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ।


### OFFICE OF THE MEDICAL OFFICER I/C, CHC JAJPUR ROAD: JAJPUR

10001/418/2627

**TENDER CALL NOTICE**

**Ref No. 400 / Dated 27.07.2026**

"Sealed tenders are invited from the reputed, eligible & registered diet preparation and catering firms/agencies/ SHGs for supply of diet to the in-patients of CHC Jajpur Road on annual contract basis for the year 2026-27. The sealed envelope along with relevant documents as prescribed in the RFP should reach before the undersigned on or before 12.08.2026, 05.00 P.M. by speed post, registered post and courier only. For detailed terms and condition regarding tender please log on to **http://jajpur.odisha.gov.in**

The Interested parties with valid documents may participate in the tender process himself or with their representatives with applicable terms and condition."

**Sd/- M.O.I/C, CHC Jajpur Road, Jajpur**

OIPR : 10001/10293/1/26-27/0001

### GOVERNMENT OF ODISHA
### OFFICE OF MUNICIPAL COUNCIL, KABISURYANAGAR, DIST-GANJAM
(H & U D Department)

13001/1344/2627

**E-procurement Notice**

Tender Reference No: EO/Mplty/KSN - 04/2025-26

BID IDENTIFICATION NO :

E-mail-ksnnac@rediffmail.com Phone : 06810-295444

Lt. No. 1578 // Dt. 29/07/2026

1. The Executive Officer, Kabisuryanagar Municipality, Dist-Ganjam invites Percentage Rate bids in Single Cover System in Online Mode for Execution of Civil Works in Kabisuryanagar Municipality area as specified in the Detailed Tender Call Notice (DTCN) from the eligible Class of Contractors, which is available at the e-procurement portal: **www.tndersodisha.gov.**

| | | |
|---|---|---|
| 2. Name/Nature of the work | : | Civil Works |
| 3. No. of work | : | 16(Sixteen) nos. |
| 4. Estimated Cost Range of Works | : | Rs 2, 36,139/- to Rs. 16, 80,09/- (excld. GST) |
| 5. Eligible Class of Contractor | : | B&C, Govt of Odisha |
| 6. Date and time of Availability in Portal & Receipt of Bids | : | From 10.00A.M. of dt.03.08.2026 to 05.30 P.M. of dt. 17.08.2026. |
| 7. Last date & time of submission | : | 05.30 P.M. of dt.18.08.2026 of original financial tender documents in Tender Box. |
| 8. Date of Opening of Tender | : | 19.08.2026 at 11.00 A.M. |

9. The Bidders have to participate in Online bidding only and further details can be seen from the Govt. Portal.
10. Any Corrigendum/Addendum wills be displayed in the website - **www.tendersodisha.gov.in** only.
11. Name & address of the Officer inviting tender : Executive Officer, Office of the Municipal Council, Kabisuryanagar, Ganjam Near Main Road, Kabisuryanagar, Dist-Ganjam Pin-761104

**Sd/- Executive Officer**
**Kablsuryanagar Municipality (G.m)**

OIPR : 13001/13208/1/26-27/0007

### OFFICE OF THE SUPERINTENDING ENGINEER, MINOR IRRIGATION DIVISION. DHENKANAL

No. 1227 / Dt. 29.07.2026

32001/625/2627

**e- Procurement Notice**

**Bid Identification No.. DM ID/04/ 2026-27**

E-mail ID : eemidkl@gmail.com

The Superintending Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work : | Construction of different Check Damsand Improvement of MIPs in different blocks of Dhenkanal District under different schemes for the year 2026-27. |
| No. of Works : | 19 (Nineteen) Only |
| Estimated Cost : | Varies from 12.72 lakhs to 94.61 lakhs (Approximatcly) |
| Cost of Tender paper : | As per Annexure to this bid notice. |
| Period of Completion : | As per Annexure to this bid notice. |
| Availability of bid documents for sale and receipt through on-line | From Dt.03.08.2026,10.00 A.M, to Dt. 12.08.2026, up to 5.00 P.M. |
| Last date / time of receipt of bids in the portal | 12.08.2026(5.00PM) |
| Date of Technical bid opening through online | On Dt.13.08.2026 at 11.00 A.M in the Office of the S.E, M.I.Division, Dhenkanal. |
| Mode of payment of Bid Cost | Online |
| Digital Signature Certificate : of Bidder | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site **http:/dowrorissa.gov.in** | |
| Name & Address of the OIT : | Superintending Engineer, Minor Irrigation Division, Dhenkanal. At / P.O / District - Dhenkanal. . Email ID:**eemidkl@gmail.com** |

Further details can be seen from the e-Procurement market place, **http://tendersorissa.gov.in**

**Sd/- Superintending Engineer**
**M.I. Division, Dhenkanal**

OIPR : 32001/32027/1/26-27/0004

### GOVT. OF ODISHA
### ST & SC DEVELOPMENT DEPARTMENT
### INTEGRATED TRIBAL DEVELOPMENT AGENCY: KARANJIA
### DIST- MAYURBHANJ E-PROCUREMENT NOTICE

26001/36/2627

**BID IDENTIFICATION NO.-03/2026-27**

e-mail -itdakja@nic.in / itdakaranjia@gmail.com

No..1527 Dtd. 29.7.2026

Bid Documents consisting of Work , Estimated Costs. Cost of Tender Papers . EMD. Time of completion , Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e. **www.tendersorissa.gov.in**

| | | | |
|---|---|---|---|
| 1 | No. of works | : | 22 (Twenty Two ) Nos |
| 2 | Estimated cost | : | Varies from 20.00 lakh to 50.00 Lakh. |
| 3 | Period of completion | : | 04 Calendar months to 06 Calendar months. |
| 4 | Date & Time of availability of the Bid documents | : | From 10 AM of 31st Day of July 2026 to 14th Day of August 2026 upto 5.30 P.M. |
| 5 | Last date & time of receipt of Bids in the portal | : | Dt. 14th Day of August 2026 upto 5.30 P.M |
| 6 | Bids received through Portal shall be opened on | : | Dt. 17th Day of August 2026- 11.00 A.M. onwards |
| 7 | Name and address of the Officer inviting Bids | : | Project Administrator, ITDA, Karanjia |

Further details can be seen / downloaded from the procurement portal i.e . **www.tendersorissa.gov.in**

**Sd/- Project Administrator**
**I.T.D.A., Karanjia**

OIPR : 26001/26056/1/26-27/0003

### Government of Odisha
### "e" procurement Notice
### OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT

34001/554/2627

**Bid Identification No. S.E (R&B) KPT- 09/ 2026-27**

| | | | |
|---|---|---|---|
| 1. | Name of the work | : | Building work |
| 2. | Total No. of works | : | 01 No. |
| 3. | Estimated cost | : | Rs. 89.81 Lakhs |
| 4. | Period of completion | : | 09 (Nine) month |
| 5. | Date & Time of availability of bid document in the portal | : | From 05.08.2026 at 11.00 hours to 17.08.2026 upto 17.00 hours |
| 6. | Last date/ Time for receipt of bids in the portal | : | 17.08.2026 upto 17.00 hours |
| 7. | Date of opening of Tender | : | 18.08.2026 at 12.00 hours |
| 8. | Name and address of the Officer Inviting Bid | : | Superintending Engineer, Koraput (R&B) Division |

Further details can be seen from the e-procurement portal **https://tendersorissa.gov.in**

**Sd/- Superintending Engineer**
**Koraput (R&B) Division**

OIPR : 34001/34096/1/26-27/0007

### AFFIDAVIT

By virtue of an affidavit sworn before Executive Magistrate Kujang, dated 19.02.2026. I Subham Moharaj, At -Sandhakud, Po-Paradeep, Ps-JM Marine, Dist-Jagatsinghpur, Pin-754142, Odisha, declare that I have changed of my name from Shubham Moharaj to Subham Moharaj. Henceforth, I shall be known as **Subham Moharaj** for all future purposes.

### ହଜିଛି

ମୁଁ ଦିବାକର ନାୟକ, ପିତା- ଦୁର୍ଯ୍ୟଧନ ନାୟକ, ଗ୍ରାମ-ପଥରଖଣ୍ଡ, ପୋ- ସିଙ୍ଘାପଡା, ଥାନା-ଖଣ୍ଡପଡା, ଜିଲ୍ଲା- ନୟାଗଡ଼ ଗତ ତା. ୨୨.୦୭.୨୦୨୬ ରିଖରେ ମୁଁ ଖଣ୍ଡପଡାରୁ ମୋର ଗ୍ରାମକୁ ଯିବା ସମୟରେ ମୋର ଲିଙ୍କ ଦଲିଲ୍ ନମ୍ବର- ୧୧୩୯୧୩୦୧୬୦୬ କେଉଁଆଡେ ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହାକୁ ଭେରିଟାସ ଫାଇନାନ୍ସ ଲିମିଟେଡ ନୟାଗଡ ଶାଖାରେ ହସ୍ତାନ୍ତର କରିବାକୁ ଅନୁରୋଧ । ମୁଁ ଏହି ଦଲିଲ କୌଣସି ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖି ନାହିଁ । ଯୋଗାଯୋଗ ନମ୍ବର: ୯୩୩୭୫୨୪୧୪୪ ।

### LOST

I, **Tophan Chandra Routray** aged about 56 years, S/o: Late Padarbinda Routray resident of At: House No.: 278, Sikharpur, PO: College Square, PS: Chauliaganja, Dist.: Cuttack do hereby state that on **dtd.28.07.2026** at about 5 O' Clock to 6 O' Clock evening while I was coming from Station Bazar to my residence at Sikharpur some where near my residence the Original Regd. **Sale Deed No.: 2527, dtd.12.07.2000** executed in favour of Basanta Kumar Patra and Original R.O.R bearing Khata No.: 741/57 issued in favour of Basanta Kumar Patra pertaining to Plot No.: 653/2350 under Mouza: Cuttack Sahara Unit No.: 27, Ganadarpur has been lost from my custody. This is the Link document of the property which I purchased the entire land. After purchasing the entire property he has handed over me the entire land documents in original as mentioned above to me. Till the date of lost the same was in my custody. I am intended to mortgage it in SBI Home Loan Center, Mahanadi Vihar, Cuttack for Home Loan. If anyone finds the said document, they are requested to contact **Mob.: 9437020329**

### OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION

Email ID: - dfo.redhakhol@odisha.gov.in

Notice No. 24 of 2026-27, Date. 29.07.2026

8001/244/2627

**Application Invited for Engagement as Computer/ Data Science Expert**

Redhakhol Forest Division invites applications only from qualified candidates for the post of Computer/ Data Science Expert on a purely outsourcing basis (behalf of the Service Provider) to assist in planning, data management, and execution of digital operations including website and portal management, mobile application (OFMS) data management, and capacity building of staff on digitalisation andAI/LLM tools i**n continuation to this office Notice No-19 dated 30.06.2026**.

The interview date shall be intimated to the candidate after completion of preliminary scrutiny of the application and shall be notified through mail. Application shall be submitted only through the online mode. The application along with terms and conditions shall be available in **www.sambabur.odisha.gov.in/ www.odishaforest.in/ www.redhakholforest.com** .

| Name of the Post | Computer/ Data Science Expert |
|---|---|
| Educational Qualification | B.E./B.Tech in Computer Science & Engineering, Information Technology (IT), Data Science or related disciplines from a recognized University or Postgraduate in Computer Science & Engineering or related fields from a recognized University. |
| Desirable Technical Skills | Knowledge on Application Developing, Server Management etc. Programming and Scripting - Python, SQL, Java script etc. AI/ML, LLM, and Data tools, etc. |
| Emoluments | Rs. 36,000(Thirty-six thousand rupees only) per month |
| Age | Upper age limit 35 years as on 01.01.2026, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 12th August 2026 and 05.00 PM |

The candidate should submit online form by visiting the website **www.redhakholforest.com** or through scanning the QR code/ link (**https://forms.gle/9MV3AiDgHf4bWAZi8**). For any query, candidates can mail to **helpdesk@redhakholforest.com.**

Applicants who have already submitted their applications pursuant to Notice No. 19 dated 30.06.2026 need not apply afresh. Their applications/candidature shall be considered along with the applications received pursuant to this Corrigendum, subject to fulfilment of the revised eligibility criteria.

OIPR : 8001/8146/1/26-27/0034


**Sd/- Divisional Forest Officer,**
**Redhakhol Forest Division**



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## କଳିଙ୍ଗ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଫାଉଣ୍ଡେସନ୍‌ର ୧୬ତମ ବିଶ୍ୱ ହେପାଟାଇଟିସ୍ ଦିବସ




ଭୁବନେଶ୍ୱର, (ସବ୍ୟୁ) : କଳିଙ୍ଗ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଫାଉଣ୍ଡେସନ୍, ଏମ୍ସ ଭୁବନେଶ୍ୱରର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଏବଂ ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲ, କଟକର ହେପାଟୋଲୋଜି ବିଭାଗର ମିଳିତ ଆନୁକୂଲ୍ୟରେ ୧୬ତମ ବିଶ୍ୱ ହେପାଟାଇଟିସ୍ ଦିବସ ଭୁବନେଶ୍ୱର ସ୍ଥିତ ମେଫେୟାର କନଭେନ୍ସନ୍‌ରେ ଗାମ୍ଭୀର୍ଯ୍ୟର ସହ ପାଳନ କରାଯାଇଛି। ଚଳିତ ବର୍ଷର ବିଶ୍ୱ ହେପାଟାଇଟିସ୍ ଦିବସର ବିଷୟବସ୍ତୁ ଥିଲା"ହେପାଟାଇଟିସ୍: ଆସନ୍ତୁ, ବାଧା ଭାଙ୍ଗିବା ସାମାଜିକ, ଆର୍ଥିକ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାଗତ ବାଧା ଦୂର କରି ସମସ୍ତଙ୍କ ପାଇଁ ହେପାଟାଇଟିସ୍ ପ୍ରତିରୋଧ, ପରୀକ୍ଷା ଓ ଚିକିତ୍ସା ସେବାକୁ ସୁଲଭ କରିବା ଉପରେ ଏହି ବର୍ଷର ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ୱାଇ. କେ. ଚାୱଲା, ପୂର୍ବତନ ନିର୍ଦ୍ଦେଶକ, ପିଜିଆଇ, ଚଣ୍ଡୀଗଡ଼ ଯୋଗଦେଇ ହେପାଟାଇଟିସ୍ ନିରାକରଣ ପାଇଁ ସରକାର, ସ୍ୱାସ୍ଥ୍ୟ ପେସାଜୀବୀ ଏବଂ ସାଧାରଣ ଜନତାଙ୍କର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ସେ ଅବସରରେ କାର୍ଯ୍ୟକ୍ରମର ସ୍ମରଣିକା ଏବଂ"ସିରିଞ୍ଜି ଭିତରେ କାଳୀ"ପତ୍ରିକାର ଉନ୍ମୋଚନ କରିଥିଲେ। କେଜିଏଫ୍‌ର ସଚିବ ଶ୍ରୀ ତୁହିନ କାନ୍ତି ଘୋଷ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ, କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଫାଉଣ୍ଡେସନ୍ ଅଧ୍ୟକ୍ଷ ପ୍ରଫେସର ଏସ୍. ପି. ସିଂହ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ହେପାଟାଇଟିସ୍ ଆଜି ମଧ୍ୟ ବିଶ୍ୱର ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା। ବିଶ୍ୱରେ ପ୍ରାୟ ୩୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ଥିବାବେଳେ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକଙ୍କର ମୃତ୍ୟୁ ଏହା ଯୋଗୁଁ ଘଟୁଛି।

## ବେଦାନ୍ତ ଆଲୁମିନିୟମର ଦୃଢ଼ ଶୁଭାରମ୍ଭ

# ଲାଭ ଟ.୬,୫୯୭ କୋଟି ପହଞ୍ଚିଥିବା ବେଳେ ଇବିଆଇଟିଡିଏ ଟ.୧୦,୪୯୯ କୋଟିରେ ପହଞ୍ଚିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ବିଏସଇ:୫୪୪୭୮୦,ଏନଏସଇ:ଭିଏଏମଏଲ ) ୩୦ ଜୁନ୍ ୨୦୨୬ରେ ସମାପ୍ତ ପ୍ରଥମ ତ୍ରୈମାସିକ ପାଇଁ ଏହାର ଅନିରୀକ୍ଷିତ ଆର୍ଥିକ ଫଳାଫଳ ଘୋଷଣା କରିଛି। ସ୍ୱାଧୀନ କମ୍ପାନି ଭାବେ ପ୍ରଥମ ତ୍ରୈମାସିକରେ କମ୍ପାନି ରେକର୍ଡ ଆର୍ଥିକ ପ୍ରଦର୍ଶନ, ସର୍ବାଧିକ ଉତ୍ପାଦନ, ବ୍ୟୟ ଦକ୍ଷତା ଏବଂ କୌଶଳଗତ ସମନ୍ୱୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ପ୍ରତି ଇକ୍ୱିଟି ସେୟାର ପିଛା ଟ.୮ ହାରରେ ପ୍ରଥମ ଅନ୍ତରୀଣ ଲାଭାଂଶ ପ୍ରଦାନକୁ ଅନୁମୋଦନ କରିଛନ୍ତି। କମ୍ପାନିର ରାଜସ୍ୱ ସର୍ବକାଳୀନ ସର୍ବାଧିକ ଟ.୨୧,୧୦୫ କୋଟିରେ ପହଞ୍ଚିଛି, ଯାହା ତ୍ରୈମାସିକ ଭିତ୍ତିରେ ୧୩% ଏବଂ ବାର୍ଷିକ ଭିତ୍ତିରେ ୪୫% ବୃଦ୍ଧି ପାଇଛି। ଉତ୍ପାଦନ ପରିମାଣ ଓ ବଜାର ମୂଲ୍ୟ ବୃଦ୍ଧି ଏହାର ପ୍ରମୁଖ କାରଣ। ଇବିଆଇଟିଡିଏ (ଇବିଆଇଟିଡିଏ) ୨୪% ତ୍ରୈମାସିକ ଓ ୧୩୪% ବାର୍ଷିକ ବୃଦ୍ଧି ସହ ଟ.୧୦,୪୯୯ କୋଟିରେ ପହଞ୍ଚିଛି। ଏହା ସହିତ କମ୍ପାନିର ଇବିଆଇଟିଡିଏ ମାର୍ଜିନ୍ ସର୍ବାଧିକ ୫୦%କୁ ବୃଦ୍ଧି ପାଇଛି। କର ପରବର୍ତ୍ତୀ ଲାଭ (ପାଟ) ଟ.୬,୫୯୭ କୋଟିରେ ପହଞ୍ଚିଛି, ଯାହା ତ୍ରୈମାସିକ ଭିତ୍ତିରେ ୩୩% ଏବଂ ବାର୍ଷିକ ଭିତ୍ତିରେ ୨୦୫% ବୃଦ୍ଧିକୁ ପ୍ରତିଫଳିତ କରୁଛି। ଋଣ ହ୍ରାସ ପଦକ୍ଷେପ ଯୋଗୁଁ କମ୍ପାନିର ନେଟ୍ ଡେବ୍ଟ-ଟୁ-ଇବିଆଇଟିଡିଏ ଅନୁପାତ କ୍ୟୁ୪ ଆର୍ଥିକ ବର୍ଷ୨୬ରେ ୧.୩ ଗୁଣରୁ କମି ୦.୯ ଗୁଣକୁ ଆସିଛି। ଏହି ସୁଦୃଢ଼ ଆର୍ଥିକ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କ୍ରିସିଲ୍ ଓ ଆଇସିଆରଏ କମ୍ପାନିର କ୍ରେଡିଟ୍ ରେଟିଂକୁ ଏଏଏ+ (ସ୍ଥିର)କୁ ଉନ୍ନୀତ କରିଛନ୍ତି।

ପ୍ରଥମ ତ୍ରୈମାସିକରେ କମ୍ପାନି ୬୩୨ କିଲୋଟନ୍ (କେଟି) ଆଲୁମିନିୟମ ଉତ୍ପାଦନ କରି ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି। ଏହା ତ୍ରୈମାସିକ ଭିତ୍ତିରେ ୩% ଏବଂ ବାର୍ଷିକ ଭିତ୍ତିରେ ୫% ବୃଦ୍ଧି ପାଇଛି। ଭାଲ୍ୟୁ-ଆଡେଡ୍ ପ୍ରଡକ୍ଟ (ଭିଏପି) ଉତ୍ପାଦନ ମଧ୍ୟ ୩୮୯ କେଟିରେ ପହଞ୍ଚି ସର୍ବାଧିକ ସ୍ତର ଛୁଇଁଛି, ଯାହା ତ୍ରୈମାସିକ ଭିତ୍ତିରେ ୪% ଏବଂ ବାର୍ଷିକ ଭିତ୍ତିରେ ୧୪% ବୃଦ୍ଧି ପାଇଛି। ଆଲୁମିନା ଉତ୍ପାଦନ ୮୨୬ କେଟିରେ ପହଞ୍ଚି ବାର୍ଷିକ



ଭିତ୍ତିରେ ୪୧% ବୃଦ୍ଧି ହାସଲ କରିଛି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମ ବିଶ୍ୱର ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଓ ସମ୍ପୂର୍ଣ୍ଣ ସମନ୍ୱିତ ଆଲୁମିନିୟମ ବ୍ୟବସାୟ ଗଢ଼ି ତୋଳିବା ଦିଗରେ ଅଗ୍ରସର ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ କମ୍ପାନି କଞ୍ଚାମାଲ ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି।

- ସର୍ବକାଳୀନ ସର୍ବାଧିକ ରାଜସ୍ୱ ଟ.୨୧,୧୦୫ କୋଟି; ତ୍ରୈମାସିକ ଭିତିରେ ୧୩% ଓ ବାର୍ଷିକ ଭିତିରେ ୪୫% ବୃଦ୍ଧି।
- ରେକର୍ଡ ଇବିଆଇଟିଡିଏ ଟ.୧୦,୪୯୯ କୋଟି; ତ୍ରୈମାସିକ ଭିତିରେ ୨୪% ଓ ବାର୍ଷିକ ଭିତିରେ ୧୩୪% ବୃଦ୍ଧି।
- କର ପରବର୍ତ୍ତୀ ଲାଭ (ପାଟ) ଟ.୬,୫୯୭ କୋଟି; ତ୍ରୈମାସିକ ଭିତିରେ ୩୩% ଓ ବାର୍ଷିକ ଭିତିରେ ୨୦୫% ବୃଦ୍ଧି।
- କମ୍ପାନୀର ବୋର୍ଡ ପ୍ରତି ଇକ୍ୱିଟି ସେୟାର ପିଛା ଟ.୮ ହାରରେ ପ୍ରଥମ ଅନ୍ତରୀଣ ଲାଭାଂଶ ଘୋଷଣାକୁ ଅନୁମୋଦନ କରିଛି।
- ୬୩୨ କୋଟି ସହ ସର୍ବାଧିକ ଆଲୁମିନିୟମ ଉତ୍ପାଦନର ନୂଆ କୀର୍ତ୍ତିମାନ।

କମ୍ପାନିର ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ହୋଲ୍-ଟାଇମ୍ ଡାଇରେକ୍ଟର ଓ ସିଇଓ ରାଜେଶ କୁମାର କହିଛନ୍ତି, "ସ୍ୱାଧୀନ କମ୍ପାନି ଭାବେ ଆମର ନୂଆ ଅଧ୍ୟାୟର ଆରମ୍ଭ ଦୃଢ଼ ପରିଚାଳନାଗତ ଓ ଆର୍ଥିକ ପ୍ରଦର୍ଶନ ସହ ହୋଇଛି। ବ୍ୟବସାୟିକ ସ୍ଥିରତା, ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ ଏବଂ ଦୀର୍ଘମିଆଦୀ ଦୃଷ୍ଟିକୋଣର ସଫଳ ସମନ୍ୱୟ ଏହାର ମୂଳ ଆଧାର। ବଦଳୁଥିବା ବୈଶ୍ୱିକ ପରିସ୍ଥିତିରେ ସମ୍ବଳ ସୁରକ୍ଷା, କାର୍ଯ୍ୟକ୍ଷମ ସମନ୍ୱୟ ଓ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଆମର ଗୁରୁତ୍ୱ ଆମର ପ୍ରତିଯୋଗିତାମୂଳକ କ୍ଷମତାକୁ ଆହୁରି ମଜବୁତ କରୁଛି।" କମ୍ପାନିର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ) ଅନୁପ ଅଗ୍ରୱାଲ କହିଛନ୍ତି, "ସ୍ୱାଧୀନ କମ୍ପାନି ଭାବେ ଆମର ପ୍ରଥମ ତ୍ରୈମାସିକ ରେକର୍ଡ ରାଜସ୍ୱ, ଇବିଆଇଟିଡିଏ ଓ କର ପରବର୍ତ୍ତୀ ଲାଭ ସହ ଏକ ଶକ୍ତିଶାଳୀ ଆରମ୍ଭ ହୋଇଛି। ସୁଦୃଢ଼ ବାଲାନ୍ସ ସିଟ୍ ଓ ଉନ୍ନତ କ୍ରେଡିଟ୍ ପ୍ରୋଫାଇଲ୍ ଆମର ଦୀର୍ଘମିଆଦୀ ବିକାଶ ଯୋଜନାକୁ ଅଧିକ ଗତି ପ୍ରଦାନ କରିବ। ଉର୍ଜା ପରିବର୍ତ୍ତନ, ଭିତ୍ତିଭୂମି ବିକାଶ, ପରିବହନ, ପ୍ୟାକେଜିଂ ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ବଢ଼ୁଥିବା ଚାହିଦାକୁ ଆମେ ଆମର ସମନ୍ୱିତ ଭାଲ୍ୟୁ ଚେନ୍ ଓ ଭାଲ୍ୟୁ-ଆଡେଡ୍ ପୋର୍ଟଫୋଲିଓ ମାଧ୍ୟମରେ ପୂରଣ କରିବାକୁ ପ୍ରତିବଦ୍ଧ।"

**କ୍ୟୁ୧ ଆର୍ଥିକ ବର୍ଷ୨୭ ଇଏସଜିର ମୁଖ୍ୟ ସଫଳତା ମଧ୍ୟରେ:**

ସାମାଜିକ ପଦକ୍ଷେପ: କମ୍ପାନିର ଆବଶ୍ୟକତାଭିତ୍ତିକ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୪ ଲକ୍ଷ ଲୋକ ଉପକୃତ ହୋଇଛନ୍ତି। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୭୨,୦୦୦ରୁ ଅଧିକ ବ୍ୟକ୍ତିଙ୍କୁ ସଶକ୍ତ କରାଯାଇଥିବା ବେଳେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ ଲକ୍ଷ ମହିଳା ଓ ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା: ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ବାର୍ଷିକ ଭିତ୍ତିରେ ୩୮% ବୃଦ୍ଧି ପାଇ ୭୦୧ ମିଲିୟନ୍ ୟୁନିଟ୍ରେ ପହଞ୍ଚିଛି। କମ୍ପାନି ପ୍ରାୟ ୪.୯ ମିଲିୟନ୍ ଘନମିଟର ଜଳ ପୁନଃବ୍ୟବହାର କରିବା ସହିତ ଫ୍ଲାଏ ଆଶ୍ ବ୍ୟବହାର ହାରକୁ ୧୨୦%ରେ ପହଞ୍ଚାଇଛି। ଖଣି ପୁନରୁଦ୍ଧାର ଓ ସ୍ୱଦେଶୀ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ଏପର୍ଯ୍ୟନ୍ତ ମୋଟ ୨୯ ଲକ୍ଷ ବୃକ୍ଷରୋପଣ କରାଯାଇଛି।

## ଲଗାଣ ବର୍ଷାରେ ଜନ ଜୀବନ ଅସ୍ତବ୍ୟସ୍ତ

# ଜଳବନ୍ଦୀରେ ବଡଚଣା ଓ ଧର୍ମଶାଳାର ବ୍ୟାପକ ଅଞ୍ଚଳ

ଚଣ୍ଡିଖୋଲ, (ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବ୍ରାହ୍ମଣୀ,ବିରୁପା ଓ କେଲୁଅ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ବଡଚଣା ଓ ଧର୍ମଶାଳାର ବ୍ୟାପକ ଅଞ୍ଚଳ ତିନିଦିନ ହେବ ଜଳବନ୍ଦୀରେ ରହିଛି। ଏହି ଦୁଇ ବ୍ଲକର ୨ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଧାନ ଓ ପରିବା ଜମିରେ ୩ରୁ୫ ଫୁଟ ଉଚର ପାଣି ମାଡି ରହିଥିବାରୁ ସେହିହବୁ ଜମିରେ ସମ୍ପୂର୍ଣ୍ଣ ଫଷଲ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ବ୍ରାହ୍ମଣୀ ନଦୀକୁ ଜଳ ନିଷ୍କାସନ ହେଉଥିବା ଧର୍ମଶାଳା ବ୍ଲକର ମତଗୁଞ୍ଜାର ସୁଇସଗେଟ ଦୀର୍ଘଦିନ ହେବ ଭାଙ୍ଗି ପଡିଥିବାରୁ ସେହିପଟେ ନଦୀର ଉଦବୃତ ନଦୀ ଜଳ ଜନବସତି ଓ ଚାଷ ଜମିରେ ପ୍ରବେଶ କରୁଛି। ଗୋଟିଏ ପଟେ ଜଳ ନିଷ୍କାସନ ପଥ ଅବରୋଧ ଓ ଅନ୍ୟପଟେ ସୁଇସଗେଟ ଦେଇ ବ୍ୟାପକ ନଦୀଜଳ ପ୍ରବେଶ କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ଚାଷୀ ମାନଙ୍କ ପରିସ୍ଥିତି ସଂଗିନ ହୋଇପଡିଛି। ବିଶେଷକରି ଧର୍ମଶାଳା ବ୍ଲକର ଜେନାପୁର, ଅଣ୍ଡିଆ, କମାଗଡ ମଧୁପୁରଗଡ, ବୃନ୍ଦାଦେଇପୁର ଓ



ମହିଶରା ପଞ୍ଚାୟତର ବ୍ୟାପକ ଅଞ୍ଚଳ ଏଥିଯୋଗୁ ପ୍ରଭାବିତ ହୋଇଛି। ଏହି ଅଞ୍ଚଳରେ ୭ଶହ ହେକ୍ଟର ଧାନ ଓ ୧୦୦ ହେକ୍ଟର ପରିବା ଜମିରେ ସମ୍ପୂର୍ଣ୍ଣ ଫଷଲ ନଷ୍ଟର ଆଶଙ୍କା ରହିଛି। ବ୍ରାହ୍ମଣୀ ନଦୀର ଜଳସ୍ତର ବିପଦ ସଂଙ୍କେତ ଠାରୁ ସାମାନ୍ୟ କମ ଥିଲେ ମଧ୍ୟ ରେଙ୍ଗାଲୀ ଡ୍ୟାମରୁ ପାଣି ଛଡାଯିବା ସମ୍ଭାବନା ଥିବାରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ପରିସ୍ଥିତି ଆହୁରି ଜଟିଳ ହେବାନେଇ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ସେହିପରି ବଡଚଣା ବ୍ଲକରେ ମଧ୍ୟ ଜଳ ନିଷ୍କାସନ ଗତିପଥ ଅବରୋଧ ଯୋଗୁଁ ସମାନ ପରିସ୍ଥିତି ସୃଷ୍ଟି ହୋଇଛି । ଉଦବେତ ଜଳ ଦୀର୍ଘ ଦିନଧରି ନିଷ୍କାସନ ହୋଇ ନପାରି ଚାଷ ଜମିରେ ମାଡିରହିଛି। ବର୍ଷାଜଳରେ ଚାଷଜମି ବୁଡି ରହିଥିବାରୁ ବ୍ୟାପକ ଜମିରେ ଫଷଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚଣ୍ଡିଖୋଲ ଠାରୁ ଛତିଆ ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଜଳ ନିଷ୍କାସନ ଗତିପଥ ଅବରୋଧ ସହ ଡ୍ରେନେଜ ନିର୍ମାଣରେ ତୃଟି ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୃହ ନିର୍ମାଣ ସମୟରେ ଲୋକେ ଡ୍ରେନେଜ ନିର୍ମାଣ ନକରି ସରକାରୀ ଜମି ଜବରଦଖଲ କରି ଗୃହ ଓ ରାସ୍ତା ନିର୍ମାଣ କରିବା ଫଳରେ ଏପରି ଅସୁବିଧା ହେଉଛି ବୋଲି ବେସରକାରୀ ଭାବେ କୁହାଯାଇଛି। ବିଶେଷକରି ବଡଚଣା ବ୍ଲକର ସୁଙ୍ଗୁଡା, ଧାନମଣ୍ଡଳ,ବଡଚଣା, ବନ୍ଦାଳ, ଛତିଆ ପଞ୍ଚାୟତ ଗୁଡିକର ଚାଷୀ ଏହାଯୋଗୁ ପ୍ରଭାବିତ ହୋଇଛନ୍ତି। ଏପରି ବର୍ଷା ବିପ୍ରାତ ଯୋଗୁଁ ହୋଇଥିବା କ୍ଷୟ କ୍ଷତିର ଆକଳନ କରାଯାଇ ଚାଷୀ ତଥା ସାଧାରଣ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

**ଦୁଇ ହଜାର ହେକ୍ଟର ଜମିରେ ଫଷଲ ନଷ୍ଟ ଆଶଙ୍କା**

## ଲାଞ୍ଚ ଗ୍ରହଣ ଅଭିଯୋଗରେ ପୁଲିସ ଏଏସ୍ଆଇଙ୍କୁ ୪ବର୍ଷ ଜେଲ

କଟକ,(ସବ୍ୟୁ): ଲାଞ୍ଚ ନେବା ମାମଲାରେ ଯାଜପୁର ଜିଲ୍ଲା ଜେନାପୁର ଥାନାର ପୂର୍ବତନ ଏଏସଆଇ ତଥା ବର୍ତ୍ତମାନ କଟକ ଜିଲ୍ଲା ଆଠଗଡ଼ ଥାନାରେ କାର୍ଯ୍ୟରତ ଅମିୟ କୁମାର ବେହେରା ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେନାପୁର ଥାନାରେ ଦାଖଲ ହୋଇଥିବା ଏକ ଅଭିଯୋଗକୁ ରଫାଦଫା କରିବା ପାଇଁ ଶ୍ରୀ ବେହେରା ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଦାବି କରି ଗ୍ରହଣ କରିଥିଲେ। ଏହି ମାମଲାରେ ଭିଜିଲାନ୍ସ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅଧୀନରେ ଚାର୍ଜସିଟ୍ ଦାଖଲ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଶ୍ରୀ ବେହେରାଙ୍କୁ ଚାକିରିରୁ ସମ୍ପୂର୍ଣ୍ଣ ବହିଷ୍କାର କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସମ୍ପୃକ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯିବ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସାପ୍ତାହିକ ପାଠଚକ୍ର

# ମୂଲ୍ୟବୋଧ ପ୍ରତିଷ୍ଠା ଓ ପରମ୍ପରାର ଅନୁପାଳନ ଶିକ୍ଷାର ମୂଳ ଉଦ୍ଦେଶ୍ୟ : ଲୋପାମୁଦ୍ରା ମହାନ୍ତି

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ମଣିଷକୁ ପୂର୍ଣ୍ଣତା ଦିଗରେ ନେଇଯାଏ । ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ମାଧ୍ୟମରେ ମଣିଷ ପୂର୍ଣ୍ଣାଙ୍ଗ ମଣିଷରେ ରୂପାନ୍ତରିତ ହୁଏ। କିନ୍ତୁ ପାଶ୍ଚାତ୍ୟ ଜୀବନ ଶୈଳୀର ଅନ୍ଧ ଅନୁକରଣ ଫଳରେ ଶିକ୍ଷାଗ୍ରହଣର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ପ୍ରକୃତରେ ଉଚ୍ଚ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ଓ ପରମ୍ପରାର ଅନୁପାଳନ




ଶିକ୍ଷାର ମୂଳ ଉଦ୍ଦେଶ୍ୟ ବୋଲି ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସାପ୍ତାହିକ ପାଠଚକ୍ରରେ ରାଜ୍ୟ ମହିଳା ଆୟୋଗ ପ୍ରାକ୍ତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ମତବ୍ୟକ୍ତ କରିଛନ୍ତି।

ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ପାଠଚକ୍ରରେ କୁଳପତି ପ୍ରଫେସର୍ ସତ୍ୟ ନାରାୟଣ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀ/ବିଦ୍ୟାର୍ଥିନୀଙ୍କୁ ଜୀବନ ଗଠନର ସୂତ୍ର ବିଷୟରେ କହିବା ସହ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ରାଜ୍ୟ ମହିଳା ଆୟୋଗ ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଝିଅମାନେ ଶିକ୍ଷାଗ୍ରହଣ ସହିତ ଆଦର୍ଶ ପରାୟଣା, ପରମ୍ପରା ଅନୁଗାମିନୀ ଓ ଭୟଶୂନ୍ୟା ହେବାକୁ ଆହ୍ୱାନ ଦେଇଥିଲେ। ଏହି ପାଠଚକ୍ରରେ ଅତିଥି ପ୍ରଫେସର୍ ଡ. ବବ୍ରୁବାହନ ମହାପାତ୍ର, ଅତିଥି ପ୍ରଫେସର୍ ଡ. ଅନନ୍ତ କିଶୋର ଜେନା, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ ଓ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ଭାରତୀୟ ଆଧାତ୍ମିକ ପରମ୍ପରାରେ ଗୁରୁପୂର୍ଣ୍ଣିମାର ମହତ୍ତ୍ୱ, ଭାରତୀୟ ଜ୍ଞାନ ଧାରାକୁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ।

ଅତିଥି ସହଯୋଗୀ ପ୍ରଫେସର୍ ଡ. ବାସନ୍ତୀ ମହାନ୍ତି ପାଠଚକ୍ରର ସଂଯୋଜନା କରିଥିଲେ। ଭାଷାବିଜ୍ଞାନ ବିଭାଗ ଅତିଥି ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା, ବିଜ୍ଞାନ-ଲେଖକ ଓ ସ୍ତମ୍ଭକାର ସୀମନ୍ତ କୁମାର ନନ୍ଦ, ସହକାରୀ ପ୍ରଫେସର୍ ଡ. ସଂଗୀତା ଜେନା, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟା ଡ. ଶର୍ମିଷ୍ଠା ମହାପାତ୍ର, ଡ. ଶୁଭଲକ୍ଷ୍ମୀ ନାୟକ, ଡ. ସସ୍ମିତା ଜେନା ଓ ଡ. ସୋନାଲି ଟାଙ୍ଗ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଶାରାଣୀ ବେହୁରା, ସ୍ୱପ୍ନରାଣୀ ଭୂୟାଁ ଓ ତପସ୍ୱିନୀ ପୋଥାଳ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ।

## ମିଳିଲାନି ପିଣ୍ଡି, ରାସ୍ତା କଡରେ ପରିବା ବିକୁଛନ୍ତି ବ୍ୟବସାୟୀ

# ପରିମଳ ବିପର୍ଯ୍ୟସ୍ତ, ଉପୁଜୁଛି ଟ୍ରାଫିକ୍ ସମସ୍ୟା

କଟକ, (ସ୍ୱପ୍ର) : କଟକ ଅର୍ବାନହାଟ ୩ ବର୍ଷ ହେବ ପୂରଣ ହେବାକୁ ବସିଲାଣି କିନ୍ତୁ ସମସ୍ୟା ସମାଧାନ ନହୋଇ ବଢିବାରେ ଲାଗିଛି । ହାଟରେ ୫୪୮ପିଣ୍ଡି ନିର୍ମାଣ ହୋଇଛି, କିନ୍ତୁ ଆବଣ୍ଟନ ସଠିକ ଭାବେ ହୋଇନଥିବା ଯୋଗୁଁ ପିଣ୍ଡି ବର୍ତ୍ତମାନ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଜାରେ ଥିବା ଦେଖିବାକୁ ମିଳିଛି । ଗୋଟିଏ ବ୍ୟବସାୟୀ ଏକାଧିକ ପିଣ୍ଡି ନିଜ ଅକ୍ତିଆରରେ ରଖି ବ୍ୟବସାୟ କରୁଥିବା ବେଳେ ହାଟ ପ୍ରବେଶ ପଥରେ ବ୍ୟବସାୟୀ ବସିବା ପାଇଁ ୧୫୦-୨୦୦ଟଙ୍କା ଦେବାକୁ ପଡୁଛି । ଯେଉଁମାନେ ଏହାକୁ ଜବରଦସ୍ତ ଜବରଦଖଲ କରି ରଖିଛନ୍ତି ଏହାପରେ୍ୟର୍ଜ୍ସ ଫି ୨୦ଟଙ୍କା, ପୂଜା କମିଟି ୧୦ଟଙ୍କା ଓ ଗାଡି ପାର୍କିଂ ପାଇଁ ୧୦ଟଙ୍କା ଏମିତି ୨୪୦ଟଙ୍କା ଦେଇ ଓଳିଏ ବେପାର କରିବା କଷ୍ଟସାଧ୍ୟ । ଫଳରେ ବେପାରୀ ବାଧ୍ୟହୋଇ ତାଳଦଣ୍ଡା କେନାଲରୋଡ ମାତୃଭବନ ଠାରୁ ଛତ୍ରବଜାର ପର୍ଯ୍ୟନ୍ତ ରାସ୍ତାକଡରେ ବସି ବେପାର କରୁଛନ୍ତି । ଏହାକୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ପ୍ରଶ୍ରୟ ଦେଇ ମନ୍ଦିର ନିର୍ମାଣ ନାମରେ



୧୦ଟଙ୍କା ଲେଖାଏଁ ଦୈନିକ ପ୍ରାୟ ୨ରୁ ୩ହଜାର ଟଙ୍କା ବଟି ଆଦାୟ କରୁଥିବା ଦେଖାଯାଉଛି । ଗୋଟିଏ ପଟେ ଦେଖିବାକୁ ଗଲେ ପିଣ୍ଡିରେ ୨୪୦ଟଙ୍କା ଦେବା ଅପେକ୍ଷା ଏହାହିଁ ଏକମାତ୍ର ସୁବିଧା ଉପାୟ ହୋଇଥିବାରୁ ବେପାରୀ ବାଧ୍ୟହୋଇ ଖରାତରାରେ ରାସ୍ତାକଡରେ ବସିବା ଯୋଗୁଁ ଟ୍ରାଫିକ ସମସ୍ୟା ସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି ।ଏହାକୁ କଟକ ମହାନଗର ନିଗମ ଓ ସ୍ଥାନୀୟ ପୁଲିସ ଦେଖି ନୀରବଦ୍ରଷ୍ଟା ପାଲଟିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ଯଦି ନହୁଏ ଆଗାମୀ ଦିନରେ ଛତ୍ରବଜାର, ତାଳଦଣ୍ଡା କେନାଲରୋଡ ସାରା ବେପାରୀ ବସି ବେପାର କରିବା ପାଇଁ ସୁବିଧା ଉପାୟ ଆପଣାଇବେ । ତାଳଦଣ୍ଡା କେନାଲରୋଡ ରାସ୍ତା ଯିବା ଆସିବା ସୁବିଧା ପାଇଁ ଯେଉଁ ଚିନ୍ତା କରି କୋଟିକୋଟି ଟଙ୍କା ବ୍ୟୟ ହୋଇ ରାସ୍ତା ପ୍ରଶସ୍ତିକରଣ ଓ ପିଣ୍ଡି ନିର୍ମାଣ ହୋଇଥିଲା ତାହା ପ୍ରଶାସନର ଅପାରଗତା ଯୋଗୁଁ ତାହା ସଂପୂର୍ଣ୍ଣ ବିଫଳ ହେବ ।

## ସ୍ତ୍ରୀକୁ ହତ୍ୟା, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

# ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଜୋରିମାନା ଆଦେଶ ଦେଲେ ଚଣ୍ଡିଖୋଲ କୋର୍ଟ

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଗୁରୁବାର ଦିନ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ମୁଦାଲାଙ୍କୁ ୧୦ ବର୍ଷର ସଶ୍ରମ କାରା ଦଣ୍ଡାଦେଶ ସହିତ ୧୦ହଜାର ଟଙ୍କାର ଜୋରିମାନା ଆଦେଶ ଶୁଣାଇଛନ୍ତି । ସୂଚନା ମୁତାବକ ୨୦୧୮ ଏପ୍ରିଲ ୩୦ ତାରିଖରେ କଟକ ଜିଲ୍ଲା ମାହାଙ୍ଗା ଥାନା କାଳିଅଣ୍ଟି ଗ୍ରାମର ଗୀତାଞ୍ଜଳି ଜେନା ଯାଜପୁର ଜିଲ୍ଲାର ବୈରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ,ଉକ୍ତ ଦିନ ଅପରାହ୍ନ ୫ ଟାରେ ତାଙ୍କ ନଣନ୍ଦଙ୍କୁ ତାଙ୍କ ସ୍ୱାମୀ (ନଣନ୍ଦେଇ) ସ୍ଥାନୀୟ ଉବୁକା ଗ୍ରାମର ନଟବର ମଲିକଙ୍କ ପୁଅ ଅକ୍ଷୟକୁମାର ମଲିକ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ହାଣି ହତ୍ୟା କରିଛନ୍ତି। ଏଥିସହିତ ସମ୍ପର୍କୀୟ ଭିଣୋଇଙ୍କୁ ମଧ୍ୟ ହାଣି ପକାଇ ଗୁରୁତର ଆହତ କରିଛନ୍ତି। ଅଭିଯୋଗ ପରେ ବୈରୀ ଥାନା କେଶ ନଂ- ୫୪/୨୦୧୮ ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଚଣ୍ଡିଖୋଲ କୋର୍ଟରେ ସି.ଟି. ସେସନ୍ସ ନଂ- ୦୩/୨୦୧୯ ରେ ବିଚାର ଚାଲିଥିଲା ବେଳେ ୨୨ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଗୁରୁବାର ଦିନ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଗୋପବନ୍ଧୁ ଗଡ଼ନାୟକ ତାଙ୍କ ରାୟ ସୁଣାଇଥିଲେ। ଉକ୍ତ ମାମଲାରେ ମୁଦାଲା ଅକ୍ଷୟ ମଲିକଙ୍କୁ ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୦୭ ଦଫାରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କାର ଜୋରିମାନା ଦେବାକୁ ଆଦେଶ ଦେଇଥିଲେ । ତେବେ ଜଦି ମୁଦାଲା ଯୋରିମାନା ନଦିଅନ୍ତି ତେବେ ତାଙ୍କୁ ଆଉ ୬ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରିୟରେ ଉଲେଖ କରିଥିବା ଜଣାପଡ଼ିଛି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପି.ପି ନଳିନୀକାନ୍ତ ମିଶ୍ର ପରିଚାଳନା କରୁଥିଲେ।

## ଜାତୀୟ ପ୍ରତିଭା ଅନ୍ୱେଷଣର ସଫଳ ପ୍ରତିଯୋଗୀଙ୍କ ବୈଠକ

# ସମର୍ପଣଭାବ,ନୈତିକତା ରକ୍ଷା ପ୍ରଥମ ଆବଶ୍ୟକତା : ଭକ୍ତ

ଭୁବନେଶ୍ୱର, (ସବ୍ୟୁ) : ଏଆଇସିସି ପକ୍ଷରୁ ପରିଚାଳିତ ଓ ଓପିସିସି ଗଣମାଧ୍ୟମ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଓଡିଶା ପାଇଁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ତାଲିକା ଜାରିହେବା ସହ ସେମାନଙ୍କ ଏକ ଦିଗନିର୍ଦ୍ଦେଶ ଆଲୋଚନା ବୈଠକ କଂଗ୍ରେସ ଭବନଠାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଓପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦାସ ମୁଖପାତ୍ରଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ବିଷୟରେ ସମସ୍ତ କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ ବିଷଦ ଭାବେ ବର୍ଣ୍ଣନା କରିଥିଲେ । ପରେ ଦିଗନିର୍ଦ୍ଦେଶ ସଭାରେ ଓପିସିସି ସଭାପତି ଭକ୍ତ ଚରଣ ଦାସ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରି କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ । ସେ ଉପସ୍ଥିତ ପ୍ରତିଯୋଗୀଙ୍କୁ ସମ୍ବୋଧିତ କରି ପରାମର୍ଶ ଦେଇଛନ୍ତି ଯେ, ଭବିଷ୍ୟତରେ ଆପଣ ହେଉଛନ୍ତି କଂଗ୍ରେସର ତୁଣ୍ଡ, ଆପଣ ଯାହା



କହିବେ ଦଳ କହୁଛି ବୋଲି ଗଣାଯିବ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀ । ଏହା ପାଇଁ ଦଳପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଭାବ, ନିଷ୍ଠାବାନ ରହିବାର ଆବଶ୍ୟକତା ଅଛି । ପୁଣି ନିଜ ଜୀବନରେ ନୈତିକତା ରକ୍ଷା ମଧ୍ୟ ଜରୁରୀ । ଆପଣ ମାନଙ୍କ କର୍ମକୁଶଳତା, ବାକ ଚାତୁରୀ, ତଥ୍ୟ ଭିତ୍ତିକ ଉପସ୍ଥାପନ ଓ ଉଦ୍ବୋଚିତ ବେଶ ପରିପାଟୀ ଦଳକୁ ସମ୍ମାନଜନକ ସ୍ଥାନକୁ ନେବା ସହ ପ୍ରଚାର ପ୍ରସାର ମାଧ୍ୟମରେ ତୃଣମୂଳ ସ୍ତର ପର୍ଯ୍ୟନ୍ତ କଂଗ୍ରେସ ଦଳର ବାର୍ତ୍ତା ପହଞ୍ଚି ପାରିବ ବୋଲି ଶ୍ରୀ ଦାସ କହିଛନ୍ତି । ପ୍ରତିଭା ଅନ୍ୱେଷଣ ଦିଗନିର୍ଦ୍ଦେଶ କାର୍ଯ୍ୟକ୍ରମରେ ଓପିସିସି ଗବେଷଣା ବିଭାଗ ଅଧ୍ୟକ୍ଷ ନଳିନୀ ମହାନ୍ତି ଗଣମାଧ୍ୟମ ବିଭାଗର ମୁଖପାତ୍ର ଡଃ ହମିଦ ହୁସେନ, ଅଶୋକ ସ୍ୱାଇଁ, ଡଃ ଦେବାଶିଷ ଭୂୟାଁ, ଜଗଦାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବାଜିଲା ସାଇରନ୍, ଥରିଲା ୟୁରୋପ



ୱାର୍ସୋ: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ଅତ୍ୟନ୍ତ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି। ଗୁରୁବାର ଭୋର୍ ସମୟରେ ୟୁକ୍ରେନ ଉପରେ ରୁଷ ଏପର୍ଯ୍ୟନ୍ତ ସବୁଠାରୁ ବଡ ବିମାନ ଆକ୍ରମଣ କରିଥିଲା, ଯାହାର ପ୍ରଭାବ ପଡ଼ୋଶୀ ଏବଂ ନାଟୋ ସଦସ୍ୟ ପୋଲାଣ୍ଡ ଉପରେ ମଧ୍ୟ ପଡ଼ିଥିଲା। ୟୁକ୍ରେନ ଉପରେ ରୁଷିଆ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟରେ, ଏକ ଅଜ୍ଞାତ ବସ୍ତୁ ପୋଲାଣ୍ଡ ଆକାଶ ସୀମାରେ ପ୍ରବେଶ କରି ଭୂମିରେ ଧକ୍କା ଖାଇଥିଲା, ଯାହା ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଭୟଭୀତ କରିଦେଇଥିଲା। ପୋଲାଣ୍ଡ ତୁରନ୍ତ ଏଫ୍-୧୬ ଲଢୁଆ ବିମାନ ମୁତୟନ କରିଥିଲା। ଏହା ସହ ସୀମାରେ ବିମାନ ଆକ୍ରମଣ ସାଇରନ୍ ବାଜିଉଠିଥିଲା। ପୋଲାଣ୍ଡ ସାମରିକ ଅଧିକାରୀଙ୍କ ଅନୁଯାୟୀ, ସ୍ଥାନୀୟ ସମୟ ଭୋର୍ ପ୍ରାୟ ୩ଟା ୪୦ ସମୟରେ ଦେଶର ଆକାଶ ସୀମାରେ ଏକ ଅଜଣା ବସ୍ତୁ ଦେଖାଯାଇଥିଲା। ସୀମାରୁ ପ୍ରାୟ ୯୦ କିଲୋମିଟର ଦୂରରେ ଥିବା ତାର୍ନାୱା-କୋଲୋନିଆ ଗ୍ରାମ ନିକଟରେ ଏକ କ୍ଷେତରେ ବସ୍ତୁଟି ପଡ଼ିଥିଲା। ବିସ୍ଫୋରଣ ସ୍ଥାନରେ ଏକ ବଡ଼ ଗର୍ତ୍ତ ହୋଇଯାଇଥିଲା। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ପରିସ୍ଥିତିର ସମୀକ୍ଷା କରିବା ପାଇଁ ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳକୁ ଯାଇଥିଲେ। ପୋଲାଣ୍ଡର ପ୍ରତିରକ୍ଷା ମନ୍ତ୍ରୀ, ୱାଡିସଲାଭ କୋସିନିଆକ-କାମିସ୍ କହିଛନ୍ତି, ଦେଶର ବାୟୁ ପ୍ରତିରକ୍ଷା ଏବଂ ନିରୀକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ସତର୍କ ରହିଛି। ୟୁକ୍ରେନୀୟ ବାୟୁସେନା ଅନୁଯାୟୀ , ରୁଷ ଏକକାଳୀନ ୭୪ଟି କ୍ରୁଜ୍, ବାଲିଷ୍ଟିକ୍ ଏବଂ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଏହା ସହିତ, ଆକ୍ରମଣରେ ୨୮୪ଟି ଶାହେଦ୍ ଡ୍ରୋନ୍ ମଧ୍ୟ ବ୍ୟବହାର କରାଯାଇଥିଲା। ୟୁକ୍ରେନର ଲ୍ଭିଭ ସହରରେ, ଏକ କ୍ଷେପଣାସ୍ତ୍ର ଆବାସିକ କୋଠା ଉପରେ ପଡ଼ିବାରୁ ତିନି ଜଣ ଶିଶୁଙ୍କ ସମେତ ୩୧ ଜଣ ଆହତ ହୋଇଥିଲେ। କିଭ୍ ଏବଂ କ୍ରିଭି ରିହରେ ମଧ୍ୟ ଯଥେଷ୍ଟ କ୍ଷୟକ୍ଷତି ହୋଇଛି, ପିଲାମାନଙ୍କ ସମେତ ସାତ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଛି।

# ସଂସଦରେ ବନ୍ଦେ ମାତରମ୍ ବିଲ୍ ପାସ୍

## ରାଷ୍ଟ୍ରପତିଙ୍କ ଅନୁମୋଦନକୁ ଅପେକ୍ଷା

ନୂଆଦିଲ୍ଲୀ : ରାଜ୍ୟସଭା ପରେ ଲୋକସଭାରେ ପାରିତ ହୋଇଛି ଭାରତର ଜାତୀୟ ସଂଗୀତ ବନ୍ଦେ ମାତରମ ସହ ଜଡ଼ିତ ବିଲ୍। ବନ୍ଦେ ମାତରମକୁ ଅପମାନିତ କିମ୍ବା ଏହା ଗାନ ହେଉଥିବା ସମୟରେ ବାଧା ସୃଷ୍ଟି କଲେ ଏହାକୁ ଅପରାଧିକ ମାମଲା ଭାବେ ବିବେଚନା କରାଯିବ। ଦିନକ ତଳେ ପ୍ରିଭେନ୍ସନ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ୍ ହନର (ସଂଶୋଧନ) ବିଲ୍ ୧୯୭୧ ରାଜ୍ୟସଭାର ଅନୁମୋଦନ ହାସଲ କରିଥିଲା। ଆଜି ଲୋକସଭାରେ ଅଳ୍ପ ସମୟର ବିତର୍କ ସହ ଏହା ପାସ୍ ହୋଇଛି। ଏବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଏହା ପଠାଯିବ। ସେ ଏଥିରେ ମୋହର ମାରିବା ମାତ୍ରେ ପ୍ରିଭେନ୍ସନ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ୍ ହନର (ସଂଶୋଧନ) ବିଲ୍ ୧୯୭୧ ଆଇନରେ ପରିଣତ ହୋଇଯିବ। ପ୍ରିଭେନ୍ସନ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ୍ ହନର (ସଂଶୋଧନ) ବିଲ୍ ୧୯୭୧ ଆଇନରେ ପରିଣତ ହେଲେ ବନ୍ଦେ ମାତରମକୁ ଜାତୀୟ ସଙ୍ଗୀତ ଜନ ଗଣ ମନ, ତ୍ରିରଙ୍ଗା ପତାକା ଓ ସମ୍ବିଧାନ ପରି ସମାନ ଆଇନଗତ ସୁରକ୍ଷା ମିଳିବ। ବର୍ତ୍ତମାନର ୧୯୭୧ ମସିହାର ଆଇନ ଅନୁଯାୟୀ ଜାତୀୟ ସଙ୍ଗୀତକୁ ଅପମାନ କରିବା, ଗାନରେ ବାଧା ସୃଷ୍ଟି କରିବା କିମ୍ବା ବିଘ୍ନ ଘଟାଇବା ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଜରିମାନାର ବ୍ୟବସ୍ଥା ରହିଛି। ନୂଆ ବିଲ୍ ମାଧ୍ୟମରେ ବନ୍ଦେ ମାତରମକୁ ମଧ୍ୟ ଏହି ଆଇନର ପରିସରରେ ଅଣାଯାଇଛି। ଜାତୀୟ ସଙ୍ଗୀତର ୧୫୦ତମ ବର୍ଷପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାର ଗତ କିଛି ମାସ ଧରି ବନ୍ଦେ ମାତରମକୁ ଅଧିକ ଗୁରୁତ୍ୱ ଦେଇଆସୁଛନ୍ତି। ଚଳିତ ବର୍ଷ ଫେବୃଆରୀରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା ଯେ ଯେଉଁ ସରକାରୀ କାର୍ଯ୍ୟକ୍ରମରେ ଜନ ଗଣ ମନ ବଜାଯାଏ କିମ୍ବା ଗାନ କରାଯାଏ ସେଠାରେ ବନ୍ଦେ ମାତରମ ମଧ୍ୟ ଗାଇବା କିମ୍ବା ବଜାଇବା ବାଧ୍ୟତାମୂଳକ ହେବ।

# ଲୋକସଭାରେ ହଟ୍ଟଗୋଳ, ଗୃହ ମୁଲତବୀ

ନୂଆଦିଲ୍ଲୀ : ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରତିବାଦକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ ନେଇ ଲୋକସଭାରେ ହଟ୍ଟଗୋଳ ହୋଇଛି। ଫଳରେ ଅପରାହ୍ନ ୩ଟା ଯାଏ ଲୋକସଭାକୁ ମୁଲତବୀ କରାଯାଇଥିଲା। ବିରୋଧୀ ସଦସ୍ୟମାନେ ଗୃହ ଆରମ୍ଭରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଏହି ପ୍ରସଙ୍ଗରେ ଉତ୍ତର ଦାବି କରିଥିଲେ।

ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ ବିର୍ଲା ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଥିବା ପାରା ଆଥଲେଟ ଦିଲ୍ଲୀପ ଗାଭିଟ ଓ ମହମ୍ମଦ ବାସିଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ପ୍ରଶ୍ନପତ୍ର କାର୍ଯ୍ୟ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ। ସେ ବିରୋଧି ସଦସ୍ୟମାନେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ମନ୍ତବ୍ୟ ଦାବିରେ ପ୍ରତିବାଦ କରିଥିଲେ। ଫଳରେ ଗୃହକୁ ମୂଳତବୀ କରାଯାଇଥିଲା। ମୂଳତବୀ ପରେ ଅପରାହ୍ନ ୩ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ଜାତୀୟ ସମ୍ମାନ ସଂଶୋଧନ ବିଲ ୨୦୨୬ ଆଲୋଚନା ହୋଇଥିଲା। ତେବେ ବିରୋଧିଙ୍କ ହଟ୍ଟଗୋଳ ଜାରି ରହିଥିବାରୁ ବାଚନିକ ଭୋଟରେ ଏହାକୁ ପାରିତ କରାଯାଇଥିଲା। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଶୁକ୍ରବାର ସକାଳ ୧୧ଟା ଯାଏ ଗୃହକୁ ମୂଳତବୀ କରାଯାଇଛି। ଏହି ବିଲର ରାଜ୍ୟସଭାରେ ପାରିତ ହୋଇଛି।

# ଇ-୨୦ ଇନ୍ଧନ କ୍ଷତି କରିବନି, ମାଇଲେଜ୍ କମାଇବ

ନୂଆଦିଲ୍ଲୀ : ଇ-୨୦ ଇନ୍ଧନ ଅଧିକାଂଶ ଯାନବାହନକୁ କୌଣସି ବଡ଼ କ୍ଷତି ପହଞ୍ଚାଇବ ନାହିଁ କିନ୍ତୁ ଗାଡିର ମାଇଲେଜକୁ ୨ରୁ ୬%



ହ୍ରାସ କରିପାରେ ବୋଲି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଗଡକାରୀ କହିଛନ୍ତି ଯେ, ବିଏସ-୩ ମାନଙ୍କ ପାଳନ କରୁଥିବା ତଥା ୨୦୧୬ ପୂର୍ବରୁ ନିର୍ମିତ ହୋଇଥିବା ଯାଦବାହନ ଗୁଡିକର କିଛି ରବର ପାର୍ଟ ଓ ଗ୍ଲାସକେଟ ବଦଳାଇବାକୁ ପଡିପାରେ। ଏହି କାମ ନିୟମିତ ସର୍ଭିସ ସମୟରେ ସହଜରେ ହୋଇପାରିବ। ଇଞ୍ଜିନରେ କୌଣସି ବଡ଼ ପରିବର୍ତ୍ତନ ଆବଶ୍ୟକ ନାହିଁ। ଦେଶରେ ୨୦ କୋଟିରୁ ଉର୍ଦ୍ଧ୍ୱ ୨ ଚକିଆ ଓ ୩ କୋଟିରୁ ଅଧିକ ଚାରି ଚକିଆ ବ୍ୟବହାର ହୋଇଛି।

ଆଇଓସିଏ, ଆଇଆଇପି, ଏସଆଇଏଏମ୍ ଏବଂ ଏଆଇ ପକ୍ଷରୁ ମିଳିତ ଭାବେ ଇ-୨୦ ଇନ୍ଧନର ପ୍ରଭାବ ଉପରେ ବ୍ୟପକ ଅଧ୍ୟୟନ କରାଯାଇଛି। ଏଥିରୁ ଜଣାପଡିଛି ଯେ, ଏହାର ବ୍ୟବହାର କରିବା ଦ୍ୱାରା ଇଞ୍ଜିନର କାର୍ଯ୍ୟ ଦକ୍ଷତା, ଷ୍ଟାର୍ଟିଂ କ୍ଷମତା ଟ୍ରାଇଭିଂ ଅଭିଜ୍ଞତା ଧାତୁ କିମ୍ବା ପ୍ଲାଷ୍ଟିକ ଅଂଶ ଉପରେ କୌଣସି ଅସ୍ୱାଭାବିକ ପ୍ରଭାବ ପଡିବ ନାହିଁ। ଅତ୍ୟଧିକ ଇଞ୍ଜିନ ଘର୍ଷଣ ହେବାର ଲକ୍ଷ୍ୟଣ ମିଳିବ ନାହିଁ। ତେବେ ଗାଡିର ମାଇଲେଜ କେବଳ ଇନ୍ଧନ ଉପରେ ନିର୍ଭର କରେ ନାହିଁ। ରାସ୍ତା ଅବସ୍ଥା, ଡ୍ରାଇଭିଂ ଶୈଳୀ, ଟ୍ରାଫିକ, ଇଞ୍ଜିନ ଅବସ୍ଥା ଭଳି ଅନେକ କାରଣ ମଧ୍ୟ ମାଇଲେଜ ଉପରେ ପ୍ରଭାବ ପକାଇଥାଏ। ତେଣୁ ମାଇଲେଜ ହ୍ରାସ ପାଇଁ କେବଳ ଇ-୨୦ ଇନ୍ଧନକୁ ଦାୟୀ କରାଯାଇପାରିବ ନାହିଁ। ଇ-୨୦ ପେଟ୍ରୋଲ କାର୍ଯ୍ୟକାରୀ ହେବା ପୂର୍ବରୁ ଅନେକ ବର୍ଷ ଧରି ଲ୍ୟାବ ପରୀକ୍ଷଣ, କ୍ଷେତ୍ର ପରୀକ୍ଷଣ ଓ ବୈଷୟିକ ପରୀକ୍ଷଣ କରାଯାଇଥିଲା।

# ପେଲେଟ୍ ଗନ୍ ବ୍ୟବହାର : ପରୀକ୍ଷା ନିରୀକ୍ଷା କରିବ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ସିଜେପି ଆନ୍ଦୋଳନ ସମୟରେ ଭିଡ ନିୟନ୍ତ୍ରଣ ପାଇଁ ପ୍ରତିବାଦକାରୀଙ୍କ ଉପରେ ପେଲେଟ ଗନର ବ୍ୟବହାର ପ୍ରସଙ୍ଗକୁ ସୁପ୍ରିମକୋର୍ଟ ପରୀକ୍ଷାନିରୀକ୍ଷା କରିବ। କିନ୍ତୁ ମେଟାଲିକ ପେଲେଟର ବ୍ୟବହାର ନିଷିଦ୍ଧ ପାଇଁ ହୋଇଥିବା ଆବେଦନ ଉପରେ ପ୍ରସ୍ତାବ ଦେଇ କହିଛନ୍ତି ଯେ, ଏକ ପ୍ରୋଟୋକଲ ଏହାର ବ୍ୟବହାର ନେଇ ପ୍ରସ୍ତୁତ ହେଉ। ତେବେ ଆବଶ୍ୟକ ସ୍ଥଳେ ପେଲେଟ ଗନର ବ୍ୟବହାର ହୋଇପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପୂର୍ବତନ ଆଇପିଏସ ଅଫିସର ଯଶବର୍ଦ୍ଧନ ଆଜାଦ ଓ ଅନ୍ୟ ଦୁଇ ବ୍ୟକ୍ତିଙ୍କ ପକ୍ଷରୁ ହୋଇଥିବା ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି ସମୟରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ କହିଛନ୍ତି ଯେ, ଜନ୍ତରମନ୍ତରରେ ଛାତ୍ର ପ୍ରତିବାଦ ସମୟରେ ଆରଏଏଫକୁ ଅସ୍ତ୍ରଶସ୍ତ୍ର ସହ ମୁତୟନ କରିବାର ନିର୍ଦ୍ଦେଶ



ସମୟରେ ମଧ୍ୟ ତର୍ଜମା କରାଯିବ। ଆହତମାନଙ୍କ ଚିକିତ୍ସାକୁ ସୁନିଶ୍ଚିତ କରିବା ଦରକାର। ଆବେଦନକାରୀ ମଧ୍ୟ ସମ୍ପୂର୍ଣ୍ଣ କିମ୍ବା ଅଂଶିକ ଭାବେ ମେଟାଲିକ କାଇନେଟିକ୍ ପ୍ରୋଜେଟ ଟାଇଲର ବ୍ୟବହାରକୁ ସମ୍ପୂର୍ଣ୍ଣ କିମ୍ବା ଅଂଶିକ ବନ୍ଦ କରିବାକୁ ଆବେଦନ କରିଛନ୍ତି। ତେବେ ପ୍ରଧାନବିଚାରପତି କହିଛନ୍ତି ଯେ, ମାତ୍ରାଧିକ ବ୍ୟବହାର ଦେଇ ଅଭିଯୋଗ ଆସିଛି। ପ୍ରୋଟକଲକୁ ଅନୁଧ୍ୟାନ କରାଯିବ। ଜଷ୍ଟିସ ଜୟମାଲା ବାଗଚୀ କହିଥିଲେ ଯେ, ଏଭଳି ଅସ୍ତ୍ରଶସ୍ତ୍ରର ବ୍ୟବହାର ନେଇଥିବା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ପରୀକ୍ଷା ନିରୀକ୍ଷା କରାଯିବ। ଯେଉଁ ପରିବର୍ତ୍ତନ ପାଇଁ ଆବେଦନ କରାଯାଇଛି ତାହା ଉପରେ ଆମେ ପରୀକ୍ଷା ନିରୀକ୍ଷା କରିବୁ। ପୋଲିସ କେତେକ ବିଶେଷ ଘଟଣାରେ ଏହାର ବ୍ୟବହାର କରିପାରିବୁ ବୋଲି ନିୟମ ରହିଛି। ତେବେ ଏନେଇ ତର୍ଜମା କରାଯିବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବୃନ୍ଦା ଗୋବର କହିଥିଲେ ଯେ, ରବର ଓ ପ୍ଲାଷ୍ଟିକର ପେଲେଟ ରହିଛି। ମାତ୍ର ଜୁଲାଇ ୨୦ରେ ପ୍ରତିବାଦକାରୀଙ୍କ ଉପରେ ଯାହା ବ୍ୟବହାର କରାଯାଇଛି ତାହା ଧାତବ ପେଲେଟ। ଆହତଙ୍କ ଶରୀରରୁ ଏହା ମିଳିଛି। ଏହା ଏକ ହିଂସା ଶୋଭାଯାତ୍ରା ନଥିଲା। ତେବେ କୋର୍ଟ କହିଥିଲେ ଯେ ବ୍ୟକ୍ତିଗତ ମାମଲାରେ ପେଲେଟର ବ୍ୟବହାର ନେଇ ଆମେ ପରୀକ୍ଷା କରିବୁ। ବିଶେଷ କରି କେଉଁ ପରିସ୍ଥିତିରେ ଏହା ବ୍ୟବହାର ହେଉଛି ତାହା ଅନୁଧ୍ୟାନ କରାଯିବ।

### ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ରାହୁଲଙ୍କ ଦାବି

# ତଦନ୍ତ କରନ୍ତୁ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମ୍ କୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ଓ ଉଚ୍ଚସ୍ତରୀୟ କମିଟି ଗଠନ କରି ପୋଲିସର "ବଳପ୍ରୟୋଗ"ର ତଦନ୍ତ କରାଯାଉ ବୋଲି ଗୁରୁବାର ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି। ଗତ ଜୁଲାଇ ୨୦ ତାରିଖରେ ହୋଇଥିବା ବିକ୍ଷୋଭ ସମୟରେ ପୋଲିସର ଲାଠିଚାର୍ଜ ଭିଡିଓ ସୋସିଆଲ ମିଡିଆ ' 'ଏକ୍ସ' ରେ ଶେୟାର କରି ସେ ଏହି ଦାବି ଉଠାଇଛନ୍ତି। ଛାତ୍ରଛାତ୍ରୀଙ୍କ



ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଓ " ପେଲେଟ୍ ଗନ୍ ବ୍ୟବହାର ଅଭିଯୋଗ ଆଣି ରାହୁଲ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଇସ୍ତଫା ଦାବି କରିଛନ୍ତି। ସଂସଦରେ ""ପେପର ଲିକ୍ ବିରୋଧୀ ବିଲ୍"" ଉପରେ ଚାଲିଥିବା ଆଲୋଚନା ସମୟରେ ରାହୁଲ କହିଛନ୍ତି ଯେ, ଏହି ଘଟଣା ପାଇଁ ଗୃହମନ୍ତ୍ରୀ ସିଧାସଳଖ ଦାୟୀ। ଅନ୍ୟପକ୍ଷରେ, ବିଜେପି ରାହୁଲଙ୍କ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଆଖ୍ୟା ଦେଇ ସେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି। ଲୋକସଭାରେ ରାହୁଲ ଦେଇଥିବା କେତେକ ବୟାନକୁ ବାଚସ୍ପତି ଗୃହର କାର୍ଯ୍ୟବିବରଣୀରୁ ବାଦ୍ ଦେଇଥିବା ବେଳେ, ସେ ଗୃହ ବାହାରେ ମଧ୍ୟ ସମାନ ଦାବି ଦୋହରାଇଛନ୍ତି।

# ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ : ଭାରତ ଆସିବେ ପୁଟିନ୍ ଓ ଜିନ୍‌ପିଙ୍ଗ୍ !

ନୂଆଦିଲ୍ଲୀ: ନୂଆଦିଲ୍ଲୀଠାରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଆୟୋଜନ କରୁଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗଦେବାର ସମ୍ଭାବନା ରହିଛି। ପଶ୍ଚିମ ଏସିଆ ବିବାଦକୁ ନେଇ ଇରାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ସମୟରେ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ସୂତ୍ର ଅନୁଯାୟୀ, ତିନି ନେତାଙ୍କ ଉପସ୍ଥିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ପୃଥକ ଦ୍ୱିପାକ୍ଷିକ ବୈଠକ ପାଇଁ ଦ୍ୱାର ଖୋଲିପାରେ। ଯଦି ଜିନ୍ପିଙ୍ଗ ଭାରତ ଆସନ୍ତି, ତେବେ ଏହା ଅକ୍ଟୋବର ୨୦୧୯ ପରେ ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଜିନ୍ପିଙ୍ଗ ୬ ବର୍ଷ ତଳେ ତାମିଲନାଡୁର ମାମଲ୍ଲାପୁରମରେ ମୋଦୀଙ୍କୁ ଭେଟିଥିଲେ। କିନ୍ତୁ



ଏହାପରେ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍ଏସି) ଲଦାଖ ସେକ୍ଟରରେ ଚୀନ୍ ସୈନ୍ୟଙ୍କ ଅନୁପ୍ରବେଶ ପରେ କିଛି ମାସ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତୀବ୍ର ଭାବରେ ବିଗିଡ଼ି ଯାଇଥିଲା। ପରବର୍ତ୍ତୀ ସମୟରେ ମୋଦୀ ଓ ଜିନ୍ପିଙ୍ଗ ଅକ୍ଟୋବର ୨୦୨୪ରେ ରୁଷିଆର କାଜାନଠାରେ ପରସ୍ପରକୁ ଭେଟିଥିଲେ ଓ ଏଲ୍ଏସିଠାରେ ଲାଗି ରହିଥିବା ବିବାଦର ସମାଧାନ କରିଥିଲେ। ଗତ ଅଗଷ୍ଟରେ ତିଆନଜିନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ସେମାନଙ୍କର ସାମ୍ପ୍ରତିକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଭାରତ ପାଞ୍ଚବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଛି। ଏହି ବୈଠକରେ ଇରାନ ଓ ୟୁଏଇ ମଧ୍ୟରେ ମତଭେଦ ଆଲୋଚନାକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଜାନୁଆରି ୨୦୨୪ ରେ ବ୍ରିକ୍ସର ସମ୍ପ୍ରସାରଣ ପରେ ଇରାନ ଓ ୟୁଏଇ ଏଥିରେ ସାମିଲ ହୋଇଥିଲେ। ପେଜେସ୍କିୟାନଙ୍କ ଅଂଶଗ୍ରହଣ ତେହେରାନକୁ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଭାରତୀୟ ନେତୃତ୍ୱଙ୍କୁ ଅବଗତ କରାଇବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ପେଜେସ୍କିୟାନଙ୍କ ଅଂଶଗ୍ରହଣ ତେହେରାନକୁ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଭାରତୀୟ ନେତୃତ୍ୱଙ୍କୁ ଅବଗତ କରାଇବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ଜନତାଙ୍କ ସ୍ୱରକୁ ଦମନ କରା ନଯାଉ

ଶ୍ରୀନଗର : ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫତି ପାକ୍ ଅଧିକୃତ ଜାମ୍ମୁ ଓ କାଶ୍ମୀର(ପିଓଜେକେ)ରେ ପ୍ରତିବାଦ କରୁଥିବା କାଶ୍ମୀରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ କଡ଼ା ସମାଲୋଚନା କରିଛନ୍ତି। ସେ କାଶ୍ମୀରୀଙ୍କ ବିରୋଧରେ ପାକିସ୍ତାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ସୋସିଆଲ ମିଡିଆ



ହ୍ୟାଣ୍ଡେଲ, ଏକ୍ସରେ ଏକ ପୋଷ୍ଟରେ ମୁଫତି କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ବିରୋଧରେ ନିୟନ୍ତ୍ରଣ ରେଖା ପାର ହୋଇ ବଳ ପ୍ରୟୋଗ କରାଯାଉଥିବାର ଯେଉଁ ଚିତ୍ର ସାମ୍ନାକୁ ଆସୁଛି ତାହା ଅତ୍ୟନ୍ତ ହୃଦୟ ବିଦାରକ। କୌଣସି ଦେଶ ନିଜ ଲୋକଙ୍କ ସ୍ୱରକୁ ଦମନ କରି କେବେ ମଧ୍ୟ ବିକାଶ କରିପାରିବ ନାହିଁ। ଏହି ଦମନମୂଳକ ନୀତି ଜନସାଧାରଣଙ୍କ ସ୍ୱରକୁ ଦମନ କରିବା ପାଇଁ ଉଦ୍ଦିଷ୍ଟ। ପାକିସ୍ତାନୀ ସରକାରଙ୍କୁ ଏକ ମାନବିକ ଏବଂ ଆଲୋଚନା-ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ୍ ଥିଲା। ରିପୋର୍ଟଗୁଡ଼ିକ ଦାବି କରୁଛି ଯେ ପ୍ରତିବାଦକାରୀଙ୍କ ଦାବି ଯଥାର୍ଥ ଏବଂ ଏହା ଶୁଣିବା ଜରୁରୀ। ସରକାର ଏହି କାର୍ଯ୍ୟ ବନ୍ଦ କରିବା ଉଚିତ୍ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ଉପରେ ଗୁଳି ଚଳାଇବା ବନ୍ଦ କରିବା ଆବଶ୍ୟକ।

# ଆସାମ ବନ୍ୟା : ମୃତ୍ୟୁସଂଖ୍ୟା ୭୮ରେ ପହଞ୍ଚିଲା



ଗୁଆହାଟୀ: ଆସାମରେ ପ୍ରଳୟଙ୍କାରୀ ବନ୍ୟା ଆସି ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ବୁଧବାର ସୁଦ୍ଧା ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୭୮ରେ ପହଞ୍ଚିଛି। ଶିବସାଗର ଓ ଗୋଲାଘାଟ ଜିଲ୍ଲାରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଛି। ସରକାରୀ ବୁଲେଟିନ ଅନୁଯାୟୀ, ଶିବସାଗରରେ ଦୁଇ ଜଣଙ୍କର ମୃତ୍ୟୁ ଓ ଗୋଲାଘାଟରେ ଜଣଙ୍କର ମୃତ୍ୟୁ ହୋଇଛି। ସାତଟି ଜିଲ୍ଲାରେ ୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ସାତଟି ବନ୍ୟା ପ୍ରଭାବିତ ଜିଲ୍ଲା - ଶିବସାଗର, ଚରାଇଦେଓ, ଗୋଲାଘାଟ, ଜୋରହାଟ, ନାଗାଓଁ, ବିଶ୍ୱନାଥ ଓ କାମରୂପ ମେଟ୍ରୋପଲିଟାନ୍ରେ ୩,୦୦,୦୩୧ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୨୧ଟି ରାଜସ୍ୱ ସର୍କଲ ଓ ୫୫୧ଟି ଗ୍ରାମକୁ ବନ୍ୟା ଜଳ ପ୍ରଭାବିତ କରୁଛି। ୨୧,୫୨୩.୦୮ ହେକ୍ଟର ଫସଲ ଅଞ୍ଚଳ ବୁଡ଼ି ରହିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରେ ଚରାଇଦେଓ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଚରାଇଦେଓରେ ୧,୩୭,୫୬୧ ଜଣ, ଶିବସାଗର ୮୪,୬୦୦ ଲୋକ ଓ ଜୋରହାଟରେ ୪୯,୯୧୧ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ଛଅଟି ଜିଲ୍ଲାରେ ପ୍ରଭାବିତ ଲୋକଙ୍କ ସଂଖ୍ୟା ୩.୩୨ ଲକ୍ଷ ଥିଲା, ଯାହା ସାମଗ୍ରିକ ବନ୍ୟା ପରିସ୍ଥିତିରେ ସାମାନ୍ୟ ଉନ୍ନତି ସୂଚାଉଛି।

# ସଲମାନ ରୁଶଦିଙ୍କୁ ଆକ୍ରମଣ ମାମଲା: ହାଦି ଦୋଷୀ ସାବ୍ୟସ୍ତ

ୱାଶିଂଟନ : ଆମେରିକାର ଏକ କୋର୍ଟ ୨୦୨୨ ମସିହାରେ ନ୍ୟୁୟର୍କରେ ପ୍ରଖ୍ୟାତ ଲେଖକ ସଲମାନ ରୁଶଦିଙ୍କ ଉପରେ ହୋଇଥିବା ଛୁରୀ ଆକ୍ରମଣ ଘଟଣାରେ ଜଣେ ଆମେରିକୀୟ ନାଗରିକଙ୍କୁ ସଂଘୀୟ ଆତଙ୍କବାଦ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ନ୍ୟୁୟର୍କର ବଫାଲୋର ଫେଡେରାଲ ବିଚାରପତିଙ୍କ ଏକ ପ୍ୟାନେଲ ନ୍ୟୁ ଜର୍ସିର ଫେୟାରଭ୍ୟୁର ୨୮ ବର୍ଷୀୟ ହାଦି ମତରଙ୍କୁ ବିଦେଶୀ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାକୁ ସହାୟତା ଯୋଗାଇବା, ଆନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ରହିବା ଏବଂ ଆତଙ୍କବାଦୀଙ୍କୁ ସହାୟତା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆମେରିକାରେ ଜନ୍ମଗ୍ରହଣ ଏବଂ ପାଳିତ ହେବା ସତ୍ତ୍ୱେ, ହାଦି ହିଂସାକୁ ପ୍ରୋତ୍ସାହିତ କରୁଥିବା ଏବଂ ସଲମାନ ରୁଶଦିଙ୍କ ହତ୍ୟା ପାଇଁ ଆହ୍ୱାନ ଦେଉଥିବା ଇରାନୀ ନେତାମାନଙ୍କର ମୌଳବାଦୀ ଏବଂ ଆତଙ୍କବାଦୀ ଚିନ୍ତାଧାରା ଗ୍ରହଣ କରିଥିଲେ ବୋଲି ନ୍ୟୁୟର୍କର ପଶ୍ଚିମ ଜିଲ୍ଲାର ଆମେରିକୀୟ ଆଇନଜୀବୀ ମାଇକେଲ ଡିଜିଆକୋମୋ କହିଛନ୍ତି। ରୁଶଦିଙ୍କ ହତ୍ୟା ପାଇଁ କିଛି ମାସ ଧରି ସେ ଯୋଜନା ଏବଂ ପ୍ରସ୍ତୁତି କରିଥିଲେ।

# ୟୁକ୍ରେନୀୟ ଏଫ୍-୧୬ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ

କିଭ୍: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରୁ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ୟୁକ୍ରେନୀୟ ବାୟୁସେନା ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି ଯେ ଏହାର ଏକ ଏଫ୍-୧୬ ଯୁଦ୍ଧ ବିମାନ ଏକ ମିଶନ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ, ବିମାନରେ ଥିବା ପାଇଲଟ୍ ସମୟୋଚିତ ଉପସ୍ଥିତ ବୁଦ୍ଧି ଖଟାଇ ବାହାରକୁ ବାହାରି ଆସିଥିଲେ। ତାଙ୍କ ଜୀବନ ବଞ୍ଚିଯାଇଛି। ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଯୁଦ୍ଧ ବିମାନଟି ରୁଷର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍କୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରୁ ମିଳିଲା ଆଧ୍ୟାତ୍ମିକ ଅନୁଭୂତି : ସୋନୁ ନିଗମ


ମୁମ୍ବାଇ : ବିଶ୍ୱପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ରଥଯାତ୍ରା ଅବସରରେ ପୁରୀକୁ ଦେଶ-ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଆଗମନ କରି ଏହି ଭବ୍ୟ ଆଧ୍ୟାତ୍ମିକ ଉତ୍ସବର ସାକ୍ଷୀ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଏବଂ ପ୍ରଖ୍ୟାତ ପାର୍ଶ୍ୱଗାୟକ ସୋନୁ ନିଗମ, ଯିଏ ପ୍ରଥମ ଥର ପାଇଁ ପୁରୀରେ ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦର୍ଶନ କରିଥିଲେ । ସୋନୁ ନିଗମ କହିଥିଲେ ଯେ, ଗତ ତିନି ଦଶନ୍ଧି ଧରି ସେ ଶହ ଶହ ଓଡ଼ିଆ ଗୀତ ଓ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗୀକୃତ ଭଜନ



ଗାଇଥିଲେ ମଧ୍ୟ କେବେ ରଥଯାତ୍ରାକୁ ପ୍ରତ୍ୟକ୍ଷଭାବେ ଦେଖିବାର ସୁଯୋଗ ପାଇନଥିଲେ । ପବିତ୍ର ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ଓ ଭକ୍ତିଭାବ ତାଙ୍କୁ ଅଭିଭୂତ କରିଦେଇଛି । ନିଜ ଭଉଣୀ ଏବଂ ଇଉଜେନିକ୍ସ ହେୟାର ସାଇନ୍ସେସର ସହ-ପ୍ରତିଷ୍ଠାତା ଡା. ପ୍ରଦୀପ ସେଠୀଙ୍କ ସହ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡା, ରାଜ୍ୟପାଳ ଡା. ହରି ବାବୁ କମ୍ଭମ୍ପାଟି ଏବଂ ସାଂସଦ ସମ୍ବିତ ପାତ୍ରଙ୍କ ସହ ସାକ୍ଷାତ କରିଥିଲେ । ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ବିକାଶ ଏବଂ ବିଶ୍ୱସ୍ତରରେ ଏହାର ବଢୁଥିବା ପରିଚିତି ସମ୍ପର୍କରେ ଆଲୋଚନା ହୋଇଥିଲା ।

# ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ୩୧୮ କୋଟି ମଞ୍ଜୁର କରିଛି କେନ୍ଦ୍ର

ନୂଆଦିଲ୍ଲୀ : ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ସରକାର ଏକାଧିକ ଯୋଜନାରେ ସହାୟତା ରାଶି ଯୋଗାଇ ଦେଇଛନ୍ତି। ୨୦୧୪-୧୫ରୁ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୩୧୮ କୋଟିରୁ ଅଧିକ ଟଙ୍କା ଯୋଗାଇ ଦିଆଯାଇଛି । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି । ସେ



କହିଛନ୍ତି, ପର୍ଯ୍ୟଟନ ବିକାଶ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ବ୍ୟାପାର ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ସ୍ୱଦେଶ ଦର୍ଶନ ଯୋଜନାର ଦୁଇଟି ପର୍ଯ୍ୟାୟ, ଚାଲେଞ୍ଜ ଆଧାରିତ ପର୍ଯ୍ୟଟନସ୍ଥଳୀ ବିକାଶ (ସିବିଡିଡି) ଯୋଜନା, ପ୍ରସାଦ ଆଦି ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଇଥା'ନ୍ତି । ୨୦୧୬-୧୭ ଆର୍ଥିକ ବର୍ଷରେ ଓଡ଼ିଶାର ଗୋପାଳପୁର, ବରକୁଳ, ସାତପଡ଼ା, ତାମ୍ପରାକୁ ନେଇ ଉପକୂଳ ସର୍କିଟ୍ ବିକାଶ ଲାଗି କେନ୍ଦ୍ର ସରକାର ୭୦ କୋଟି ୮୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ସେହିପରି ରାଜ୍ୟଗୁଡ଼ିକ ମିଳୁଥିବା ସ୍ୱତନ୍ତ୍ର ପୁଞ୍ଜି ନିବେଶ ସହାୟତା ଯୋଜନାରେ ହୀରାକୁଦର ବିକାଶ ଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ୯୯.୯୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ ସାତକୋଶିଆର ବିକାଶ ଲାଗି ମଧ୍ୟ ୯୯.୯୯ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ପ୍ରକଳ୍ପ ପାଇଁ ୧୩୧ କୋଟିରୁ ଅଧିକ ଟଙ୍କା ଜାରି କରାଯିବା ସହିତ ବିକାଶ କାମ ଜାରି ରହିଛି । ଏଥିପୂର୍ବରୁ ୨୦୧୪-୧୫ ଆର୍ଥିକ ବର୍ଷରେ ପୁରୀ ଶ୍ରୀଜଗନ୍ନାଥ ଧାମ, ରାମଚଣ୍ଡୀ, ଦେଉଳିଠାରେ ପ୍ରାଚୀ ନଦୀ ତଟ ବିକାଶ ନିମନ୍ତେ ପ୍ରସାଦ ଯୋଜନାରେ ୫୦ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ହୋଇଥିବା ଶ୍ରୀ ଶେଖାୱତ ସୂଚନା ଦେଇଛନ୍ତି ।

# କାନ୍ଦି କାନ୍ଦି ଅବସର ନେଲେ ରାହାଣେ

ନୂଆଦିଲ୍ଲୀ,୩୦।୭ (ଏଜେନ୍ସି): ଆଉ ଜଣେ କ୍ରିକେଟରଙ୍କ କ୍ୟାରିୟର ସୂର୍ଯ୍ୟାସ୍ତ ହୋଇଛି । ସବୁ ଆରମ୍ଭର ଶେଷ ଥାଏ, ସେହି ଶେଷକୁ ସମ୍ମାନ ଜଣାଇ କ୍ରିକେଟର ସବୁ ଫର୍ମାଟରୁ କାନ୍ଦି କାନ୍ଦି ଅବସର ନେଇଛନ୍ତି ଭାରତୀୟ ଦଳର ଟେଷ୍ଟ ସ୍ପେଶାଲିଷ୍ଟ ଆଜିଙ୍କ୍ୟ ରାହାଣେ । ସେ ଅନ୍ତର୍ଜାତୀୟ କ୍ରିକେଟର ସବୁ ଫର୍ମାଟରୁ ଅସବର ନେଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ୩ ବର୍ଷ ଧରି ଘରୋଇ କ୍ରିକେଟ ଖେଳି ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରାହାଣେ ଥିଲେ । କିନ୍ତୁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ବାଡ଼ ବନ୍ଦ ହୋଇସାରିଥିବା ରାହାଣେ ବୁଝି ସାରିଥିଲେ । ଏଥିପାଇଁ ଅବସର ଘୋଷଣା ବେଳେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା । ଲୁହ ଭିଜା ଆଖିରେ କ୍ୟାପ୍ ନଂ ୨୭୮ ସାଇନିଂ ଅଫ ବୋଲି କହିଥିଲେ । ଏତେ ବର୍ଷ ଧରି ତାଙ୍କୁ ମିଳିଥିବା ଭଲପାଇବା ଅସମର୍ଥନ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ନିଜ ଅବସର ଘୋଷଣା ଭିଡିଓରେ ସେ ସମସ୍ତ ପ୍ରକାର କ୍ରିକେଟରୁ ସନ୍ୟାସ ନେଇଥିବା ତଥା କହିବା ସହ କ୍ୟାରିୟର ସ୍ମୃତିକୁ ମନେ ପକାଇ ଭାବ ବିହ୍ୱଳ ହୋଇଥିଲେ । କ୍ରିକେଟରଙ୍କ ଜୀବନରେ ବିଫଳତା ଏକ ସାଧାରଣ ଘଟଣା ବୋଲି ସ୍ୱୀକାର କରି ସେ ପ୍ରଶଂସକଙ୍କ ଦେଇଥିବା ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଆପଣମାନେ ସର୍ବଦା ମୋତେ ନିଜ ପରି ଭଲ ପାଇଛନ୍ତି । ଆପଣମାନଙ୍କ ବିଶ୍ୱାସ




ଭଲ ପାଇବା ଏବଂ ଅତୁଟ ବିଶ୍ୱାସ ପାଇଁ କୃତଜ୍ଞତା ଜଣାଇଛନ୍ତି । ୩୮ ବର୍ଷୀୟ ରାହେଣେ କ୍ୟାରିୟର ପ୍ରତ୍ୟେକ ପର୍ଯ୍ୟାୟରେ ସମର୍ଥନ ସମର୍ଥନ ପାଇଁ ହୃଦୟରୁ ଧନ୍ୟବାଦ । ରାହାଣେ କ୍ରିକେଟରୁ ଅବସର ନେଉଛନ୍ତି ସତ କିନ୍ତୁ ନିଜ ନାଁରେ ଥିବା ବିରଳ ରେକର୍ଡକୁ ସବୁଦିନ ପାଇଁ ସେ ଛାଡିଯାଇଛନ୍ତି । ଭାରତର ନେତୃତ୍ୱ ଯେତେଥର ବି ସମ୍ଭାଳିଛନ୍ତି କେବେ ବି ତାଙ୍କ ନେତୃତ୍ୱରେ ଦଳ ହାରିନଥିଲା । ଏପରି ସଫଳତା ପାଇଥିବା କିଛି ହାତ ଗଣତି ଅଧିନାୟକଙ୍କ ମଧ୍ୟରେ ରାହାଣେ ନିଜକୁ ସାମିଲ କରିପାରିଛନ୍ତି । ଭାରତର ଅନେକ ମହାନ ଅଧିନାୟକ ଟେଷ୍ଟ କ୍ରିକେଟରେ ନିଜର ସ୍ୱତନ୍ତ୍ର ପ୍ରତିଷ୍ଠା ସୃଷ୍ଟି କରିଥିବା ବେଳେ ଭାରତର ଟେଷ୍ଟ ଅଧିନାୟକ ଭାବେ ଗୋଟିଏ ବି ମ୍ୟାଚ ହାରିନାହାଁନ୍ତି । ସେ ନେତୃତ୍ୱ ନେଇଥିବା ୬ ଟି ଟେଷ୍ଟ ମ୍ୟାଚରୁ ଭାରତ ୪ ଟି ଜିତିଥିବା ବେଳେ ୨ ଟି ଡ୍ର ରହିଥିଲା । ୧୫ ବର୍ଷର କ୍ୟାରିୟରରେ ସେ ବିଦେଶ ମାଟିରେ ଅନେକ ସ୍ମରଣୀୟ ଶତକ ହାସଲ କରିଛନ୍ତି । କିନ୍ତୁ ରାହଣେଙ୍କ କ୍ୟାରିୟରରେ ସବୁଠୁ ବଡ ପରିଚୟ ଅଷ୍ଟ୍ରେଲିଆରେ ଐତିହାସିକ ଟେଷ୍ଟ ଶୃଙ୍ଖଳା ବିଜୟ ।ଭାରତର ୩୮ ଜଣ ଟେଷ୍ଟ ଅଧିନାୟକଙ୍କ ମଧ୍ୟରୁ କେବଳ ୪ ଜଣ କେବେ ବି ଟେଷ୍ଟ ମ୍ୟାଚ ହାରିନାହାଁନ୍ତି । ଏସ୍ ଶ୍ରୀକାନ୍ତ ୪ ଟି ଟେଷ୍ଟରେ ଅଧିନାୟିକତ୍ୱ କରି ସବୁ ଡ୍ର କରିଥିଲେ । ହେମୁ ଅଧିକାରୀ ଓ ରବି ଶାସ୍ତ୍ରୀ ଗୋଟିଏ ଲେଖାଏଁ ଟେଷ୍ଟରେ ଅଧିନାୟକ ରହି ଦଳକୁ ଅପରାଜୟ ରଖିଥିଲେ । ଏହି ତାଲିକାରେ ରାହାଣେଙ୍କ ନାଁ ଯୋଡି ହୋଇଛି । କିନ୍ତୁ ଏହି ରେକର୍ଡ ତାଙ୍କ ପାଇଁ ଆହୁରୀ ସ୍ୱତନ୍ତ୍ର । କାରଣ ସେ ଏକମାତ୍ର ଅଧିନାୟକ ଭାବେ ବିଦେଶ ମାଟିରେ ଭାରତକୁ ଐତିହାସିକ ଟେଷ୍ଟ ବିଜୟ ଦେବା ସହ ଅପରାଜୟ ରଖିଛନ୍ତି ।

ଅଧିନାୟକ ଭାବେ ରାହାଣେ ୬ ଟି ଟେଷ୍ଟ ମ୍ୟାଚରେ ୩୯.୮୮ ହାରରେ ୩୫୯ ରନ କରିଛନ୍ତି । ରାହାଣେଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଉପରେ ନଜର ପକାଇଲେ ସେ ୮୫ ଟି ଟେଷ୍ଟ, ୯୦ ଟି ଦିନିକିଆ ଓ ୨୦ ଟି ଟି -୨୦ ମ୍ୟାଚ ଭାରତ ପାଇଁ ଖେଳିଛନ୍ତି । ସେ ମୋଟ ୮୪୧୪ ରନ କରିଥିବା ବେଳେ ଏଥିରେ ୧୫ ଟି ଶତକ ରହିଛି । ସେହିଭଳି ଆଇପିଏଲରେ ରାହାଣେ ମୁମ୍ବାଇ -ଇଣ୍ଡିଆନ୍ସ, ରାଜସ୍ଥାନ -ରୟାଲ୍ସ, ରାଇଜିଂ ପୁନେ - ସୁପର ଜ୍ୟାଣ୍ଟସ୍, ଦିଲ୍ଲୀକ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଂ ଓ କୋଲକାତା ନାଇଟ୍ ରାଇଡସ୍ ପାଇଁ ଖେଳିଥିଲେ । ଘରୋଇ କ୍ରିକେଟରେ ମଧ୍ୟ ରାହାଣେ ୨୦୨୪ -୨୫ ପର୍ଯ୍ୟନ୍ତ ମୁମ୍ବାଇ ଦଳର ନେତୃତ୍ୱ ନେଇଥିଲେ । ତାଙ୍କ ଅଧିନାୟିତ୍ୱରେ ମୁମ୍ବାଇ ୨୦୨୩ -୨୪ରେ ରେକର୍ଡ ୪୨ତମ ରଣଜୀ ଟ୍ରଫି ଜିତିଥିଲା ।

## ଭାରତୀୟ ହକି ଦଳ

# ଜର୍ସି ରଙ୍ଗ ପରିବର୍ତ୍ତନକୁ ନେଇ ସମାଲୋଚନା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି) : ଭାରତୀୟ ହକି ଦଳର ନୂଆ ଜର୍ସିକୁ ନେଇ ବିବାଦ ଉଠିଛି । ପୁରୁଷ ଓ ମହିଳା ହକି ବିଶ୍ୱକପ ପୂର୍ବରୁ ହକି ଇଣ୍ଡିଆ ପାରମ୍ପରିକ ନୀଳ ଜର୍ସି ସ୍ଥାନରେ ନାରଙ୍ଗୀ ରଙ୍ଗର ଜର୍ସି ଉନ୍ମୋଚନ କରିଛି । ଏହି ନିଷ୍ପତ୍ତି ଉପରେ ପୂର୍ବତନ ଭାରତୀୟ ଅଧିନାୟକ ବିରେନ ରସକିହ୍ନା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଭାରତୀୟ ଦଳର ପରିଚୟ ଥିବା ନୀଳ ଜର୍ସିକୁ ବଦଳାଇବାର ଆବଶ୍ୟକତା କ'ଣ । ଏହି ବିବାଦ ଉପରେ ହକି ଇଣ୍ଡିଆ ସ୍ପଷ୍ଟିକରଣ ରଖିଛି । ପୁରୁଷ ଓ ମହିଳା ହକି ଦଳ ଅନେକ ଦଶନ୍ଧି ଧରି ନୀଳ ଜର୍ସିରେ ଖେଳି ଆସୁଛି । ଏହି ରଙ୍ଗ ଭାରତୀୟ ହକିର ପରିଚୟ ହୋଇସାରିଛି । ନୂଆ ନାରଙ୍ଗୀ ଜର୍ସି ଲଞ୍ଚ ହେବା ପରେ ପୂର୍ବତନ ଅଧିନାୟକ ବିରେନ ରସକିହ୍ନା ସୋସିଆଲ ମିଡିଆରେ ନିଜର ମତ ରଖିଛନ୍ତି । ହକି ଇଣ୍ଡିଆ ଅନେକ ଭଲକାମ କରିଛି । କିନ୍ତୁ ଏହି ନିଷ୍ପତ୍ତି ଲଜ୍ଜାଜନକ । ଭାରତୀୟ ଦଳର ଐତିହ୍ୟ ଓ ପରିଚୟ ସବୁବେଳେ ନୀଳ ଜର୍ସି ରହିଆସିଛି । ମୁଁ ଅନେକ ବର୍ଷ ଯାଏ ଗର୍ବର ସହ ଏହି ନୀଳ ଜର୍ସି ପିନ୍ଧିଛି । ପ୍ରଶଂସକ ମଧ୍ୟ ଭାରତୀୟ ଦଳକୁ ନୀଳ ଜର୍ସିରେ ଦେଖିବାକୁ ଚାହାଁନ୍ତି । ନାରଙ୍ଗୀ ବା ଗେରୁଆ ରଙ୍ଗର ତର୍କ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି ।

ବିବାଦ ବଢିବା ପରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ନିଷ୍ପତ୍ତି ପଛର କାରଣ ସ୍ପଷ୍ଟ କରିଛନ୍ତି ।ସେ କହିଛନ୍ତି ଏହି ପରିବର୍ତ୍ତନ କେବଳ ଜଣେ ବ୍ୟକ୍ତିଙ୍କ ନିଷ୍ପତ୍ତି ନୁହେଁ । ବରଂ ଖେଳାଳି, ଅଧିନାୟକ,ପ୍ରଶିକ୍ଷକ ଏବଂ ସର୍ପୋଟିଙ୍ଗ ଷ୍ଟାଫଙ୍କ ପରାମର୍ଶ ଉପରେ ଆଧାରିତ । ନୀଳ ଜର୍ସି ଅନ୍ତର୍ଜାତୀୟ ହକିରେ ବ୍ୟବହୃତ ନୀଳ ସିନ୍ଥେଟିକ୍ ଟର୍ଫ ସହିତ ସମ୍ପୂର୍ଣ୍ଣ ମିଶି ଯାଉଥିଲା । ଏହା ଖେଳାଳିଙ୍କ ପାଇଁ ପଡିଆରେ ପରସ୍ପରକୁ ଚିହ୍ନିବା କଷ୍ଟକର ହେଉଥିଲା । ପ୍ରଶିକ୍ଷକ ଏବଂ ଖେଳାଳିମାନେ ଏହି ସମସ୍ୟାର ସମାଧାନ ପାଇଁ ହଳଦିଆ ଓ ନାରଙ୍ଗୀ ଜର୍ସିର ପରାମର୍ଶ ଦେଇଥିଲେ । ସମସ୍ତ ଦିଗକୁ ବିଚାର କରିବା ପରେ ନାରଙ୍ଗୀ ରଙ୍ଗର ଜର୍ସି ବଛାଯାଇଥିଲା । ବୈଷୟିକ ଆବଶ୍ୟକତା ପୂରଣ କରିବା ସହିତ ନାରଙ୍ଗୀ ଆମ ଜାତୀୟ ପତାକାର ତିନୋଟି ରଙ୍ଗ ମଧ୍ୟରୁ ଗୋଟିଏ । ସାହାସ, ତ୍ୟାଗ ଏବଂ ଜାତୀୟ ଗର୍ବର ପ୍ରତିକ ବୋଲି ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି ।

ହକି ଇଣ୍ଡିଆ ମଧ୍ୟ ସ୍ପଷ୍ଟ କରିଛି ଯେ, ଜାତୀୟ ଦଳର ଜର୍ସି ପରିବର୍ତ୍ତନ କୌଣସି ବଡ ନିଷ୍ପତ୍ତି ନୁହେଁ । ସେମାନେ କହିଛନ୍ତି ଯେ, ଭାରତୀୟ ଦଳର ଜର୍ସିର ରଙ୍ଗ ସମୟ ସମୟରେ ବୈଷୟିକ ଆବଶ୍ୟକତା ଏବଂ ଅନ୍ୟାନ୍ୟ ଆବଶ୍ୟକତାକୁ ଧ୍ୟାନରେ ରଖି ପରିବର୍ତ୍ତନ କରାଯାଇଛି ।



### ରଙ୍ଗ ପରିବର୍ତ୍ତନକୁ ନେଇ କ୍ଷୋଭ ପ୍ରକାଶ କଲେ ନବୀନ

ଭାରତୀୟ ହକି ଦଳର ଜର୍ସିର ରଙ୍ଗ ପରିବର୍ତ୍ତନକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି । ନୀଳ ରଙ୍ଗର ଜର୍ସି ଭାରତୀୟ ହକିର ସାମର୍ଥ୍ୟ, ଦକ୍ଷତା ଓ ଆମ ଗୌରବକୁ ସୂଚାଉଥିଲା । ଏଥିରେ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ । ଦଶନ୍ଧି ଦଶନ୍ଧି ଧରି ନୀଳ ରଙ୍ଗ ଆମ ଖେଳ ପରମ୍ପରା, ସଫଳତା ଓ ଖେଳୁଆଡ ମନୋଭାବର ପ୍ରତିକ ଥିଲା । ଏହା କେବଳ ଏକ ରଙ୍ଗ ନୁହେଁ , ଏହା ଆମ ଖେଳ ଭାବନା ସହ ଜଡିତ । ଭାରତୀୟ ହକିର ପରିଚୟ ଥିବା ନୀଳ ଜର୍ସିକୁ ବଦଳାଇବାର କ'ଣ ଆବଶ୍ୟକତା ପଡିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଥିଲା ଓଡିଶା । ହକିର ବିକାଶ ପାଇଁ ଓଡିଶାର ସହାୟତା ଏବେ ମଧ୍ୟ ଜାରି ରହିଛି । ଆଗାମୀ ୨୦୩୬ ପର୍ଯ୍ୟନ୍ତ ଓଡିଶା ହକି ଇଣ୍ଡିଆର ପ୍ରାୟୋଜକ ରହିବ ବୋଲି ଘୋଷଣା ମଧ୍ୟ ହୋଇସାରିଛି । ଏସବୁ ଭିତରେ ଆମ ସ୍ମୃତି, ଆମ ଗୌରବ, ଆମ ରଙ୍ଗ ପ୍ରତିକ ନୀଳ ରଙ୍ଗର ଜର୍ସିକୁ ପରିବର୍ତ୍ତନ କରାଯିବାର ନଥିଲା ବୋଲି ବିରୋଧୀ ଦଳର ନେତା ତଥା ପୂର୍ବତନ ନବୀନ ପଟ୍ଟନାୟକ କହିଛନ୍ତି ।

## ରାଜ୍ୟଗୋଷ୍ଠୀ କ୍ରୀଡା

# ଫାଇନାଲରେ ନୀରଜ



ନୂ ଆ ଦି ଲ୍ଲୀ , ୩୦।୭ (ଏଜେନ୍ସି) : ଗ୍ଲାସଗୋରେ ଜାରି ରହିଥିବା ରାଜ୍ୟଗୋଷ୍ଠୀ କ୍ରୀଡାର ଜାଭେଲିନ୍ ଥ୍ରୋରେ ଭାରତର ୩ ଜଣ ଖେଳାଳି ନୀରଜ ଚୋପ୍ରା, ରୋହିତ ଯାଦବ ଓ ଯଶବୀର ସିଂ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛନ୍ତି । ନୀରଜ ଆଶା ଅନୁସାରେ ପ୍ରଦର୍ଶନ କରିନଥିଲେ ମଧ୍ୟ ଫାଇନାଲ ରାଉଣ୍ଡରେ ପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି । ଗ୍ଲାସଗୋର ସ୍କଟ୍ ସଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରବଳ ପବନ ଯୋଗୁଁ ଆଥଲେଟ୍‌ମାନଙ୍କୁ କଡା ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା । ଫାଇନାଲରେ ପ୍ରବେଶ ପାଇଁ ୮୪ ମିଟର ଦୂରତା ରହିଥିଲେ ହେଁ କୌଣସି ପ୍ରତିଯୋଗୀ ଏହାକୁ ଛୁଇଁ ପାରିନଥିଲେ । ଶେଷରେ ୧୮ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୧୨ ଜଣ ଫାଇନାଲ ରାଉଣ୍ଡକୁ ଯାଇଛନ୍ତି । ଭାରତର ଗୋଲଡେନ୍ ବଏ ନିରଜ ଚୋପ୍ରା ୭୯.୬୧ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ପଞ୍ଚମ ସ୍ଥାନରେ ରହିଥିଲେ । ଏହି ପଞ୍ଚମ ସ୍ଥାନରେ ରହି ସେ ଫାଇନାଲରେ ପ୍ରବେଶ କରିଛନ୍ତି । ଯୋଗ୍ୟତା ପାଇଁ ଏହା ଯଥେଷ୍ଟ ହୋଇଥିବାରୁ ସେ ତୃତୀୟ ପ୍ରଚେଷ୍ଟା କରିନଥିଲେ । ଭାରତର ଅନ୍ୟତମ ଖେଳାଳି ରୋହିତ ଯାଦବ ୭୮.୩୭ ମିଟର ଥ୍ରୋ ସହ ଅଷ୍ଟମ ସ୍ଥାନରେ ରହି ଫାଇନାଲ ଟିକେଟ ହାସଲ କରିଛନ୍ତି । ଯଶବୀର ସିଂ ୭୮.୩୭ ମିଟର ସ୍କୋର ସହ ନବମ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଛନ୍ତି । ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟଦେଶର ଖେଳାଳିଙ୍କ ମଧ୍ୟରେ ଶ୍ରୀଲଙ୍କାର ରୁମେଶ ପଥିରାଗେ ଓ ପାକିସ୍ତାନର ଅର୍ଶଦ ନଦୀମ ପ୍ରମୁଖ ରହିଛନ୍ତି । ରୁମେଶ ୮୨.୮୪ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ହାସଲ କରିଥିଲେ । ସେହିଭଳି ନଦୀମ ୭୮.୬୩ ମିଟର ଫିଙ୍ଗି ଫାଇନାଲ ଟିକେଟ୍ ହାସଲ କରିଛନ୍ତି । ଗ୍ରେନେଡାର ଆଣ୍ଡର୍ସନ ପିଟର୍ସ ୮୧.୨୯ ମିଟର ସହ ଦ୍ୱିତୀୟ , ଦ. ଆଫ୍ରିକାର ଦୌସ୍ମିଟ୍ ୮୦.୬୪ ମିଟର ସହ ତୃତୀୟ, ଇଂଲଣ୍ଡର ବେନ୍ ଇଷ୍ଟ ୮୦.୩୮ ମିଟର ସହ ଚତୁର୍ଥ ସ୍ଥାନରେ ରହିଛନ୍ତି । ଆଗାମୀ ଅଗଷ୍ଟ ୧ ତାରିଖ ଶନିବାର ଦିନ ଭାରତୀୟ ସମୟ ରାତି ୧୨.୪୫ ମିନିଟ୍‌ରେ ପଦକ ପର୍ଯ୍ୟାୟ ଲଢେଇ ହେବ ।

# ଭାରତୀୟ ଉସୁ ଦଳରେ ଆନିକା



ଭୁବନେଶ୍ୱର, ୩୦।୭ (ସବ୍ୟୁ) : ଓଡିଶାର ପ୍ରତିଭାବାନ ଉସୁ ଖେଳାଳି ଆନିକା ପଟ୍ଟନାୟକ ଭାରତୀୟ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି । ଜର୍ଜିଆରେ ୩୦ ତାରିଖରୁ ଆରମ୍ଭ ହୋଇଥିବା ବତୁମି ଓପନରେ ଆନିକା ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି ।ସେହିଭଳି ଏହି ପ୍ରତିଯୋଗିତା ଲାଗି ଓଡିଶାର ପ୍ରଦ୍ୟୁମ୍ନ ବେହେରାଙ୍କୁ ଭାରତୀୟ ଉସୁ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଭାରତର ୨୨ ଜଣ ପୁରୁଷ ଓ ୧୯ ଜଣ ମହିଳା ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ଓ ପ୍ରଶିକ୍ଷଣ ଦେବାର ସୁଯୋଗ ପାଇଥିବାରୁ ଉଭୟ ଆନିକା ଓ ପ୍ରଦ୍ୟୁମ୍ନକୁ ରାଜ୍ୟ ଉସୁ ସଂଘ ପକ୍ଷରୁ ଅଭିନନ୍ଦନ ଓ ଶୁଭକାମନା ଜଣାଯାଇଛି । ଓଡିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ରାଜ୍ୟ ଉସୁ ସଂଘ ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉଭୟଙ୍କ ସଫଳତା କାମନା କରିଛନ୍ତି ।

# ମଡର୍ଣ୍ଣ ପେଣ୍ଟାଥଲନ ଆସୋସିଏସନ୍ ପକ୍ଷରୁ ଚିଦାନନ୍ଦଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩୦।୭ (ସବ୍ୟୁ) : ସିବିଏସ୍‌ଇ ଫର ଇଷ୍ଟ ଜୋନ୍ ସୁଇମିଂ ଚାମ୍ପିଅନସିପ୍ ୩ ଦିନ ଧରି ଛତିଶଗଡର ଭିଲାଇରେ ଅନୁଷ୍ଠିତ ହୋଇଯାଇଛି । ଏହି ଚାମ୍ପିଅନସିପରେ ଚିଦାନନ୍ଦ ସ୍ୱାଇଁ ୬ ଟି ମେଡାଲ ଯଥା - ୨ ଶହ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୪ ଶହ ମିଟର ମିଡଲେ ରିଲେରେ ସ୍ୱର୍ଣ୍ଣ, ୪ ଶହ ମିଟର ଫ୍ରି ଷ୍ଟାଇଲ୍ ରିଲେରେ ସ୍ୱର୍ଣ୍ଣ, ୫୦ ମିଟର ଫ୍ରି ଷ୍ଟାଇଲରେ ରୌପ୍ୟ, ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ, ୫୦ ମିଟର ବ୍ରେଷ୍ଟ୍ ଷ୍ଟ୍ରୋକରେ ବ୍ରୋଞ୍ଜ ପଦକ ଜିତି ଓଡିଶା ପାଇଁ ଗୌରବ ଆଣିଛନ୍ତି । ମଡର୍ଣ୍ଣ ପେଣ୍ଟାଥଲନ ଆସୋସିଏସନ୍ ତରଫରୁ ଗୁରୁବାର ପୂର୍ବତନ ସାଂସଦ ପ୍ରଶନ୍ନ କୁମାର ପାଟ୍ଟଶାଣୀଙ୍କ ବାସଭବନରେ ଆସୋସିଏସନର ସାଧାରଣ ସମ୍ପାଦକ ଏମ୍‌ଡି ଆଜମ ଉପସ୍ଥିତ ରହି ଚିଦାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଫଳତା ପାଇଁ ବାସୁଦେବ ଓଝା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମଞ୍ଜରୀ ସ୍ୱାଇଁ, ଅଞ୍ଜଳି ସ୍ୱାଇଁ, ସତ୍ୟରଞ୍ଜନ ମହାନ୍ତି ଓ ବହୁ କ୍ରୀଡା ପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି ।

# ସର୍ବ ଭାରତୀୟ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା

## ସେମିଫାଇନାଲ ଲାଇନ ଅପ ଚୂଡାନ୍ତ

ଭୁବନେଶ୍ୱର,୩୦/୭ (ସବ୍ୟୁ) : ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ଜୋନେକ୍ସ ସନରାଇଜ ସର୍ବ ଭାରତୀୟ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସମସ୍ତ ପ୍ରି କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲ ମେଚ ସମାପ୍ତ ହୋଇଯାଇ ୩୧ ତାରିଖ ହେବାକୁଥିବା ସେମି ଫାଇନାଲ ଲାଇନ ଅପ ଚୂଡାନ୍ତ ହୋଇଯାଇଛି । ଏହି ଜାତୀୟ ରେଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ପ୍ରାୟ ସମସ୍ତ ଓଡିଶା ଖେଳାଳୀ ନିଜ ନିଜ ମେଚ ହାରି ପ୍ରତିଯୋଗୀତାରୁ ବିଦାୟ ନେଇଛନ୍ତି । ଗୁରୁବାର ଅନୁଷ୍ଠିତ ବାଳିକା ସିଙ୍ଗଲସରେ ଟପ ସିଡ ତନଭି ପତ୍ରି ପ୍ରତିଯୋଗିତାର ଦଶମ ସିଡ ତାମିଲନାଡୁର ଦୀକ୍ଷା ଏସ. ଆରଙ୍କ ଠାରୁ ୧୫-୧୦,୮-୧୫ ଓ ୧୪-୧୬ ଏକ ସଂଘର୍ଷପୂର୍ଣ ମେଚ ରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ମିକ୍ସଡ଼ ଡବଲସରେ ଓଡିଶା ଯୋଡି ଦିବ୍ୟମ ଓ ସ୍ୱୀଟିପ୍ରିୟା ବାଳକ ଡବଲସରେ ଦିବ୍ୟମ -ଶୁଭ୍ର କେତନ ଯୋଡି ନିଜ ନିଜ ମେଚ ହାରି ଯାଇଛନ୍ତି । ବାଳକ ସିଙ୍ଗଲ କ୍ୱାର୍ଟର ରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ, ତେଲେଙ୍ଗାନାର ଶଶାଙ୍କ ଭାନ୍‌ମାଳା, କର୍ଣ୍ଣାଟକ ର ହାର୍ଦ୍ଦିକ ଦିବ୍ୟାନସ ତେଲେଙ୍ଗାନା ର ଟି. ଜ୍ଞାନଦତ୍ତୁ ନିଜନିଜ ମେଚ ଜିତି ସେମିଫାଇନାଲରେ ପହଂଚିଛନ୍ତି । ମିକ୍ସଡ଼ ଡବଲସ କ୍ୱାର୍ଟରରେ ଛତିଶଗଡ ତାମିଲନାଡୁ ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଭାମା ପ୍ରଭୁଆନନ୍ଦ, ମାହାରାଷ୍ଟ୍ର ଯୋଡି ପ୍ରସନ୍ନ ପ୍ରଦୀପ ଓ ସୋୟାର । ସେଲାର, କର୍ଣ୍ଣାଟକ ଯୋଡି ପୁନିଥ ଏସ. ଓ ଦୀପକ ରାଜ ଅଦିତି ଏବଂ ଦିଲ୍ଲୀ ଉତ୍ତରାଖଣ୍ଡ ଯୋଡି ଯୋଗଂଶ ସିଂ ଓ ଆନ୍ୟା ବିଷ୍ଟ ନିଜ ନିଜ ମେଚ ଜିତି ସେମି ଫାଇନାଲରେ ପହଞ୍ଚିଛନ୍ତି । ବାଳିକା ସିଙ୍ଗଲସ ରେ ତାମିଲନାଡୁର ଦୀକ୍ଷା ଏସ. ଆର., ଆଦର୍ଶିନୀ ଶ୍ରୀ ଓ ରାଜସ୍ଥାନର ପାରୁଲ ଚୌଧୁରୀ ନିଜ ନିଜ କ୍ୱାର୍ଟର ଫାଇନାଲ ମେଚ ଜିତି ସେମି ଫାଇନାଲରେ ପହଂଚିଛନ୍ତି । ୩୧ ତାରିଖ ଦିନ ସମସ୍ତ ସେମି ଫାଇନାଲ ଖେଳ ଏବଂ ୧ ତାରିଖ ପୂର୍ବାହ୍ନ ରେ ସମସ୍ତ ଫାଇନାଲ ଖେଳ ଅନୁଷ୍ଠିତ ହୋଇ ପ୍ରତିଯୋଗିତା ଉଦଯାପିତ ବୋଲି ଓସବା ସଂପାଦକ ନିଳିନ କୁମାର ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ଚିପ୍ ରେଫରି ତ୍ରିଲୋକ ଶୁକ୍ଲା, ଡେପୁଟି ରେଫରି ଭାବରେ ମାଧବ ନାରାୟଣ ଓ ପ୍ରଣବ ବିଷ୍ଣୋଇ, ମ୍ୟାଚ କଂଟ୍ରୋଲ ଭାବେ ସନ୍ଦିପ ହେବଲେ ଦାୟିତ୍ୱ ତୁଲାଉଥିବା ବେଳେ ଓଡିଆ ରେଫରି ବିଜୟ କୁମାର ବାଗ ବୈଷୟିକ ସହାୟକ ଭାବେ କାମ କରୁଛନ୍ତି ।



# ଟାଇକୋଣ୍ଡୋ ୟୁଥ୍ ପ୍ରତିଯୋଗିତା ଉଦଘାଟିତ

ଭୁବନେଶ୍ୱର, ୩୦।୭ (ସବ୍ୟୁ) : ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍, କଟକରେ ପ୍ରଥମ ଜାତୀୟ ୟୁଥ୍ ଟାଇକୋଣ୍ଡୋ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଅଲମ୍ପିକ୍ ସଂଘ ର ସଭାପତି ଶ୍ରୀଯୁକ୍ତ ସମୀର ମହାନ୍ତି ଯୋଗଦେଇଛନ୍ତି । ଭାରତୀୟ କ୍ରୀଡ଼ା ର ଅଲମ୍ପିକ ଭିଜନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ଅନ୍ୟତମ ମୁଖ୍ୟ ଅତିଥି ଭାବେ ଅଲମ୍ପିଆନ୍ ତଥା ଅର୍ଜୁନ ଆୱାର୍ଡି ଦୂତି ଚାନ୍ଦ ଉପସ୍ଥିତ ରହି ନିଜର କ୍ରୀଡ଼ା ଜୀବନ ର ସଂଘର୍ଷ ଏବଂ ସଫଳତା ବିଷୟରେ କହିଥିଲେ ସେହିପରି ଭାବେ ଟେନିସ ଚାମ୍ପିଅନ ତଥା ସମାଜସେବୀ ଶ୍ରୀମତୀ ସୁକିର୍ତି ପଟ୍ଟନାୟକ ଯୋଗଦେଇ ଟାଇକୋଣ୍ଡୋ କ୍ରୀଡ଼ା ରେ କିପରି ୟୁଥ୍ ମାନେ ଭଲଭାବେ ନିୟୋଜିତ ରହି ଅଲମ୍ପିକ୍ସ ରେ ଭାରତ କୁ ପ୍ରତିନିଧିତ୍ୱ କରିବେ ପିଲାଙ୍କୁ ଉତ୍ସାହିତ କରିଥିଲେ ଏବଂ ଅନ୍ତର୍ଜାତୀୟ ରେଫରୀ ଶ୍ରୀ ପିଟର ଫରନାଡିଜ କ୍ରୀଡ଼ା ରେ ରେଫରୀ ର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାବିତ୍ ଙ୍କ ର ଚୟନ ପ୍ରକ୍ରିୟା ରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ସର୍ବଶେଷରେ ରାଜ୍ୟ ଟାଇକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ଶ୍ରୀ ଚିନ୍ମୟ ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।



## ଫାଓ ଲିଗ୍

# ମଙ୍ଗଳା କ୍ଲବର ଗୋଲ ବର୍ଷା


ଭୁବନେଶ୍ୱର, ୩୦।୭ (ସବ୍ୟୁ) : ଫୁଟବଲ ଆସୋସିଏସନ ଅଫ ଓଡିଶାର ଘରୋଇ ଟୁର୍ଣ୍ଣାମେଣ୍ଟ ଏମ୍‌ଜିମ୍ ଫାଓ ଲିଗର ୨୭ତମ ଦିନ ଅନୁଷ୍ଠିତ ମ୍ୟାଚରେ ମଙ୍ଗଳା କ୍ଲବର ଗୋଲ ବର୍ଷା ଦେଖିବାକୁ ମିଳିଛି । ଏହି ମ୍ୟାଚରେ ମଙ୍ଗଳା କ୍ଲବ ୭-୧ ଗୋଲରେ ଜୟଦୁର୍ଗା କ୍ଲବକୁ ଧରାଶାୟୀ କରିଥିଲା । ବିଜୟୀ ଦଳ ତରଫରୁ ମହମ୍ମଦ ନିହାଲ, ହଜଲ, ରମଯାନ ମୁଣ୍ଡା, ହମବୀର ହେମ୍ବ୍ରମ, ଛବିଲା କିଶାନ ଗୋଲ ସ୍କୋର କରିଥିଲେ । ଜୟଦୁର୍ଗା କ୍ଲବ ପକ୍ଷରୁ କେବଳ ଅଭୟ ସ୍କିପୋଟା ଗୋଟିଏ ଗୋଲ ପରିଶୋଧ କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ଇଣ୍ଡିଆନ୍ ଚାଲେଞ୍ଜର କପ କରାଟେ

# ଓଡିଶା ଦଳର କୋଲକାତା ଯାତ୍ରା

ଭୁବନେଶ୍ୱର, ୩୦।୭ (ସବ୍ୟୁ) : କୋଲକାତା ର ନେତାଜୀ ଇଣ୍ଡୋର ଷ୍ଟାଡିୟମ ଠାରେ ୩୧ ଜୁଲାଇ ରୁ ୨ ଅଗଷ୍ଟ ୨୦୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଣ୍ଡିଆନ ଚାଲେଞ୍ଜର କପ କରାଟେ ପ୍ରତିଯୋଗୀତା ରେ ଭାଗ ନେବା ନିମନ୍ତେ ଓଡିଶା ଦଳ କୋଲକାତା ଅଭିମୁଖେ ଯାତ୍ରା କରିଛନ୍ତି । ଏହି ପ୍ରତିଯୋଗିତାରେ ଓଡିଶାରୁ ଅନେକ ଜାତୀୟ ପଦକ ବିଜେତା କରାଟେ କା ଭାଗ ନେଉଛନ୍ତି । ପୁରୁଷ ବିଭାଗରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ ହେଲେ : ଆଦବିକ ନାୟକ , ଆଦିତ୍ୟ ବାରିକ , ବି . ଗୋପାଳ ରାଓ , ବି ଶ୍ରିତମ, ବାସୁଦେବ ପଣ୍ଡା , ଦିବ୍ୟ ପ୍ରସାଦ ନାୟକ , ଦିବିତ ସ୍ୱାଇଁ , ଓମ ସତ୍ମମ ମହାନ୍ତି , ଓମ ଶୁଭମ ମହାନ୍ତି , ରାଜୀବ ଭୋଇ , ରେୟାନ୍ସ ପଣ୍ଡା , ରୋହିତ ସ୍ୱାଇଁ , ରୋଶନ ସାଇ ପାଲ, ସଶାଙ୍କ ମହାରଣା, ସୋହମ ସ୍ୱାଇଁ , ଶୁଭକାନ୍ତ ବିଶ୍ୱାଳ, ସୃଜ୍ୟ ନାରାୟଣ ମାର୍ଥ, ସୂର୍ଯ୍ୟାନ୍ସ ପଣ୍ଡା, ସ୍ୱୟମ ପ୍ରକାଶ , ତୁଷାର ବିଶ୍ୱାଳ , ଲଇଲେଶ ବିଶ୍ୱାଳ । ମହିଳା ବିଭାଗରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ ହେଲେ:- ଲୋମା ସ୍ବାଇଁ , ପ୍ରିୟଦର୍ଶିନୀ ଦାସ, ଆଦ୍ୟଶା ସରଙ୍ଗି ,ଅଦ୍ୟାଶ ପ୍ରିୟଦର୍ଶିନୀ, ନ୍ୟାଶା କୁମାରୀ , ଦିପ୍ତିମୟୀ ସ୍ବାଇଁ , ଦିଶାନ୍ତିକା ପଣ୍ଡା , ଈଶାନୀ ପଣ୍ଡା , ମୋକଷିତା ପଣ୍ଡା ,ପ୍ରତିକ୍ଷ୍ୟା ପଣ୍ଡା ,ଶ୍ରେୟା ଶୁଭଦର୍ଶିନୀ , ସ୍ନିଗ୍ଧା ଶୁବୁଦ୍ଧି , ସୁଜ୍ଞାନୀ ସାବତ, ପ୍ରମୁଖ ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ଓ ଓଜନ ବର୍ଗ ରେ ଅଂଶ ଗ୍ରହଣ କରିବେ ।



# ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତା ସଫଳ ଆୟୋଜନ

ଫୁଲନଖରା, ୩୦।୭ (ସବ୍ୟୁ) : କଟକ ସଦର କଳପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଉତରାପୁରସ୍ଥିତ ଲିଲି ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଆୟୋଜିତ ଦ୍ୱିତୀୟ ସର୍ବଓଡ଼ିଶା ଆନ୍ତଃବିଦ୍ୟାଳୟ ବାସ୍କେଟବଲ ପ୍ରତିଯୋଗିତା୨୦୨୬ ଉତ୍ସାହ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ପରିବେଶ ମଧ୍ୟରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବ ଖେଳାଳିମାନଙ୍କ ଚମତ୍କାର ପ୍ରଦର୍ଶନ ପ୍ରତିଯୋଗିତାକୁ ଆକର୍ଷଣୀୟ କରିଥିଲା । ଉଦ୍‌ଘାଟନୀ ଓ ପୁରସ୍କାର ବିତରଣ ଉତ୍ସବରେ କଟକ ସଦରର ମାନ୍ୟବର ବିଧାୟକ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶର ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ । ରାଜ୍ୟସ୍ତରୀୟ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିଥିବାରୁ ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ ଡ଼ଃ ଜାହିର ବେଗ ଓ ସମ୍ପାଦକ ସକିଲ ଅଖ୍ତର ଖାନ ମଧ୍ୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଓ ବ୍ରହ୍ମପୁର ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୬ଟି ବିଦ୍ୟାଳୟର ବାସ୍କେଟବଲ ଦଳ ଅଂଶଗ୍ରହଣ କରିଥିଲେ । ଖେଳାଳିମାନେ ନିଜର ଉତ୍କୃଷ୍ଟ କ୍ରୀଡ଼ାନୈପୁଣ୍ୟ, ଦଳୀୟ ସମନ୍ୱୟ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ମନୋଭାବର ପରିଚୟ ଦେଇ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ । ବାଳକ ବିଭାଗରେ ଏସଏଏଲ ସ୍ପୋର୍ଟସ ଏକାଡେମୀ ଚାମ୍ପିୟନ ହୋଇଥିବାବେଳେ ଓଡିଏମ ଗ୍ଲୋବାଲ ସ୍କୁଲ ରନର୍ସ-ଅପ ହୋଇଥିଲା । ସେହିପରି ବାଳିକା ବିଭାଗରେ ଓଡିଏମ ଗ୍ଲୋବାଲ ସ୍କୁଲ ଚାମ୍ପିଅନ ହୋଇଥିବାବେଳେ ବକ୍ସି ଗାର୍ଲ୍ସ ହାଇସ୍କୁଲ ରନର୍ସ-ଅପ ସ୍ଥାନ ଅଧିକାର କରିଥିଲା । ଉଭୟ ବିଭାଗର ଚାମ୍ପିଅନ ଦଳକୁ ୫,୦୦୦ ନଗଦ ପୁରସ୍କାର, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ରନର୍ସ-ଅପ ଦଳମାନଙ୍କୁ ୩,୦୦୦ ନଗଦ ପୁରସ୍କାର, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହା ସହିତ ପ୍ରତିଯୋଗିତାରେ ଯୋଗଦେଇଥିବା ସମସ୍ତ ଖେଳାଳି ଓ ଦଳକୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ, କ୍ରୀଡ଼ାପ୍ରେମୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମାଗମ ଘଟିଥିଲା । ଖେଳାଳି, ପ୍ରଶିକ୍ଷକ, ଅତିଥି ଓ ଦର୍ଶକମାନଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ଖାଦ୍ୟ, ପାନୀୟ, ବିଶ୍ରାମ ସମେତ ସମସ୍ତ ଆବଶ୍ୟକ ସୁବିଧାର ସୁଚାରୁ ବ୍ୟବସ୍ଥା କରାଯାଇଥିଲା । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଶ୍ରୀମତୀ ସାଗରିକା ପତି ସମସ୍ତ ଅତିଥି, ଖେଳାଳି, ପ୍ରଶିକ୍ଷକ, ଅଭିଭାବକ ଓ କ୍ରୀଡ଼ାପ୍ରେମୀଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶ ପାଇଁ ପାଠପଢ଼ା ସହ କ୍ରୀଡ଼ାର ସମାନ ଗୁରୁତ୍ୱ ରହିଛି । ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ସହଯୋଗୀମାନଙ୍କ ସମନ୍ୱିତ ପ୍ରୟାସ ଫଳରେ ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା । ଶେଷରେ ପ୍ରତିଯୋଗିତାର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଦଳ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ଶୁଭେଚ୍ଛୁମାନଙ୍କୁ ବିଦ୍ୟାଳୟ ପକ୍ଷରୁ ହୃଦୟପୂର୍ବକ କୃତଜ୍ଞତା ଜଣାଯାଇଥିଲା ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି